

ତୃତୀୟ ରାଉଣ୍ଡରେ ସାବାଲେଙ୍କା
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-9 •BHUBANESWAR •THURSDAY •3 JULY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୯ •ଭୁବନେଶ୍ୱର •ଗୁରୁବାର •୩ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଦୁଇ ଦିନ ହେଲା ସମୂହ ଛୁଟିରେ ଓଏଏସ୍ ଅଧିକାରୀ

# ପ୍ରଶାସନ ଅଚଳ

- ପୁଣି ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ
- ମାଷ୍ଟର୍‌ମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବି

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନ ହେଲା ସାରା ରାଜ୍ୟରେ ସୃଷ୍ଟି ହୋଇଛି ପ୍ରଶାସନିକ ଅଚଳାବସ୍ଥା । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ବର୍ବରୋଚିତ ମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର ଏହି ଦାବିକୁ ଅନ୍ୟ ସଂଘଗୁଡ଼ିକ ସମର୍ଥନ ଜଣାଇଛି। ଫଳରେ ଗତକାଲି ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିଥିବାବେଳେ ବୁଧବାର ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଶାସକ ଦଳର ନେତାମାନଙ୍କ ଉତ୍ପାତ ଯୋଗୁଁ ଅସୁରକ୍ଷିତ ମଣୁଥିବା ସରକାରୀ ଅଧିକାରୀମାନେ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି। ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡ଼ିଜି, ଏଜି ପ୍ରମୁଖ ସଂଘ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାର ତାଙ୍କ ପ୍ରତିଶ୍ରୁତି ରଖିବାରେ ବିଫଳ ହେବା ଯୋଗୁଁ ଗତ ୨ ଦିନ ହେଲା ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ▶ପୃଷ୍ଠା-୭

## ହସ୍‌ପିଟାଲରେ ରତ୍ନାକର

### ଅଫିସରେ କାର୍ଯ୍ୟ କରୁଥିବାବେଳେ ଗଳିପଡ଼ିଲେ



■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନତଳେ ବିଜେପି ନେତା ଓ କର୍ମୀଙ୍କ ମରଣାନ୍ତକ ଆକ୍ରମଣ ପରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟର କାର୍ଯ୍ୟ କରୁଥିବାବେଳେ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଛନ୍ତି। ତୁରନ୍ତ ଅନ୍ୟ କର୍ମଚାରୀମାନେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ବିଜେପି କର୍ମୀ ଓ ନେତାଙ୍କ ନିସ୍ଥୁକ ମାଡ଼ ପରେ ତାଙ୍କ ▶ପୃଷ୍ଠା-୭

# ଅଠାକାଠିରେ ସରକାର

■ **ଭୁବନେଶ୍ୱର, ୨।୭ (ସମିସ):** ବିଜେପିର ପରାଜିତ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓରଫ୍ ଜଗାଙ୍କ ପ୍ରସଙ୍ଗକୁ ନେଇ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ସରକାର। ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବେ ନା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବାକୁ ଜଗାଙ୍କୁ ଗିରଫ କରିବେ ତାହା ନିଷ୍ପତ୍ତି ନେଇ ପାରୁନାହାନ୍ତି । ଘଟଣା ଘଟିବାର ୪୮ ଘଣ୍ଟା

### ସରକାର ନେବେ ଜଗନ୍ନାଥଙ୍କ ନିଷ୍ପତ୍ତି: ମନମୋହନ

ବିତି ଯାଇଥିଲେ ହେଁ ଜଗାଙ୍କୁ ଗିରଫ କରାଯାଇ ନାହିଁ। ଆଜି ସନ୍ଧ୍ୟାରେ ଖାରବେଳ ନଗର ଥାନାର ସୁରକ୍ଷା ବୃଦ୍ଧି ଓ ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥଙ୍କ ଉପସ୍ଥିତିକୁ ନେଇ ତାଙ୍କୁ ଗିରଫ କରାଯାଇପାରେ ବା ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଲା। ମାତ୍ର ସେପରି କିଛି ଘଟିଲା ନାହିଁ। ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କବାଟକିଳା ▶ପୃଷ୍ଠା-୭





### ନାକଚଣା ଦ୍ୱାରରେ ତାଳଧ୍ୱଜ, ଦର୍ପଦଳନ

## ରୁଷିଛି ଜଗା; ଗଡ଼ିଲାନି ନନ୍ଦିଘୋଷ

■ **ପୁରୀ, ୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥୀରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୫

### ଆଜି କାଳିଆ ରଥର ଦକ୍ଷିଣମୋଡ଼

ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ▶ପୃଷ୍ଠା-୭

## ଖଣିରେ ଅତଡ଼ା ଖସି ୩ ମୃତ



■ **ଯୋଡ଼ା, ୨।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଚାକୁଣ୍ଡି, ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ନ ସମୟରେ ଏକ ବେଆଇନ ମାଙ୍ଗାନିଜ ଖଣିରେ କାମ କରୁଥିବା ବେଳେ ତିନିଜଣ ନିରୀହ ଶ୍ରମିକ ମାଟି ଅତଡ଼ା ଖସିବାରୁ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷାରେ ମାଟି ଅତଡ଼ା ଖସି ପଡ଼ିବା ଫଳରେ ସେମାନେ ଚାପିହୋଇ ରହିଯାଇଥିଲେ। ମୃତ ଶ୍ରମିକମାନେ ହେଲେ ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯) ଓ କାଣ୍ଡେ ମୁଣ୍ଡା (୧୮)। ବନ ବିଭାଗ, ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ା ପୁଲିସ ଘଟଣାର ତଦନ୍ତ ଜାରି ▶ପୃଷ୍ଠା-୭


TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ପିଏମ୍ - ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା**

ସୌର ବିପ୍ଳବରେ ଅଂଶୀଦାର ହୁଅନ୍ତୁ

- ସରକାରୀ ସବସିଡି
- ବିଦ୍ୟୁତ୍ ବିଲ ହ୍ରାସ
- ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସୋଲାର ପ୍ୟାନେଲ ସ୍ଥାପନାରେ ସରକାରଙ୍କ ଦ୍ୱାରା ସବସିଡି

| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,000.00 ଟଙ୍କା | ୨୫,000.00 ଟଙ୍କା | ୫୫,000.00 ଟଙ୍କା |
| ୨ | ୬୦,000.00 ଟଙ୍କା | ୫୦,000.00 ଟଙ୍କା | ୧୧୦,000.00 ଟଙ୍କା |
| ୩ | ୭୮,000.00 ଟଙ୍କା | ୬୦,000.00 ଟଙ୍କା | ୧୩୮ ,000.00 ଟଙ୍କା |



ଅଧିକ ବିବରଣୀ ପାଇଁ
www.pmsuryaghar.gov.in
କିମ୍ବା ସ୍କାନ କରନ୍ତୁ :

ରାଷ୍ଟ୍ରୀୟ ଗ୍ରାହକ ସେବା: 15555
ଟିପିଏନଓଡ଼ିଏଲ ଗ୍ରାହକ ସେବା: 1800-3456-718 / 1912
*Conditions apply

tpnodl.odisha | tpnodl.odisha | tpnodl_balasore | www.tpnodl.com



**ଆଜି ହିଁ ନିଜର ପ୍ରିୟଜନଙ୍କୁ ନାମାଙ୍କିତ କରନ୍ତୁ, ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ**



ନାମାଙ୍କନ ସୁନିଶ୍ଚିତ କରେ ଯେ ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କର ପ୍ରିୟଜନମାନେ ବିନା କୌଣସି ସମସ୍ୟାରେ ଆପଣଙ୍କ ଆର୍ଥିକ ସମ୍ପତ୍ତି ପାଇବେ

- ନିଜର ବ୍ୟାଙ୍କ ଖାତା, ଲକର୍ ଏବଂ ଅନ୍ୟାନ୍ୟ ଆର୍ଥିକ ସମ୍ପତ୍ତି ପାଇଁ ଆପଣଙ୍କର ନାମାଙ୍କନ ପଞ୍ଜୀକରଣ କରନ୍ତୁ
- ନାମାଙ୍କନ ବିବରଣୀ ବ୍ୟାଙ୍କ ସାଥିରେ ଯାଞ୍ଚ କରାଯାଇପାରିବ




ଅଧିକ ଜାଣିବା ପାଇଁ, ଭିଜିଟ କରନ୍ତୁ https://rbikehtahai.rbi.org.in/nf
ଫିଡ୍‌ବ୍ୟାକ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## 'ମାଇସା'ର ପୋଷ୍ଟର୍ ରିଲିଜ୍
# ରକ୍ତମୁଖା ରଶ୍ମିକା





ଅଭିନେତ୍ରୀ ରଶ୍ମିକା ମନ୍ଦାନା ଖୁବ୍‌ଶୀଘ୍ର ରବୀନ୍ଦ୍ର ପୁଲେଙ୍କ ଚଳଚ୍ଚିତ୍ର 'ମାଇସା'ରେ ଦେଖାଯିବେ । ନିକଟରେ ଖୋଦ୍ ରଶ୍ମିକା ସାମାଜିକ ଗଣମାଧ୍ୟମରେ ଏହାର ପୋଷ୍ଟର୍ ସେୟାର୍ କରିଛନ୍ତି । ପୋଷ୍ଟର୍‌ରେ ରଶ୍ମିକା ବେଶ୍ ଉଗ୍ର ରୂପରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଧା ଚେହେରା ଢାଙ୍କି ହୋଇ ରହିବା ସହ ମୁହଁରେ ରକ୍ତ ଛିଟା ଲାଗିଥିବାର ଦେଖାଯାଇଛି । ସେ ଲାଲ୍ ରଙ୍ଗର ଶାଢ଼ି ସହ ଆଦିବାସୀମାନଙ୍କର ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଥିଲେ । ରଶ୍ମିକା ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- ମୁଁ ସବୁବେଳେ ଆପଣଙ୍କୁ କିଛି ନୂଆ...କିଛି ଅଲଗା...କିଛି ରୋମାଞ୍ଚକର ଅନୁଭୂତି ଦେବାକୁ ଚେଷ୍ଟା କରେ । ଏହା ତନ୍ମଧ୍ୟରୁ ଗୋଟିଏ । ଏହା ଏମିତି ଏକ ଚରିତ୍ର ଯାହା ମୁଁ ପୂର୍ବରୁ କେବେ କରି ନ ଥିଲି । ଏହା ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ରଖି ନ ଥିଲି । ଏହା ଭୟଙ୍କର ବହୁତ ଗମ୍ଭୀର ମଧ୍ୟ । ଫିଲ୍ମଟିକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି । ଆମେ କ'ଣ ତିଆରି କରିବାକୁ ଯାଉଛୁ, ଆପଣମାନେ ଦେଖନ୍ତୁ । ଏହା ଆରମ୍ଭ ମାତ୍ର # ମାଇସା ।'


ନିକଟରେ ରଶ୍ମିକାଙ୍କ ଅଭିନୀତ 'କୁବେର' ମୁକ୍ତିଲାଭ କରିଛି । ଏଥିରେ ତାଙ୍କ ବିପକ୍ଷରେ ଧନୁଷ ଦେଖାଯାଇଛନ୍ତି । ସେହିଭଳି ସେ ଆଗାମୀ ଦିନଗୁଡ଼ିକରେ ତେଲୁଗୁ ଫିଲ୍ମ 'ଦ ଗର୍ଲଫ୍ରେଣ୍ଡ' ଓ ସଞ୍ଜୟ ଦତ୍ତ, ଆୟୁଷ୍ମାନ୍ ଖୁରାନାଙ୍କ ସହ 'ଥାମା'ରେ ଦେଖାଯିବେ ।

# ଗୁମ୍ଫାରେ ୪ ବର୍ଷ

ଚୀନ୍‌ର ୩୫ ବର୍ଷୀୟ ମୀନ ହେଙ୍ଗକୋଇ ବିବାହ ଏବଂ ଚାକିରି ଚିନ୍ତାଧାରାକୁ ନିରର୍ଥକ ବୋଲି ମାନନ୍ତି । ତେଣୁ ସେ ସବୁ କିଛି ତ୍ୟାଗ କରି ଚାରି ବର୍ଷ ହେଲାଣି ଗୋଟିଏ ଗୁମ୍ଫାରେ ରହି ଆସୁଛନ୍ତି । ଦକ୍ଷିଣ-ପଶ୍ଚିମ ଚୀନ୍‌ର ସିଚୁଆନ ଇଲାକାର ଏକ ଗୁମ୍ଫାରେ ସେ ରହୁଛନ୍ତି । ମୀନ ଏହି ଗୁମ୍ଫାର ନାଁ ରଖିଛନ୍ତି 'ବ୍ଲାକ୍‌ହୋଲ୍' । ୨୦୨୧ ମସିହାରେ ସେ ଡ୍ରାଇଭର ଚାକିରି ଛାଡ଼ିଲେ । ଏ ଲାଗି ତାଙ୍କୁ ୧୪୦୦ ଡଲାର ଦରମା ମିଳୁଥିଲା । ତେବେ ସେ ସହରର ବ୍ୟସ୍ତତାପୂର୍ଣ୍ଣ ଜୀବନରୁ ବାହାରି ନିଜ ଗାଁକୁ ଆସିଲେ । ଏଠାରେ ଗୋଟିଏ ଗୁମ୍ଫାରେ ରହିଲେ । ଚାକିରି ତାଙ୍କୁ ନିରର୍ଥକ ମନେ ହୁଏ । ଏହାପୂର୍ବରୁ ସେ ସମ୍ପର୍କୀୟଙ୍କ ଠାରୁ ଧାର ସୂତ୍ରରେ ଆଣିଥିବା ଟଙ୍କାକୁ ଶୁଝିବା ଲାଗି ଦିନକୁ ୧୦ ଘଣ୍ଟା କାମ କରୁଥିଲେ । ଏବେ ବି ଋଣ ବାବଦକୁ ତାଙ୍କର ୪୨ ହଜାର ଡଲାର ବାକି ଅଛି । ଋଣ ଶୁଝିବା ଆଶା ଏବେ ସେ ଛାଡ଼ି ଦେଇଛନ୍ତି । ସେ କହନ୍ତି, ତାଙ୍କ ସମ୍ପର୍କୀୟମାନେ ତାଙ୍କ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି । ନଚେତ୍ ସେ ଏହା ମାଧ୍ୟମରେ ଋଣ ଟଙ୍କା ସୁଝି ଦେଇଥାନ୍ତେ । ସେହିପରି ୫୦ ବର୍ଗ ମିଟର ସ୍ଥାନରେ ସେ ନିଜର ଗୁମ୍ଫା ତିଆରି କରିଛନ୍ତି । ଏ ଲାଗି ୬ ହଜାର ଡଲାର ଖର୍ଚ୍ଚ କରିଛନ୍ତି । ସେ ସବୁଦିନ ସକାଳ ୮ ଟାରେ ଉଠନ୍ତି । ଦିନ ତମାମ ପଢ଼ାପଢ଼ି, ବୁଲାବୁଲି ଏବଂ କ୍ଷେତରେ କାମ କରିବାରେ ସେ ସମୟ ଅତିବାହିତ କରନ୍ତି । ସେ ରାତି ୧୦ଟା ସୁଦ୍ଧା ଶୋଇଯାନ୍ତି । ମୀନ ମୁଖ୍ୟତଃ ନିଜେ ଚାଷ କରୁଥିବା ପନିପରିବା ଖାଆନ୍ତି । ଅତି ଆବଶ୍ୟକ ପଡ଼ିଲେ ସେ ଟଙ୍କା ଖର୍ଚ୍ଚ କରୁଥିବା କହନ୍ତି । ସହରରେ କାମ କରିବା ବେଳେ ସେ ଏଭଳି ବଞ୍ଚିବା ପାଇଁ ସ୍ୱପ୍ନ ଦେଖିଥିଲେ । ତେବେ ସେ ବିବାହ କରିବାକୁ ମନା କରିଛନ୍ତି । କାରଣ ଏହାଦ୍ୱାରା ଅଯଥା ସମୟ ଓ ଟଙ୍କା ନଷ୍ଟ ହେଉଥିବା ସେ କୁହନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି କଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖିଛନ୍ତି ।



# ନଖରେ ହେଉଛି ପେମେଣ୍ଟ!



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଥିରେ ଦେଖିବାକୁ ମିଳିଛି ଯେ, ଜଣେ ମହିଳା ନଖରେ ଲାଗିଥିବା କୌଣସି ଚିପ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏହାକୁ ଦେଖି କାର୍ଡ ଏବଂ ମୋବାଇଲର ଆବଶ୍ୟକତା ଶେଷ ହୋଇଥିବା ଲୋକେ ପ୍ରଶ୍ନ କରିଛନ୍ତି । ତେବେ ମହିଳା ଜଣକ ଯେଉଁ ଚିପ୍‌କୁ ନଖରେ ଲଗାଇଛନ୍ତି, ତାହା ଦେଖିବାକୁ ଏକ କ୍ଷୁଦ୍ରାକାର ଇଲେକଟ୍ରୋନିକ୍ ଡିଭାଇସ୍ । ଦେଖିବାକୁ ଯଦିଓ ଏହା ହାଇଟେକ୍ ଲାଗୁଛି, ସତରେ ଏହା କାମ କରୁଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ କୌଣସି ଚିପ୍ ମେସିନ୍ କିମ୍ବା ଡିଭାଇସ୍ ସଂସ୍ପର୍ଶରେ ଆସିଲେ ହିଁ କାମ କରିଥାଏ । ଆଜିକାଲି ସ୍ମାର୍ଟ କାର୍ଡ ଏବଂ ମୋବାଇଲ ପେମେଣ୍ଟରେ ଏନ୍‌ଏଫ୍‌ସି (ନିୟର୍ ଫିଲ୍ଡ କମ୍ୟୁନିକେସନ) ଟେକ୍ନିକ୍‌ର ବ୍ୟବହାର ହେଉଛି । ଏହା ହେଉଛି ଏକ ୱେୟାର୍‌ଲେସ୍ ଟେକ୍ନିକ୍ । ଯାହାକି ଦୁଇଟି ଡିଭାଇସ୍‌କୁ ନିକଟତର କରି ଡାଟା ସେୟାର୍ କରିବା ସୁବିଧା ପ୍ରଦାନ କରେ । କୁହାଯାଉଛି ଯଦି ଏହି ଚିପ୍‌ରେ ଏନ୍‌ଏଫ୍‌ସି ଫିଚର ଥାଏ ଏବଂ ସକ୍ରିୟ ସ୍ଥିତିରେ ଥିବ, ତେବେ ସୀମିତ ପରିସର ମଧ୍ୟରେ ପେମେଣ୍ଟ ସମ୍ଭବ ହୋଇପାରିବ । ହେଲେ ଏହି ଭିଡିଓଟିକୁ ଧ୍ୟାନରେ ଦେଖିଲେ, ଚିପ୍‌ରେ କୌଣସି ଆକ୍ରିଲିକ୍ କୋଟିଂ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଏଥିରେ କୋଟିଂ ଥିଲେ, ଏହା ସହଜରେ କୌଣସି ସ୍କାନର କିମ୍ବା ଏନ୍‌ଏଫ୍‌ସି ରିଡର ସଂସ୍ପର୍ଶରେ ଆସିପାରିବ ନାହିଁ । ଏହାବାଦ୍ ପେମେଣ୍ଟ ବି ବାର୍‌କୋଡ୍ ସ୍କାନର ମାଧ୍ୟମରେ ହେଉଛି । ଏଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ମହିଳା ଜଣକ ନଖରେ ନୁହେଁ, ବରଂ କୌଣସି କ୍ୟୁଆର୍ କୋଡ୍ କିମ୍ବା ଆପ୍ ଦ୍ୱାରା ପେମେଣ୍ଟ କରିଛନ୍ତି ।

# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ

ପ୍ରତିବର୍ଷ ଜୁଲାଇ ୩ ତାରିଖକୁ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ଏହାର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ । ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ନଷ୍ଟ ହେବାକୁ ୧୦୦ରୁ ୫୦୦ ବର୍ଷ ସମୟ ଲାଗିଥାଏ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ଉପରେ କଟକଣା ଲଗାଯିବା ସହ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରାଯିବା ଜରୁରି ହୋଇପଡ଼ିଛି । ପ୍ରଥମ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ୩ ଜୁଲାଇ, ୨୦୦୮ ରେ ପାଳନ କରାଯାଇଥିଲା । ଏହାକୁ ଜିରୋ ୱେଷ୍ଟ ୟୁରୋପର ସଦସ୍ୟ ରେଜୋରା ଆରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏହି ଦିବସର ଆରମ୍ଭ କରାଯାଇଥିଲା । ଅଧିକାଂଶ ପ୍ଲାଷ୍ଟିକ୍ ବ୍ୟାଗ୍ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ । ଯାହାକି ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପ୍ଲାଷ୍ଟିକ୍ କାରଣରୁ ହେଉଥିବା ପ୍ରଦୂଷଣ ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ଅଧିକ ପରିମାଣରେ ଦାୟୀ । ଏହା ଆମ ପରିବେଶକୁ ଅନେକ ଉପାୟରେ କ୍ଷତି କରୁଛି । ଏହା ବ୍ୟତୀତ, ଏହା ସମୁଦ୍ରରେ ବାସ କରୁଥିବା ଜୀବମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ, ଏହି ଦିନର ମହତ୍ତ୍ୱ ବୁଝିବା ଜରୁରୀ । ଏହି ଦିନ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା, କାଗଜ, ଝୋଟରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଏ ।




## ଆଜିର ଇତିହାସ


- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।
- ୨୦୧୨- ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ ।

# ଜଳ ସଞ୍ଚୟର ଅଜବ ଉପାୟ

ସାମାଜିକ ଗଣମାଧ୍ୟମରେ ଜଣେ ମହିଳା ଘରେ ଜଳ ସଞ୍ଚୟର ଏକ ଭିଡିଓ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମହିଳାଙ୍କ ପୂରା ପରିବାର ସପ୍ତାହେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଥିବା ପାଣିରେ ହାତ ଧୁଅନ୍ତି । ମହିଳାଙ୍କ ମତରେ ପାଣିରେ ସାବୁନ କଣିକା ଥିଲେ ଏବଂ ଏହା ଘନ ହୋଇ ନ ଥିଲେ , ସେହି ପାଣିକୁ ବାରମ୍ବାର ବ୍ୟବହାର କରାଯାଇପାରିବ । ଏହି ପରିବାର ଗୋଟିଏ ବେସିନ୍‌ରେ ପାଣି ରଖନ୍ତି । ଏହି ପାଣିରେ ପରିବାରର ସମସ୍ତ ସଦସ୍ୟ ଓ ଅତିଥି ହାତ ଧୋଇଥାନ୍ତି । ତେବେ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ନ ହେବା ପର୍ଯ୍ୟନ୍ତ ଏହାକୁ ବଦଳା ଯାଇ ନ ଥାଏ । ଉକ୍ତ ପରିବାରର କହିବା କଥା ପ୍ରତିଥର ଭଲ ପାଣିରେ ହାତ ଧୋଇବା ହେଉଛି ଅନାବଶ୍ୟକ ଖର୍ଚ୍ଚ । ତାଙ୍କ ମତରେ ସାବୁନ ଯୁକ୍ତ ପାଣିରେ ଜୀବାଣୁ ମାରିବା କ୍ଷମତା ଅଛି । ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଜଳ ସଞ୍ଚୟ ହୋଇଥାଏ । ସେହିପରି ଏହା ଯୋଗୁଁ ତାଙ୍କ ପାଣି ବିଲ୍ କମ୍ ଆସିଥାଏ । ଏହି ବେସିନ୍‌କୁ ସେମାନେ ରୋଷେଇ ଘରେ ରଖିଛନ୍ତି । ଏଥିରେ ସମସ୍ତ ଲୋକ ହାତ ଧୁଅନ୍ତି । ଏହା ପରିବେଶ ପାଇଁ ଲାଭଦାୟକ ହୋଇଥାଏ ବୋଲି ପରିବାରର ସଦସ୍ୟମାନେ କୁହନ୍ତି । ତେବେ ଲୋକେ ସମ୍ପୃକ୍ତ ପରିବାରର ଏହି ଅଭ୍ୟାସକୁ ଅପରିଷ୍କାର ବୋଲି କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଉପାୟକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସପ୍ତାହେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବାକୁ ଜଳକୁ ବ୍ୟବହାର କରିବା ଦ୍ୱାରା ଏଥିରୁ ଜୀବାଣୁ ଏବଂ କବକ ସଂକ୍ରମଣ ହୋଇପାରେ । ସାବୁନ କଣିକା ଜୀବାଣୁକୁ ନଷ୍ଟ କରିଲେ ବି ବାରମ୍ବାର ଏହାକୁ ବ୍ୟବହାର କରାଯାଉଥିବାରୁ ଏହା ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଧୋଇବା ପାଇଁ ସବୁବେଳେ ପରିଷ୍କାର ପାଣିର ବ୍ୟବହାର କରିବା ଉଚିତ ।



# ଘାତକ ପାଲଟିଲା ପ୍ରସାଧନ ସାମଗ୍ରୀ



କେହି କେବେ ଲିପ୍‌ଷ୍ଟିକ୍, ବ୍ଲଶର୍ ଭଳି ପ୍ରସାଧନ ସାମଗ୍ରୀ ଖାଉ ନ ଥିବେ । ହେଲେ ତାଇୱାନର ଜଣେ ୨୪ ବର୍ଷୀୟା ଇନ୍‌ଫ୍ଲୁଏନସର୍ ଏସବୁ ଖାଇବା ଲାଗି ଚର୍ଚ୍ଚିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ ଗୁଆବା ବିୟୁଟି ନାଁରେ ପରିଚିତ ଥିଲେ । ସେ ତାଙ୍କ ସୌନ୍ଦର୍ଯ୍ୟ, ମଧୁର ସ୍ୱର, ଏବଂ କସମେଟିକ୍ ଜିନିଷ ଖାଇବା ପାଇଁ ବେଶ୍ ଚର୍ଚ୍ଚିତ ଥିଲେ । ହେଲେ ଏହି ସଉକ ତାଙ୍କ ପାଇଁ ଏବେ କାଳ ପାଲଟିଛି । ଅଚାନକ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପ୍ରଶଂସକ ସମ୍ପୃକ୍ତ ଇନଫ୍ଲୁଏନସର୍‌ଙ୍କ ମୃତ୍ୟୁର କାରଣ କିଭଳି ହେଲା ଜାଣିବାକୁ ଚାହିଁଛନ୍ତି । କୌଣସି ବିଷାକ୍ତ କସ୍‌ମେଟିକ୍ ଜିନିଷ ଖାଇ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଉଛି । ସେହିଭଳି ଆଉ କିଛି ଜଣ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛନ୍ତି । ସେ ତାଙ୍କର ପ୍ରତ୍ୟେକ ଭିଡିଓରେ ଲିପଷ୍ଟିକ୍, ବ୍ଲଶର୍, ଫେସ୍ ମାସ୍କ ଏବଂ କଟନ୍ ପ୍ୟାଡ୍ ଭଳି ସୌନ୍ଦର୍ଯ୍ୟ ଉତ୍ପାଦକୁ ଖାଇବା ସହ ଏହାର ସ୍ୱାଦ କିପରି ଲାଗୁଛି ସେସମ୍ପର୍କରେ ତାଙ୍କର ଅନୁଗାମୀମାନଙ୍କୁ କହୁଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

ସକାଳ THE SAKALA
ଗୁରୁବାର
୩ ଜୁଲାଇ, ୨୦୨୫


**ଭାଙ୍ଗିଲା ସାଳନ୍ଦୀ ନଦୀବନ୍ଧ**

# ଗାଁରେ ପଶିଲା ବନ୍ୟା ପାଣି



ଭଦ୍ରକ,୨।୭(ସମିସ): ଲଗାଣ ବର୍ଷା ପାଇଁ ଭାଙ୍ଗିଲା ସାଳନ୍ଦୀ ନଦୀବନ୍ଧ। ଭଦ୍ରକ ପୌର ପରିଷଦର ୨୯ ନମ୍ବର ୱାର୍ଡ ଦୁର୍ଗାପୁରଠାରେ ସାଳନ୍ଦୀ ନଦୀରେ ବନ୍ଧ ଭାଙ୍ଗି ଯାଇଥିବା ଜଣାପଡିଛି। ଫଳରେ ବନ୍ୟା ପାଣି ଆଖପାଖ ଗାଁ ଭିତରରେ ପ୍ରବେଶ କରିଛି। ସାଳନ୍ଦୀ ଜଳସେଚନ ବିଭାଗ ଯନ୍ତ୍ରୀ ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି। ବାଲି ପକାଇ ବନ୍ଧକୁ ମରାମତି କରାଯିବ ବୋଲି ସୂଚନା ମିଳିଛି।ବିଶେଷ କରି ୨୯ ନମ୍ବର ଓ ୩୦ନମ୍ବର ୱାର୍ଡ ସମେତ ଖଣ୍ଡତଡା ପଞ୍ଚାୟତର ବହୁ ଗାଁ ଏବେ ଜଳବନ୍ଦୀ ହୋଇଛି। ଅନେକ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ଏନେଇ କିଛି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ବିପନ୍ନ ପରିବର। ଅନ୍ୟପକ୍ଷରେ ସାଳନ୍ଦୀ ନଦୀର ସହିଦାବାଦ ସ୍ଥିତ ବନ୍ଧରେ ଦଳ ଭର୍ତ୍ତି ହୋଇରହିଛି। ଫଳରେ ଏହି ନଦୀବନ୍ଧଟି ଭାଙ୍ଗିବାର ଆଶଙ୍କା ସୃଷ୍ଟି କରିଛି। ସାଳନ୍ଦୀ ଜଳ ସେଚନ ବିଭାଗ ପକ୍ଷରୁ ନଦୀରୁ ଦଳ ସଫା କରା ନ ଯିବାରୁ ସ୍ୱାଭାବିକ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ।

## ବୈତରଣୀ ନଦୀରେ ବୃଦ୍ଧ ନିଖୋଜ



ଦଶରଥପୁର,୨।୭(ସମିସ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ନଦୀରେ ବନ୍ୟା ଭଳି ସ୍ଥିତି ଉପୁଜିଥିବା ବେଳେ ବ୍ଲକ ଅନ୍ତର୍ଗତ ସୁନ୍ଦରାଇମୁହଁ ନଦୀ ଘାଟକୁ ଗାଧୋଇବାକୁ ଯାଇଥିବା ବିରଜାପୁର ପଞ୍ଚାୟତ ବାମଦେବପୁର ଅଞ୍ଚଳର ବିଦ୍ୟାଧର ଦାସ (୬୫) ନିଖୋଜ ଥିବା ଜଣାପଡିଛି। ବିଦ୍ୟାଧର ବୁଧବାର ସକାଳ ପ୍ରାୟ ୮ ଘଟିକା ସମୟରେ ବୈତରଣୀ ନଦୀ ସୁନ୍ଦରାଇମୁଁହ ଘାଟକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଘାଟ ନିକଟରେ ପହଞ୍ଚି ସେ ବ୍ୟବହାର କରୁଥିବା ଗାମୁଛା ନଦୀକୂଳ ତୁଠ ପାଖରେ ଥିବା ଦେଖି ବିଦ୍ୟାଧର ନଦୀରେ ଭାସି ନିଖୋଜ ଥିବା ଆଶଙ୍କା କରି ଯାଜପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ଘାଟ ନିକଟରେ ପହଞ୍ଚି ନିଖୋଜଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିପାରିନଥିଲା। ଅପରପକ୍ଷେ ଦୀର୍ଘ ଦିନ ହେବ ଏହି ନଦୀ ଘାଟରୁ ବାଲି ମାଫିଆ ବେଆଇନ ଭାବେ ବାଲି ଖନନ କରି ଦ୍ୱାରା ଘାଟ ଅସୁରକ୍ଷିତ ହୋଇପଡ଼ିଛି। ତେଣୁ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନହାନି ହୋଇଥିବା ଅଭିଯୋଗ କରି ଘାଟ ପରିସରକୁ ପ୍ରଶାସନ ନିଷିଦ୍ଧାଞ୍ଚଳ ଘୋଷଣା କରିବା ଦାବିରେ ସ୍ଥାନୀୟ ଲୋକେ ହୋହାଲ୍ଲା କରିଥିଲେ। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଡିଏସ୍‌ପି ଶରତ ପାତ୍ର, ରାମବାଗ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ତନ୍ମୟା ମିଶ୍ର, ବିରଜାପୁର ସରପଞ୍ଚ ନିରାକାର ସାହୁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରି ଘାଟ ପରିସର ସୁରକ୍ଷିତ ନିମନ୍ତେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।

**ଲଘୁଚାପ ସକ୍ରିୟ**

## ୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ବର୍ତ୍ତମାନ ଦକ୍ଷିଣ ଛତିଶଗଡ଼ ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଅବସ୍ଥାରେ ରହିଛି। ଏହା ବର୍ତ୍ତମାନ ଦକ୍ଷିଣ ଆଡ଼କୁ ଦିଗ ପରିବର୍ତ୍ତନ କରୁଛି। ଏଭଳି ସ୍ଥିତିରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ସ୍ଥିତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ୩ ଓ ୪ ତାରିଖ ବର୍ଷାର ପରିମାଣ ସାମାନ୍ୟ କମିବ, ମାତ୍ର ୫ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୪ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ବର୍ଷାର ପ୍ରଭାବ ବଢ଼ିପାରେ। ଆସନ୍ତକାଲି ସୋନପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାରୁ ଜଣାପଡ଼ିଛି।

# ବିଜେପି ନେତାଙ୍କୁ ବଟି ନ ଦେବାରୁ ରାସ୍ତା କାମ ବନ୍ଦ

- ଆଗେଇ ପାରୁନି ୨୦ ନଂ ଜାତୀୟ ରାଜପଥ କାମ
- ରାସ୍ତା କଡ଼ରେ ଛିଡ଼ା ହୋଇଛି ୧୫୦ ଟ୍ରକ୍
- ସଦର ଥାନାରେ ଏତଲା ପରେ ମାମଲା ହୋଇନି ପଞ୍ଜୀକରଣ

ଯାଜପୁର ଟାଉନ,୨।୭(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ତୃଣମୁଳ ସ୍ତରରେ ବିଜେପି ନେତା ଓ କର୍ମୀଙ୍କ କାରନାମା ବଢ଼ି ବଢ଼ି ଚାଲିଛି। ସରକାରୀ ଅଫିସରେ ଅବାଧ ପ୍ରବେଶ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ଭୟଭୀତ କରି ବେଆଇନ କାମ ଆଦାୟ କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ନେତାମାନଙ୍କ ନାଁରେ ବିଭିନ୍ନ କାର୍ଯ୍ୟକ୍ରମ ବାହାନା କରି ବଟି ମାଗୁଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାରି ଭିତରେ ଯାଜପୁର ସଦର ଥାନାରେ ବିଜେପି ଜିଲ୍ଲା ସଂପାଦକ ସୁରଜଲାଲ ସାମଲଙ୍କ ବିରୋଧରେ ଠିକାଦାରଙ୍କୁ ବଟି ମାଗିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଯାଜପୁର ଜିଲ୍ଲା ବିଜେପି ସମ୍ପାଦକ ସୁରଜଲାଲ୍ ୨୦ ନଂ. ଜାତୀୟ ରାଜପଥ କାମ କରୁଥିବା ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ଠାରୁ କାମ ନେଇଥିବା ପେଟି ଠିକା ସଂସ୍ଥା ସିଦ୍ଧାର୍ଥ କନ୍‌ଷ୍ଟ୍ରକସନ୍ସ କମ୍ପାନୀକୁ ବଟି ମାଗିଥିବା ଅଭିଯୋଗ ହୋଇଛି। ବଟି ନ ଦେବା ଫଳରେ କାମକୁ



ଅଟକାଇ ଦେଇଛନ୍ତି ଏବଂ ରାସ୍ତାର ଉଭୟ କଡ଼ରେ ଶହ ଶହ ଗାଡ଼ି ଅଟକି ରହିଛି। ଫଳରେ ଜାତୀୟ ରାଜପଥ କାମ ଠପ୍ ହୋଇଯାଇଥିବା ଜଣାପଡିଛି। ଗାଡ଼ି ଗୁଡିକ ୮ ଦିନ ଧରି ଅଟକିବା ଫଳରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ଆର୍ଥିକ ବୋଝ ସହିଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ରାସ୍ତାର ଉଭୟ କଡ଼ରେ ଗାଡ଼ି ଗୁଡିକ ଠିଆ ହେବାରୁ ରାସ୍ତାରେ ଯାତାୟତ ବନ୍ଦ ହୋଇପଡିଛି।

କିନ୍ତୁ ଏନେଇ ଠିକା ସଂସ୍ଥା ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଶାସକ ଦଳର ଚାପ ଯୋଗୁଁ ପୁଲିସ ଏଭଳି ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସଂପର୍କରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗ ହୋଇଥିବା ନେଇ ସେ ସ୍ୱୀକାର କରିଛନ୍ତି। ଆମେ ଏହା ଉପରେ ତଦନ୍ତ କରୁଛୁ। ୭ ଦିନ ଭିତରେ ଆମେ ଏତଲାକୁ ରେଜିଷ୍ଟ୍ରସନ କରିବୁ। ଲୋଡ୍ ଗାଡ଼ି ଅନଲୋଡ୍ ନ ହୋଇ ୮ ଦିନ ହେଲା ରାସ୍ତା ଉପରେ ଠିଆ ହୋଇଛି। ସେପଟେ ସିଦ୍ଧାର୍ଥ କନଷ୍ଟ୍ରକ୍ସନ ମାଲିକ ଦାଶରଥି ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଭୟଭୀତ ଅବସ୍ଥାରେ କହିଥିଲେ ପ୍ରାୟ ୧୫୦ଗାଡ଼ିକୁ ଅଟକାଇଛନ୍ତି। ମୋଟା ଆକାର ଚାନ୍ଦା ନ ଦେଲେ କାମ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଇଛି। ଅନ୍ୟ ଉପାୟ ନ ପାଇ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି। ଏତଲା ପରେ ଜିଲ୍ଲା ସମ୍ପାଦକଙ୍କ ସମର୍ଥକ କନଷ୍ଟ୍ରକ୍ସନ୍ସ କମ୍ପାନୀ ସହିତ ଭିତିରି ବୁଝାମଣା କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଏପଟେ ରାସ୍ତା ଉପରେ ଗାଡ଼ିଗୁଡିକ ଠିଆ ହୋଇଥିବାରୁ ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ମୋଟା ଅଙ୍କର ବଟି ମାଗିବା ପଛରେ ଜଣେ ବଡ଼ ନେତା ଏବଂ ତାଙ୍କ ଗ୍ୟାଙ୍ଗର ସଂପୂର୍ଣ୍ଣ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ନ କରିବାକୁ ଏହି ବିଜେପି କୋଟେରୀ ଲାଗିପଡିଥିବା ଜଣାପଡିଛି।

**ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା**

## ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଜବାବ ତଲବ

କଟକ, ୨।୭(ସମିସ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ଜଣେ ମହିଳା ଆଇଏଏସ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଘଟଣାକୁ ନେଇ ଦାୟର ଅଭିଯୋଗକୁ ଜାତୀୟ ମାନବାଧିକାର କମିସନ(ଏନଏଚଆରସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଆବେଦନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ଏନଏଚଆରସି। ଆସନ୍ତା ୧୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ ଯେ ଗତ ଜୁନ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଦାସଙ୍କୁ ଜଣେ ମହିଳା ଆଇଏଏସ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୁଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ସଂରକ୍ଷଣ ସହ ନିରପେକ୍ଷ ତଦନ୍ତ ସହ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରି ଶ୍ରୀ ନନ୍ଦ ଏନଏଚଆରସିରେ ମାମଲା ରୁଜୁ କରିଥିଲେ।

**ତେଲଙ୍ଗାନା ବିସ୍ଫୋରଣ**

# ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୨।୭(ସମିସ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ଯେଉଁ ୪୨ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ। ସେମାନେ ହେଲେ ଗଞ୍ଜାମର ଜଗନ ମୋହନ, ତିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ସୁଳିଆର ମନୋଜ ରାଉତ

- ୪ ଗୁରୁତର ମେଡିକାଲରେ ଭର୍ତ୍ତି
- ଆହତ ଓଡ଼ିଆଙ୍କୁ ଚିକିତ୍ସାଳୟରେ ଭେଟିଲେ ଓଡ଼ିଶା ଅଧିକାରୀ

ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ। ଏଥିରେ ଗୁରୁତର ଆହତ ହୋଇ ଡକ୍ତରଖାନାରେ ଚିକିତ୍ସାଧୀନ ଥିବା ଓଡ଼ିଆ ଶ୍ରମିକ ହେଲେ ଗଞ୍ଜାମର ସମିଲ ପାଢୀ, ଭଦ୍ରକର ଚନ୍ଦନ ନାଏକ, ପବରଙ୍ଗପୁରର ନୀଳାମ୍ବର ଭଦ୍ର ଏବଂ ଚିତ୍ରସେନ୍ ବତ୍ର। ତେବେ ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ବିସ୍ଫୋରଣ ଘଟଣାରେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡ଼ିଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା



ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇ ଜଣ ଅଧିକାରୀ ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି। ଡ. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିବା ପରେ ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନ ସହିତ ଅଲୋଚନା କରୁଛନ୍ତି। ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ମୃତକଙ୍କ ମଧ୍ୟରେ ସିମୁଳିଆର ମନୋଜ ରାଉତ

ସିମୁଳିଆ, ୨।୭ (ସମିସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଗତ୩୦ତାରିଖରେରାସାୟନିକକାରଖାନାରେବିସ୍ଫୋରଣଘଟି ବହୁ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ। ୨୦୦୧ ମସିହା ଠାରୁ



ମନୋଜ ଉକ୍ତ ରାସାୟନିକ ଫ୍ୟାକ୍ଟ୍ରିରେ କ୍ୱାଲିଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବାବେଳେ ଫ୍ୟାକ୍ଟ୍ରିର ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ ଫ୍ୟାକ୍ଟ୍ରିରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନୋଜଙ୍କ ଶବ ଚିହ୍ନଟ କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି। ମନୋଜଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ପରିବାରକୁ ରାଜ୍ୟ ସରକାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# କୋଦାଳରେ ହାଣି ବୃଦ୍ଧାଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

**୬ ବର୍ଷ ପୂର୍ବରୁ ସ୍ୱାମୀ ହୋଇଥିଲେ ହତ୍ୟାର ଶିକାର**


ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିରେ ବୁଧବାର ସକାଳୁ ବିଧବା ବୃଦ୍ଧା ତୁଳସୀ ମାଝୀ (୫୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏକ କୋଦାଳରେ ମାରି ତଳେ ପକାଇବା ପରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଫୁଲପାହାଡ଼ି ବଡ଼ସାହିର ଦେବଦତ୍ତ ନାଏକ ଓରଫ ଗେଡୁ (୪୫ ବର୍ଷ)କୁ ଗିରଫ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ ସହାୟତାରେ ପାଟଣା ପୁଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।



ସୂଚନା ଅନୁସାରେ, ଉକ୍ତ ଗ୍ରାମର ବାରିଆଳ ମାଝୀ ସକାଳୁ ବିଲ କାମ କରିବାକୁ ଲଙ୍ଗଳ କୋଦାଳ ଧରି ଯାଉଥିବା ସମୟରେ ଦେବଦତ୍ତ କୋଦାଳ ଛଡ଼ାଇ ନେଇ ପ୍ରଥମେ ବାରିଆଳକୁ ଆକ୍ରମଣ କରିଥିଲା। ବାରିଆଳଙ୍କ ବାମ ହାତରେ ଗଭୀର କ୍ଷତ ହୋଇଛି। ପରେ ସେ ଘର ସମ୍ମୁଖରେ ଛିଡା ହୋଇଥିବା ତୁଳସୀଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲା। ପୁଣି ଏକ ପଥର ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଅଭିଯୁକ୍ତ ଦେବଦତ୍ତକୁ ହେପାଜତକୁ ନିଆଯାଇଛି। ୬ ବର୍ଷ ପୂର୍ବରୁ ମୃତ ବୃଦ୍ଧାଙ୍କ ସ୍ୱାମୀ କାଦେ ମାଝୀଙ୍କୁ ବଳଦ କିଣାବିକାକୁ ନେଇ ଗ୍ରାମବାସୀ ପିଟି ପିଟି ହତ୍ୟା କରି ଘର ଦ୍ୱାର ସମ୍ମୁଖରେ ପକାଇ ଦେଇଥିଲେ। ବୃଦ୍ଧାଙ୍କୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରାଯାଉଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିବା ମୃତ ବୃଦ୍ଧାଙ୍କ ଝିଅ ଦୁଲି ମାଝୀ ଏବଂ ପୁଅ ଫାଗୁ ମାଝୀ ଅଭିଯୋଗ କରିଥିବା ବେଳେ ପୁଲିସ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଥିବା ପାଟଣା ଥାନାଧିକାରୀ ମାନସ ମହାକୁଳ କହିଛନ୍ତି।

## ରେଳଧାରଣାରେ ଖସିଲା ମାଟି ଅତଡ଼ା

- କୋରାପୁଟ-ଜଗଦଲପୁର ରେଳ ଚଳାଚଳ ପ୍ରଭାବିତ
- ହୀରାଖଣ୍ଡ ଓ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ



କୋରାପୁଟ,୨।୭(ସମିସ): କୋରାପୁଟ-ଜୟପୁର ମଧ୍ୟରେ ଥିବା ଜର୍ତି ରେଳ ଷ୍ଟେସନ ନିକଟରେ ମାଟି ଅତଡ଼ା ଖସି କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ଅପରାହ୍ନ ଚାରିଟା ସମୟରେ ଅଚାନକ ମାଟି ଅତଡ଼ା ଖସି ରେଳ ଲାଇନ୍ ଅବରୋଧ ହୋଇଥିଲା। ଫଳରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରୋଣ୍ଡୁଲ୍ ବିଶାଖାପାଟଣା ନାଇଟ ଏକ୍ସପ୍ରେସ ଟ୍ରେନକୁ ବାତିଲ କରା ଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ଗୁରୁବାର ସକାଳେ କୋରାପୁଟ ଠାରୁ ଫେରିବ ବୋଲି ସୂଚନା ମିଳିଛି। କୋରାପୁଟ ଠାରୁ ବିଭାଗୀୟ ବୈଷୟିକ ଓ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେଳ ଲାଇନରୁ ମାଟି ହଟାଇବା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୦୬୩ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

# ମା’ ହେବ ମହାରାଷ୍ଟ୍ରର ବାଘୁଣୀ ଜିନତ୍

**୨୦୩୦ ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦ ଛୁଇଁବ**

ବାରିପଦା,୨।୭(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇର୍ଭସିଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ ସଫଳ ହେବାକୁ ଯାଉଛି। ମହାରାଷ୍ଟ୍ର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା

### କୁଲଡିହା ଅଭୟାରଣ୍ୟରେ ଯମୁନା

୩ ବର୍ଷୀୟ ବାଘୁଣୀ ଜିନତ୍ ଏବେ ମା’ ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମକୁମାର ଝା ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଟ୍ରାନ୍ସମେମ୍ବ୍ରେନ୍ ଆମିନୋପେପ୍‌ଟିଡେଜ୍ କ୍ୟୁ ଜିନ୍‌ର ଏକକ ମ୍ୟୁଟେସନ୍‌ରୁ ଶିମିଳିପାଳ ବାଘର ରଙ୍ଗ କଳା ହେଉଥିବା ନେଇ ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଏଠାକୁ ଆସି ପରୀକ୍ଷାନୀରିକ୍ଷା କରି ମିଳେନାଷ୍ଟିକ ବାଘ ସମ୍ପର୍କରେ ସୂଚନା ଦେଇଥିଲେ। ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟର ମାଈବାଘକୁ ଆଣି ବାଘସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିବାପାରିବ ବୋଲି ରିପୋର୍ଟ ଦେଇଥିଲେ। ତଦନୁସାରେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି ବା ଏନଟିସିଏ ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ମହାରାଷ୍ଟ୍ର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ନୂଆ ବାଘୁଣୀ ଯମୁନା ଓ ଜିନତକୁ ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଡିଭିଜନର କୋର ଅଞ୍ଚଳରେ ନିର୍ମିତ ଏନକ୍ଲୋଜରେ ଛଡାଯାଇଥିଲା। ନଭେମ୍ବର ୯ରେ ଯମୁନାକୁ କୋର ଅଞ୍ଚଳରେ ଛଡାଯିବାର ୧୯ଦିନ ପରେ ଜିନତକୁ ଅଣାଯାଇ ଚହଲା ନିକଟ ଏକ ସିଫ୍ଟ ଏନକ୍ଲୋଜରରେ ଛଡାଯାଇଥିଲା। ଏନକ୍ଲୋଜରରୁ ମୁକ୍ତ ପରେ ଉତ୍ତର ଡିଭିଜନରରେ ଘୁରିବୁଲିବା ସହ ନିଜର ସୁରକ୍ଷିତ ବାସସ୍ଥାନ ଖୋଜିବାରେ ଲାଗିଥିଲା। ଶିମିଳିପାଳର ବିସ୍ତୀର୍ଣ୍ଣ ଜଙ୍ଗଲରେ ବୁଲୁଥିବା ସମୟରେ ସୁବର୍ଣ୍ଣରେଖା ନଦୀପାର ହୋଇ ଝାଡଖଣ୍ଡ ଜଙ୍ଗଲରେ ପ୍ରବେଶ କରିଥିଲା। ସେଠାରେ କିଛି ଦିନ ରହିବା ପରେ ପଶ୍ଚିମବଙ୍ଗ ଜଙ୍ଗଲରେ ଘୂରିବୁଲିଥିଲା। ୨୨ଦିନ ରହିବା ପରେ ତିନି ରାଜ୍ୟର ବନକର୍ମଚାରୀ ଟ୍ରାଙ୍କୁଲାଇଜ କରି ଶିମିଳିପାଳ ଆଣିଥିଲେ। ଦେଢ଼ମାସ ତଳେ ବାଘୁଣୀ ଜିନତକୁ ଏନକ୍ଲଜୋରରୁ ମୁକ୍ତ କରି ଶିମିଳିପାଳ ବ୍ୟାଘ୍ର



ସଂରକ୍ଷଣ ପ୍ରକଳ୍ପରେ ଛଡାଯାଇଥିଲା। ଏହାପରେ ସେ ୧୧ବର୍ଷୀୟ ମିଳେନାଷ୍ଟିକ ଟି-୧୨ ମହାବଳ ବାଘକୁ ସାଥୀଭାବରେ ବାଛି ଉଭୟଙ୍କ ମିଳନ ଘଟିଥିଲା। ତାପରେ ତାର ସ୍ୱଭାବରେ ପରିବର୍ତ୍ତନ ଆସିଛି। ଦୀର୍ଘ ୨୫-୩୦ବର୍ଗ କିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଛି। ଯମୁନାଗଡରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଛି। ଉଭୟଙ୍କ ସହ ଶାରିରୀକ ମିଳନ ହେବା ପରେ ଏବେ ଜିନତ୍ ମା’ ହେବାକୁ ଯାଉଛି। ତା’ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ମଧ୍ୟ ନିୟୋଜିତ କରାଯାଇଛି। ଶିମିଳିପାଳରେ ଏହି ଦୁଇ ବାଘୁଣୀକୁ ମିଶାଇ ୧୯ ହେବା ସହିତ ମହାବଳ ବାଘ ସଂଖ୍ୟା ୪୨ ରହିଛି ଏବଂ ୮ଟି ଶାବକ ରହିଛନ୍ତି।

ବାଘ ଗଣନା ପରିସଂଖ୍ୟା ଅନୁଯାୟୀ ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇ ଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟ ରଖି ୨୦୨୬ ଗଣନାରେ ଏହା ୬୦ ପାର ହେବାର ଆଶଙ୍କା ରହିଥିବା ବେଳେ ୨୦୩୦ ସୁଦ୍ଧା ତାହା ୧୦୦ ପହଞ୍ଚିବ ବୋଲି ବନବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

## ଚଣ୍ଡିଖୋଲ- ଡୁବୁରୀ ୫୩ ନଂ. ଜାତୀୟ ରାଜପଥ

# ଅନିଶ୍ଚିତତାରେ ସମ୍ପ୍ରସାରଣ କାର୍ଯ୍ୟ

କବାଟବନ୍ଧ, ୨।୭ (ସମିସ)



ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଦୀର୍ଘ ବର୍ଷ ଧରି ଏହାର ସମ୍ପ୍ରସାରଣ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ।

ଜିଲ୍ଲାର ଲାଇଫ୍ ଲାଇନ୍ କୁହାଯାଉଥିବା ତଥା ଓଡ଼ିଶାର ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଭାବେ ୫୩ ନମ୍ବର ଜାତୀୟ ରାଜପଥ ପରିଚିତ। ରାଜ୍ୟ ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ରାଜପଥର ଏକ ମୁଖ୍ୟ ଭୂମିକା ରହିଛି। ଏହି ରାଜପଥର ଏଭଳି ଅବସ୍ଥା ପାଇଁ ଦୈନିକ ଅନେକ ଦୁର୍ଘଟଣା ଘଟୁଛି। ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଅଭିଯୋଗ ଆନ୍ଦୋଳନ ଓ ଗଣମାଧ୍ୟମରେ ଖବର ପ୍ରସାରଣ ସହିତ କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ଏହାର ଅବସ୍ଥାରେ ପରିବର୍ତ୍ତନ ହେଉ ନାହିଁ କି ଦୁର୍ଘଟଣାରେ ମଧ୍ୟ ରୋକ ଲାଗୁନାହିଁ। ସରକାରୀ ତଥ୍ୟ ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ୩୬୯ ଦୁର୍ଘଟଣା ଘଟି ୧୬୯ ଜଣ ମୃତ୍ୟୁବରଣ କରିଛନ୍ତି। ତଥାପି ଚେତୁ ନାହାଁନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷ। ଗତ ୯ ଡିସେମ୍ବର ୨୦୨୪ରେ ସଚେତନ ନାଗରିକ ମଞ୍ଚ ଆହ୍ୱାନ କ୍ରମେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଏକ ଆନ୍ଦୋଳନ କରାଯାଇଥିଲା। ଏଥିରେ ଧର୍ମଶାଳା, ସୁକିନ୍ଦା, ବଡ଼ଚଣା ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନ ପ୍ରତିନିଧି, କଲେଜ ଛାତ୍ରଛାତ୍ରୀ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ଏବଂ ବହୁ ସଂଗଠନ ସାମିଲ ହୋଇଥିଲେ। ପ୍ରାୟ ୮ ଘଣ୍ଟାର ଅବରୋଧ ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଚାର ବିମର୍ଶ କରି ସମୟ ନେଇ ରାସ୍ତା କାମକୁ ଫେବ୍ରୁଆରୀ ୨୦୨୫ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟକୁ ଜୁନ ମାସ ସୁଦ୍ଧା ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ପାଖାପାଖି ୨ ଶହ ଦିନ ଅତିକ୍ରମ କରି ସାରିଲାଣି; ମାତ୍ର ପ୍ରତିଶ୍ରୁତି ମୁତାବକ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏହି ରାଜପଥ ନିର୍ମାଣ କାର୍ଯ୍ୟ ୮୨ ପ୍ରତିଶତ ଶେଷ ହୋଇଥିବା ନେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ମଧ୍ୟ ଗତ ୩୦ ନଭେମ୍ବର ୨୦୨୪ରେ ସଂସଦରେ ରିପୋର୍ଟ ପ୍ରଦାନ କରିଥିଲେ। ଯଦି ସେହି ତାରିଖରେ ୮୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା ଆଉ ମାତ୍ର ୧୮ ପ୍ରତିଶତ କାର୍ଯ୍ୟ ଅଦ୍ୟାବଧି କାହିଁକି ଶେଷ ହେଉନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭାଗୀୟ ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ପ୍ରଦାନ ଯୋଗୁଁ ସେହିଦିନ ମଧ୍ୟ ବିଭିନ୍ନ ଜନସାଧାରଣ ପ୍ରତିବାଦ କରିଥିଲେ। ଉକ୍ତ ଆନ୍ଦୋଳନ ପରେ ରାସ୍ତା କାର୍ଯ୍ୟର ଦୈନିକ ଅଗ୍ରଗତି ସମୀକ୍ଷା କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ହେଲେ ସେ ସବୁ ଏକ ଧୂଆଁବାଣ ଓ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ମିଥ୍ୟା ଥିଲା ବୋଲି ପ୍ରମାଣିତ ହୋଇଛି। ବର୍ତ୍ତମାନର ରାସ୍ତା କାମର ସ୍ଥିତିକୁ ଅନୁଧ୍ୟାନ କଲେ ଗତ ୭ ମାସ ମଧ୍ୟରେ ରାସ୍ତା କାମର ୧୦ ପ୍ରତିଶତ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅନେକ ସ୍ଥାନରେ ଫ୍ଲାଏଓଭର କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ଯଦି ଏହିପରି କଚ୍ଛପ ଗତିରେ ରାସ୍ତା କାମ ଆଗେଇ ଚାଲେ ତେବେ ଆଗାମୀ ୫ ବର୍ଷ ମଧ୍ୟରେ ରାସ୍ତା କାମ ସରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯଦି କାମକୁ ଯଥା ସମ୍ଭବ ତ୍ୱରାନ୍ୱିତ ନ କରନ୍ତି ତେବେ ଏ ଅଞ୍ଚଳର ଜନସାଧାରଣ ଆଉ ନୀରବରେ ବସି ଜୀବନ ହାନି ଦେଖି ପାରିବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପରେ ଏହି ରାଜପଥରେ ୫୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଥିବା ବେଳେ ଏକାଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ପକ୍ଷରେ ଆନ୍ଦୋଳନ ସମୟରେ ଯୋଗ ଦେଇଥିବା ଧର୍ମଶାଳାର ବିଧାୟକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାମ ସାରିବା ପାଇଁ କଡ଼ା ଚେତାବନୀ ଶୁଣାଇବା ସହ ଆବଶ୍ୟକ ସ୍ଥଳେ ଠିକାଦାର ପରିବର୍ତ୍ତନ କରାଯିବ ଏବଂ ନିଜେ ଧାରଣାରେ ବସିବେ ବୋଲି ଚରମବାଣୀ ଶୁଣାଇଥିଲେ। ତାହା ମଧ୍ୟ ହୋଇ ପାରିଲାନାହିଁ।

## ଦୁର୍ଘଟଣାରେ ମହିଳା ଗୁରୁତର

ସୁକିନ୍ଦା, ୨।୭ (ସମିସ): ସୁକିନ୍ଦା ହାତୀବାରି ରାସ୍ତାର ଆମ୍ବଲବା ଛକ ନିକଟରେ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଅପରିଚିତା ମହିଳା ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତୁରନ୍ତ ଆହତ ମହିଳାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବିଳମ୍ବିତ ରାତିରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ପରିଚୟ ମିଳିପାରିନାହିଁ, ସେ ଜଣେ ମାନସିକ ବିକୃତ ମହିଳା ହୋଇଥିବା ସନ୍ଦେହ କରାଯାଉଛି।

## ସାପ କାମୁଡ଼ାରେ ଚାଷୀ ଗୁରୁତର

ସୁକିନ୍ଦା, ୨।୭ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଜଗବନ୍ଧୁ ମହାନ୍ତ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ଏକ ସାପ କାମୁଡାର ଶୀକାର ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନା ମୁତାବକ ବୁଧବାର ସକାଳ ସମୟରେ ଚାଷୀ ଜଗବନ୍ଧୁ ଗ୍ରାମ ପାଖରେ ଥିବା ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ିଲା। ନିକଟରେ ଥିବା ଅନ୍ୟ ଚାଷୀ ଜଗବନ୍ଧୁଙ୍କୁ ଉଦ୍ଧାର କରି ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଡ୍ରେନ୍‌ରେ ପଡ଼ି ବାଇକ୍ ଆରୋହୀ ଗୁରୁତର



ସୁକିନ୍ଦା, ୨।୭ (ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଥିବା ଅର୍ଦ୍ଧନିର୍ମିତ ଡ୍ରେନ୍‌ରେ ପଡ଼ି ବାଇକ ଆରୋହୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ କେନ୍ଦୁଝର ଅଞ୍ଚଳର ବସନ୍ତ ପାତ୍ର ନାମକ ଯୁବକ ଗତ ମଙ୍ଗଳବାର ରାତିରେ ଘରକୁ ଫେରୁଥିବା ସମୟରେ ସୁକିନ୍ଦା ଛକ ନିକଟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ପଛପଟେ ଥିବା ଅର୍ଦ୍ଧନିର୍ମିତ ଡ୍ରେନରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବସନ୍ତକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଦୀର୍ଘଦିନ ଧରି ଏହି ରାସ୍ତା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେଥିପାଇଁ ଅନେକ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ମଦ ଜବତ, ୩ ଗିରଫ

ସୁକିନ୍ଦା, ୨।୭ (ସମିସ): ଯାଜପୁର ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରା ମଦ ଜବତ କରିବା ସହ ଏହି ଘଟଣାରେ ତିନିଜଣ କୋର୍ଟଚାଲାଣ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ବାରିକ ସାହିର ସୁଖ ବେଜ୍(୫୬), କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ଗ୍ରାମ ଜିତେନ୍ଦ୍ର ଦାସଙ୍କ ପତ୍ନୀ ପୁଡ଼ି ଦାସ(୨୧) ଓ ଆମ୍ବଲବାରେ ରହୁଥିବା କେନ୍ଦୁଝର ଜିଲ୍ଲା



ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିତାପିତି ଗ୍ରାମ ଚନ୍ଦ୍ରମଣି ନାୟକଙ୍କ ପୁଅ ଯଯାତି ନାୟକ(୩୦) ସୁକିନ୍ଦା ଅଞ୍ଚଳରେ ଚୋରା ମଦ କାରବାର କରୁଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ୨୦୪, ୨୦୫ ଓ ୨୦୬/୨୦୨୫ରେ ତିନୋଟି ପୃଥକ୍ ମାମଲା ରୁଜୁ କରାଯାଇ ତିନିଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗ କଟକ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଟିମ୍‌ର ଏସ୍‌କେ ସାକିର ଉଲ୍ଲା, ଅଜୟ ବେହେରା, ଏଆର ମଲିକ, ଯାଜପୁରର ବିଭୁପ୍ରସାଦ ସାହୁ, ରଞ୍ଜନ ପାତ୍ର ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।

## ମାଉସୀ ମା' ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଧର୍ମଶାଳା, ୨।୭ (ସମିସ): ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ଘୋଷଯାତ୍ରାରେ ଆସି ଧର୍ମଶାଳା ବ୍ଲକ ହାଟପଡ଼ିଆସ୍ଥିତ ମାଉସୀମା' ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜି ପୂର୍ବାହ୍ନରେ ମାଉସୀ ମା' ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଦାଶକାଠିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧାନମଣ୍ଡଳ ଉଦୟମାନ କଳାପରିଷଦ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଯାହାକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ।

## ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ

ଶଙ୍ଖଚିଲା, ୨।୭ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ବଳଦେବଜୀଉ ମନ୍ଦିର ମାଉସୀ ମା' ମନ୍ଦିରରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ଦୈନନ୍ଦିନ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହେବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ନୃତ୍ୟ ପ୍ରତିଯୋଗିତା, ସଂକୀର୍ତ୍ତନ ହେବା ସହ ଆନନ୍ଦ ବଜାରରେ ମହାପ୍ରସାଦ ସେବନ ବ୍ୟବସ୍ଥା ହେଉଛି। ହେରା ପଞ୍ଚମୀ



ଅବସରରେ ମା' ଲକ୍ଷ୍ମୀ ଆସି ରଥ ଭାଙ୍ଗିବାର ପରମ୍ପରା ଅନୁଷ୍ଠିତ ହୋଇଛି। ଏହା ପରେ ରଥ ଦକ୍ଷିଣ ମୋଡ଼, ନବମୀ ସନ୍ଧ୍ୟା ଦର୍ଶନ ଓ ପରଦିନ ଅର୍ଥାତ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ତରଫରୁ ସୂଚନା ମିଳିଛି। ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ, ଚିନ୍ତାମଣି ପାଢ଼ୀ, ବିଶ୍ୱଜିତ ନାୟକ, ଚନ୍ଦ୍ରମଣି ବେହେରା, ପ୍ରୀତିରଞ୍ଜନ ସାହୁ, ବିକ୍ରମ ବିଶ୍ୱାଳ, ସଦାନନ୍ଦ ବେହେରା, ଅତନୁ ବିଶ୍ୱାଳ, ରାଜୀବ ରାଉତ, ସନାତନ ଦାଶ, ଭବାନୀ ଶଙ୍କର ପାଢ଼ୀ, ନିରଞ୍ଜନ ନାୟକ, କାମଦେବ ଦାଶ, ବିଦ୍ୟାଧର ସାହୁ, ସଞ୍ଜୟ କୁମାର ସାହୁ, ସନ୍ତୋଷ ନାୟକ ତତ୍ ସହିତ ବଳଦେବଜୀଉ ସେବା ସଂଘ ଏବଂ ଶ୍ରୀଜଗନ୍ନାଥ ସେନାର ପିଲାମାନେ ପ୍ରମୁଖ ସହଯୋଗ କରୁଛନ୍ତି।

## ବିଜେପି ନେତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



କର୍ଯ୍ୟାଁଗୋଲା, ୨।୭ (ସମିସ): କାଣୀ ନଦୀରେ ବନ୍ୟା ଯୋଗୁଁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକର ଅଧିକାଂଶ ପଞ୍ଚାୟତ ଏବେ ବନ୍ୟା ପ୍ରଭାବିତ। ବିପଦ ସଂକେତ ତଳେ ନଦୀ ଜଳ ପ୍ରବାହିତ ହେଉଥିଲେ ମଧ୍ୟ ବନ୍ଧ ବାଡ଼ ମୁକୁଳା ପଡ଼ିଛି। ପିଛିଲା ପାଣି ଯୋଗୁଁ ବିଲ, ବାଡ଼ି ଓ ତଳିଆ ଅଞ୍ଚଳରେ ପାଣି ଲହଡ଼ି ମାରୁଛି। ହେମନ୍ତପୁର ଜେନାସାହି ଠାରେ ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି ବୋଲି ବିଜେପି ନେତ୍ରୀ ବବିତା ମଲ୍ଲିକ କହିଛନ୍ତି। ଆଜି ବବିତା ଦତ୍ତପୁର, ନାରାୟଣପୁର, ହେମନ୍ତପୁର ଗାଁ ବୁଲି ନଦୀ ବନ୍ଧ ଓ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବରିଷ୍ଠ ମୁରବୀ, ଯୁବକଙ୍କ ସହ ଆଲୋଚନା କରିଥିଲେ। ଏବେ ବଡ ପାଣି ଆସି ନାହିଁ। ଧୈର୍ଯ୍ୟ, ସାହସର ସହିତ ବନ୍ୟାର ମୁକାବିଲା ଓ ସ୍ୱାସ୍ଥ୍ୟ ପରିମଳ ଉପରେ ଛୋଟରୁ ବଡ ସମସ୍ତେ ଯତ୍ନବାନ ହେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ହେମନ୍ତପୁର ଜେନା ସାହିରେ ନଦୀ ବନ୍ଧ ଦୁର୍ବଳ ଥିବା ତାଙ୍କ ନଜରକୁ ଆସିଛି। ଆବଶ୍ୟକ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ପାଇଁ କହିବା ସହ ବନ୍ୟାଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ହେଲୋଜିନ ବଟିକା ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ସୂଚିତ କରିଛନ୍ତି ବୋଲି ବବିତା କହିଥିଲେ। ନଦୀରେ କୁମ୍ଭୀର ଥିବାର ଆଶଙ୍କା ରହିଛି। ଏଣୁ ସାବଧାନ ରହିବାକୁ ସଚେତନ କରିଛନ୍ତି। ବବିତାଙ୍କ ସହ ଦଳର ନେତା ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ, ଯୁବନେତା ସୁଶାନ୍ତ ସାହୁ ଓ କର୍ମୀ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

## ଜାତୀୟ ଡାକ୍ତର ଦିବସ ପାଳିତ

ଧର୍ମଶାଳା, ୨।୭ (ସମିସ): ଜାରକା ରୋଟାରି କ୍ଲବ୍ ଓ ଇନରହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। କ୍ଲବର ନବ ନିର୍ବାଚିତ ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ



ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡା.ସୁଧୀର କୁମାର ସାହୁ, ଡା.ମାନସ ରଞ୍ଜନ ସ୍ୱାଇଁ, ଡା.ବିଶ୍ୱରଞ୍ଜନ କର, ଡା.ପ୍ରିୟବ୍ରତ ପଣ୍ଡା, ଡା. ବିଦ୍ୟାଧର ପାତ୍ର, ଡା. ଦେବପ୍ରିୟ ଷଡ଼ଙ୍ଗୀ, ଡା. ଅଜିତ କୁମାର ସାମଲଙ୍କ ସହିତ ଚାଟାର୍ଡ ଆକାଉଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ ପ୍ରମୁଖଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରୋଟାରି କ୍ଲବ ସମ୍ପାଦକ ଦୀପକ କୁମାର ଜେନା ସୂଚନା ପ୍ରଦାନ କରିଥିବା ବେଳେ ଇନରହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନର ହୁଇଲ ପକ୍ଷରୁ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ କଳ୍ପନା ପରିଡ଼ା, ଅଜନ୍ତକ୍ଷ ପାଣିଗ୍ରାହୀ, ବିଶ୍ୱମିତ୍ରା ସାହୁ, କଳ୍ପନା ଖୁଣ୍ଟିଆ, ଶୁଭଲକ୍ଷ୍ମୀ କର, ଉପାସନା ଶତପଥୀ, ଅରୁଣାରଶ୍ମି ସାମଲ, ଅର୍ଚ୍ଚନା ସ୍ୱାଇଁ, ଗୋଲାପ ମଞ୍ଜରୀ ପଣ୍ଡା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା ଏବଂ ରୋଟାରି କ୍ଲବର ଆଡ୍‌ଭୋକେଟ ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ କୁମାର ବରାଳ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ବିନୋଦ କୁମାର ପରିଡ଼ା, ପ୍ରମୋଦ କୁମାର ସାମଲ, ଧରଣୀଧର ଦାଶ, ହରିହର ପଣ୍ଡା, ଅଜାମ୍ବର ସାହୁ, ତ୍ରିଲୋଚନ ବିଶ୍ୱାଳ, ଦେବେନ୍ଦ୍ର ସାହୁ, ଚକ୍ରଧର ଲେଙ୍କା, ଆଡ୍‌ଭୋକେଟ ଆଲୋକ ଜେନା, ଜୟଗୁରୁ ପାତ୍ର ଓ ଇନ୍ଦ୍ରମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ପ୍ରଭାତ ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା

ଧର୍ମଶାଳା, ୨।୭ (ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ' ତରଫରୁ ଜଣେ କର୍କଟ ରୋଗୀଙ୍କୁ ତାଙ୍କର ଅଧିକ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମର କ୍ଷିତୀଶ କୁମାର ମହାନ୍ତି ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ସେ ଏହି ରୋଗରେ ଆକ୍ରାନ୍ତ ହେବା ଦିନଠାରୁ କାମ ଧନ୍ଦା ନ କରିବାରୁ ତାଙ୍କ ପରିବାର ବହୁ ଅଭାବ ଅନାଟନରେ ଦିନ କାଟୁଛନ୍ତି। ଉକ୍ତ ଖବର ପାଇ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନା ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ସଦସ୍ୟମାନେ କ୍ଷିତୀଶଙ୍କୁ ତାଙ୍କ ଘରେ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ରାଶି



ପ୍ରଦାନ କରିଛନ୍ତି। ମଞ୍ଚ ପକ୍ଷରୁ ବ୍ରଜମୋହନ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, ସିପକ ଜେନା ସାମନ୍ତ, ଜୟନ୍ତ କୁମାର ସ୍ୱାଇଁ, ସବ୍ୟସାଚୀ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ ଓ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ପାଣିକୋଇଲି, ୨।୭ (ସମିସ): ଯାଜପୁର ଜିଲ୍ଲା କୋରାଇ ଶିକ୍ଷାମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲିସ୍ଥିତ ସ୍ୱାମୀ ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ପରିସରରେ ୭୬ତମ ବନମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରବି ନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ରୋଡ଼ ବନାଞ୍ଚଳ ବିଭାଗର କର୍ମଚାରୀ ସାଇଶ୍ମୃତି ବିଶ୍ୱାଳ ଯୋଗ ଦେଇ ବିଦ୍ୟାଳୟ ପରିସରରେ




ଚାରା ରୋପଣ କରିବା ସହିତ ଅଧ୍ୟୟନରତ କୁନି କୁନି ପିଲାମାନଙ୍କୁ ସୁସ୍ଥ ପରିବେଶ ଲାଗି ବୃକ୍ଷର ଆବଶ୍ୟକତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ସରସ୍ୱତୀ ସାହୁ, ସୁମିତ୍ରା ପୋଥାଳ, ଲୋପାମୁଦ୍ରା ପାଢ଼ୀ, ସ୍ନେହଲତା ରାୟ, ନମିତା ବାରିକ ଓ କର୍ମଚାରୀ ମୀନାରାଣୀ ସାହୁଙ୍କ ସମେତ ପାଣିକୋଇଲି ଚାରା ଉତ୍ପାଦନ କେନ୍ଦ୍ରର କର୍ମଚାରୀ ରଘୁନାଥ ମାଝୀ ଉପସ୍ଥିତ ଥିଲେ।

## ନୂତନ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ସିଂହପୁର, ୨।୭ (ସମିସ): ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଖରସ୍ରୋତା ମହାବିଦ୍ୟାଳୟର ନୂତନ ଅଧକ୍ଷା ଭାବେ ମମତାମୟୀ ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧକ୍ଷ ନିରଞ୍ଜନ ଗୁରୁଙ୍କ ଠାରୁ ଶ୍ରୀମତୀ ସାମଲ ଦାୟିତ୍ୱ ନେଇଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ମାନେ ସ୍ୱାଗତ କରିଥିଲେ। କଲେଜ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ସୁପରିଚାଳନା କରିବା ସହିତ ପ୍ରଶାସନିକ କାର୍ଯ୍ୟକୁ ସୁଦୃଢ଼ କରିବେ ବୋଲି ଶ୍ରୀମତୀ ସାମଲ କହିଛନ୍ତି।

### ଜେସିଡିଏଲ୍‌ର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

# ନିଜର ନାହିଁ ରାସ୍ତା; ଅନ୍ୟର କରୁଛି ବ୍ୟବସ୍ଥା

ଯଖପୁରା, ୨।୭ (ସମିସ)



କଳିଙ୍ଗନଗରରେ ଅନେକ ଗୁଡିଏ କଳକାରଖାନା ଗଢି ଉଠିବା ଫଳରେ ଏଠାରେ ଭିତ୍ତିଭୂମିକୁ ସୁଦୃଢ କରିବା ଓ ରାସ୍ତାଘାଟର ରକ୍ଷଣାବେକ୍ଷଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିପାଇଁ ଯାଜପୁର କ୍ଲଷ୍ଟର ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଜେସିଡିଏଲ)କୁ କଳିଙ୍ଗନଗରେ କିଛି ସଡ଼କ ଓ ଆଲୋକୀକରଣର ବ୍ୟବସ୍ଥା ପାଇଁ ଦାୟିତ୍ୱ ଦିଆଯାଇଛି। ପଙ୍କପାଳ ବଙ୍ଗଳା ଛକ ଠାରେ ଜେସିଡିଏଲ୍‌ର କାର୍ଯ୍ୟାଳୟ ଥିବା ବେଳେ ତା' ମଧ୍ୟରେ ଗୋଟିଏ ଇଏସ୍‌ଆଇ ମେଡିକାଲ, ୟୁନିଅନ ବ୍ୟାଙ୍କ, ଗୋଟିଏ ଟ୍ରେନିଂ ସେଣ୍ଟର ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ରହିଛି। କିନ୍ତୁ ସେଠାକୁ ଯିବା ଆସିବା କରିବା ପାଇଁ ସଡ଼କ ଥିଲେ ମଧ୍ୟ ତାହାର ଉପଯୁକ୍ତ ବ୍ୟବସ୍ଥା କରାଯାଇନାହିଁ। ଯାହା ଫଳରେ ପ୍ରତିଦିନ ଶହ ଶହ ଲୋକ ସେହି ଖାଲଖମା ରାସ୍ତା ଦେଇ ଯିବା ଆସିବା ସମୟରେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତାଟି ଗୋଟିଏ ପାଖ ବିଜୁ ପଟ୍ଟନାୟକ ମାର୍ଗରୁ ସେପଟ ୫୩ ନମ୍ବର ଜାତୀୟ ରାଜପଥକୁ ସ୍ପର୍ଶ କରୁଛି। ତାହାର ମଧ୍ୟ ଭାଗରେ ଜେସିଡିଏଲ କାର୍ଯ୍ୟାଳୟ ରହୁଛି। ଏହି ରାସ୍ତାରେ କେବଳ ଛୋଟ ଯାନବାହାନ ଯିବା ଆସିବା କରିବାପାଇଁ ବ୍ୟବସ୍ଥା ରହିଛି। ମାତ୍ର ଏହି ରାସ୍ତା ଦେଇ ବଡ଼ ବଡ଼ ଭାରୀଯାନ ଯିବା ଆସିବା କରିବା ଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ତାପରେ ମଧ୍ୟ ଏହି ଭଙ୍ଗା ରାସ୍ତାରେ ଭାରୀଯାନ ଯିବା ଆସିବାରେ ଜେସିଡିଏଲ୍ ରୋକ୍ ଲଗାଇ ପାରୁନାହିଁ। ଯାହାଫଳରେ ସାଧାରଣ ଲୋକ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ 'ସକାଳ'ରେ ଖରାପ ରାସ୍ତା ସମ୍ପର୍କରେ ପ୍ରକାଶ ପାଇବା ପରେ ଜେସିଡିଏଲ୍ ତତ୍ପରତା ଦେଖାଇ ରାସ୍ତା ମରାମତି କରିଥିଲା। ମାତ୍ର ରାସ୍ତାଟି କିଛି ଦିନ ପରେ ତାର ପୂର୍ବ ଅବସ୍ଥାକୁ ଫେରିଆସିବା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜେସିଡିଏଲ ରାସ୍ତାକୁ ଉପଯୁକ୍ତ ବ୍ୟବସ୍ଥା କରାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବା ନିତ୍ୟାନ୍ତ ଆବଶ୍ୟକ। ଏହି ସରକ ଦେଇ ଯାତାୟାତ କରୁଥିବା ଭାରଷଯାନ ଉପରେ ରୋକ୍ ଲଗାଇବା ପାଇଁ ଦୁଇ ପାର୍ଶ୍ୱରେ କେବଳ ଛୋଟ ଛୋଟ ଯାନବାହନ ଯିବା ଭଳି ବ୍ୟବସ୍ଥା କରାଇଲେ ସାଧାରଣ ଲୋକ ଉପକୃତ ହୋଇପାରନ୍ତେ। ପୂର୍ବରୁ ସ୍ଥାନୀୟ ଲୋକମାନେ ପ୍ରସ୍ତାବ ଦେଇଥିଲେ କି ରାସ୍ତାର ଦୁଇ ପାର୍ଶ୍ୱରେ ଅଣ ଚଉଡ଼ା ଯାହାକି କେବଳ ଛୋଟ ଛୋଟ ଯାନବାହନ ଚଳାଚଳ କରିପାରିବେ ସେପରି ଦୁଇଟି ଫାଟକ ନିର୍ମାଣ କରିବାପାଇଁ। ମାତ୍ର ତାହା ନ ହେବା, ପୁଣି ବଡ଼ ବଡ଼ ଭାରୀଯାନ ଯିବା ଆସିବା କାରଣରୁ ବାରମ୍ବାର ରାସ୍ତା ଖରାପ ହେଉଛି। ଏଠି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି କି ଜେସିଡିଏଲ ନିଜ ରାସ୍ତାର ଦାୟିତ୍ୱ ନେଇ ପାରୁ ନ ଥିବା ବେଳେ ତା' ହାତରେ କଳିଙ୍ଗନଗରର ମୁଖ୍ୟ ଦୁଇଟି ସଡ଼କ (ବିଜୁପଟ୍ଟନାୟକ ମାର୍ଗ ଓ ଗୋପବନ୍ଧୁ ମାର୍ଗ)କୁ କି ପ୍ରକାରର ଦାୟିତ୍ୱ ତୁଲାଉଥିବ ତାହା ସହଜରେ ଅନୁମାନ କରାଯାଇପାରୁଛି।



# ଦଧିବାମନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ



ବରୁଆଁ,୨।୭ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କବୀରପୁର ପାଢ଼ୀସାହିସ୍ଥ ପ୍ରଭୁ ଦଧିବାମନଜୀଉଙ୍କ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସ୍ନାନପୂର୍ଣ୍ଣିମାଠାରୁ ଠାକୁରଙ୍କ ନବଯୌବନ ଦର୍ଶନ ସହ ସମସ୍ତ ପାରମ୍ପରିକ ରୀତିନୀତି ହୋଇଛି। ମଙ୍ଗଳବାର ଅଙ୍କୁରାରୋପଣ ଓ ଯଜ୍ଞାଧିବାସ କରି ନିକଟସ୍ଥ ଖରସ୍ରୋତା ନଦୀରୁ ୫୧ଜଣ ପୁରୁଷ ଓ ମହିଳା ବ୍ରତଧାରୀ ପବିତ୍ର ଜଳ ଧାରଣ କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନା କରିଥିଲେ। ମନ୍ଦିର ପୂଜକ ଅକ୍ଷୟ ପାଢୀ ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ବେଶ ଓ ନୀତିକାନ୍ତି ସମ୍ପର୍ଣ୍ଣ କରି ଥିଲେ କ୍ଷ ପରେ ପରେ ମଣ୍ଡଳ ପୂଜା, ସୂର୍ଯ୍ୟପୂଜା କରି ଗୀତା ଯଜ୍ଞ କରାଯାଇ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ଆଶିଷ କୁମାର ପାଢ଼ୀ ଓ କର୍ତ୍ତୀ ଭାବେ ଝରଣା ପାଢୀ ଯଜ୍ଞ କାର୍ଯ୍ୟ ସମ୍ପାଦିତ କରିଥିଲେ। ପଣ୍ଡିତ ସୀତାରାମ ପତିଙ୍କ ପୌରୋହିତ୍ୟରେ ଇନ୍ଦ୍ରମଣି ପତି, ବିଚିତ୍ର ପାଢୀ, ଅମିୟ କୁମାର ପତି, ତାପସ ପତି ଓ ସହଯୋଗୀ ଭାବେ ଶ୍ରୀଧର ବାରିକ୍ ଯଜ୍ଞକାର୍ଯ୍ୟ ସମ୍ପାଦିତ କରିଥିଲେ। ପ୍ରତି ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଯଜ୍ଞ ନାରାୟଣ ଓ ପ୍ରଭୁ ଦଧିବାମନଜୀଉଙ୍କୁ ଦର୍ଶନ କରିବା ସହ ଆଶୀଷ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜ କିଶୋର ପାଢୀ, ଅମରେନ୍ଦ୍ର ପାଢୀ, ଅଜୟ ପାଢୀ, ବିଜୟ ପାଢୀ, ଶଙ୍କର୍ଷଣ ପାଢୀ, ସଞ୍ଜୟ ପଣ୍ଡା, ବିଜୟ ପାଢୀ (ବକି), ସୁରେନ୍ଦ୍ର ପାଢ଼ୀ, ଜଗବନ୍ଧୁ ପାଢ଼ୀ ,ଅର୍ଜୁନ ପାଢୀ, ମୋହନ ସୁନ୍ଦର୍ ରାଉତ, ବସନ୍ତ ପାଢୀଙ୍କ ସମେତ ଗ୍ରାମର ସମସ୍ତ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ।

# ୭ ଘୁଷୁରି ଚରାଳି ନାବାଳକ ଉଦ୍ଧାର

ଯାଜପୁର,୨।୭ (ସମିସ): ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ଘୁଷୁରି ଚରାଉଥିବା ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସୁରକ୍ଷା ୟୁନିଟ, ପୁଲିସ, ଚାଇଲ୍ଡ ଲାଇନ ବରୀ ବ୍ଲକର ଅଲିପୁର ଗ୍ରାମରୁ ଶୋଇଥିବା ଅବସ୍ଥାରେ ୭ ଜଣ ନାବାଳକଙ୍କୁ ଉଦ୍ଧାର କରି ବୁଧବାର ଶିଶୁ ମଙ୍ଗଳ କମିଟିରେ ହାଜର କରାଇଛି। ପରେ ଉଦ୍ଧାର ମାନଙ୍କୁ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ ଅନୁଯାଇ ଏହି ନାବାଳକ ମାନଙ୍କୁ ବାଳାଶ୍ରମରେ ରଖା ଯାଇଛି। ଏହି ନାବାଳକ ମାନଙ୍କ ଘର ଭଦ୍ରକ ସମେତ ଅନ୍ୟ ଜିଲ୍ଲାର ଜଣା ପଡ଼ିବା ପରେ ସେହି ସବୁ ଜିଲ୍ଲାର ଶିଶୁ ମଙ୍ଗଳ କମିଟି ସହ ଯୋଗା ଯୋଗ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ଶିକ୍ଷା ଦେବାର ବ୍ୟବସ୍ଥା କରାଯିବ ବୋଲି ଶିଶୁ ମଙ୍ଗଳ କମିଟି କହିଛି।

**ଅବହେଳିତ ଜଗନ୍ନାଥପୁର**

# ଭଲ ରାସ୍ତାଟିଏ ଗାଁକୁ ସ୍ୱପ୍ନ



ବରୀ,୨।୭ (ସମିସ):

ବରୀ ବ୍ଲକ ଚନ୍ଦନପୁର ପଞ୍ଚାୟତ ଜଗନ୍ନାଥପୁର ଗାଁକୁ ଆଜି ବି ଭଲ ରାସ୍ତାଟିଏ ନାହିଁ। ଗାଁକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ପହଞ୍ଚି ପାରୁନାହିଁ। ଗାଁ ଲୋକେ ଯେପରି ନିର୍ବାସିତ ଜୀବନ ବିତାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ଓ ଦୀର୍ଘବର୍ଷ ହେବ ଏହି ଗାଁ ଉପରେ ପ୍ରଶାସନର ନଜର ପଡ଼ିପାରି ନାହିଁ। ଗୋଳକୁଣ୍ଡ ଇନ୍ଦୁପୁର ରାସ୍ତା କଡରେ ଥିବା ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ୩୦/୩୫ ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁଲୋକେ ରାସ୍ତା ସମସ୍ୟାକୁ ନେଇ ଦୀର୍ଘବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗାଁ ରାସ୍ତା ପ୍ରତି କାହାର ଶୁଭଦୃଷ୍ଟି ପଡୁନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଗ୍ରାମକୁ ଯାତାୟତ କରିବା ନିମନ୍ତେ ଭଲ ରାସ୍ତାଟିଏ ନଥିବାରୁ ଗାଁ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ମୁଖ୍ୟ ରାସ୍ତାରୁ ଅଳ୍ପ କିଛି ବାଟ ଢ଼ଳେଇ ହୋଇ ଥିଲେ ହେଁ ତାହା ମଧ୍ୟ ଭାଙ୍ଗି ରୁଜି ଗଲାଣି। ତା ପରକୁ ଏମିତି କାଦୁଅ ପଚପଚ ହୋଇଛି ଯେ ଖାଲି ପାଦରେ ଯିବା ଅସମ୍ଭବ। ଏହି ରାସ୍ତାରେ ଗଲେ ହଳଦିବସନ୍ତ ଗ୍ରାମର କେତେ ଗୋଟି ପରିବାର ବସ ବାସ କରୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ ଜରୁରୀ ସମୟରେ ଏକ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହୁଥିବାରୁ ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଅତି କଷ୍ଟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ପଡୁଛି। ସେହିପରି ଅଗ୍ନିକାଣ୍ଡ ସମୟରେ ଅଗ୍ନିଶମ ଗାଡ଼ି ଓ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଗାଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ନେତା ଓ ଜନ ପ୍ରତିନିଧି ନିର୍ବାଚନ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତଉଥିବା ବେଳେ ନିର୍ବାଚନ ପରେ ଆମକଥା ମନେ ପଡୁନାହିଁ ବୋଲି ଗାଁର ପ୍ରଫୁଲ୍ଲ ଜେନା, ନିର୍ମଳ ସାମଲ ପ୍ରମୁଖ ଅଭିଯୋଗ କରିବା ସହିତ ଦୀର୍ଘ ବର୍ଷ ହେଲା ଆମେ ଅବହେଳିତ ଅବସ୍ଥାରେ ଥିବା ଗାଁ ରାସ୍ତା ଉନ୍ନତିକରଣ କରିବା ଦିଗରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ପଦେକ୍ଷପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ମିଳୁନି କାର୍ଯ୍ୟାଦେଶ**

# ପ୍ରଧାନମନ୍ତ୍ରୀ ଆବାସ ଅପେକ୍ଷାରେ ହିତାଧିକାରୀ

ଦଶରଥପୁର,୨।୭ (ସମିସ): ସରକାର ବିଧବା ମହିଳା, ଭିନ୍ନକ୍ଷମଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସ୍ୱତନ୍ତ୍ର ଭାବେ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେଇଥିବା ବେଳେ ନୂଆ ସରକାର ଚଳିତ ବର୍ଷ ଅଧିକ ସଂଖ୍ୟାରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଉଦ୍ଦେଶ୍ୟରେ ଗତ ୨ ମାସ ତଳୁ ଆବେଦନ ପକ୍ରିୟା ଆରମ୍ଭ କରିଥିଲେ। ଏହି କ୍ରମରେ ଅଦ୍ୟାବଧି ଦଶରଥପୁର ବ୍ଲକ ଅଧୀନ ୩୫ ପଞ୍ଚାୟତରୁ ମୋଟ ୧୭ ହଜାର ୭୪ ହିତାଧିକାରୀ ପିଏମ୍ ଆବାସ ଯୋଜନାରେ ପକ୍କାଘର ପାଇଁ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ଅକରପଡା ପଞ୍ଚାୟତରେ ୭୯୭ ହିତାଧିକାରୀ ପକ୍କାଘର ପାଇଁ ଆବେଦନ କରିଥିବା ବେଳେ ଅସନପୁର ପଞ୍ଚାୟତରେ ୪୬୫, ବିହାରୀରେ ୫୭୬, ବିରଜାପୁରରେ ୫୫୧, ବିରିପଟାରେ ୫୯୭, ବିରୂହାଁରେ ୫୧୪, ଚମ୍ପେଇପାଳରେ ୬୪୩, ଚଷାଖଣ୍ଡରେ ୪୬୦, ଛାଞ୍ଚିଣାରେ ୨୪୦, ଚିତାଳରେ ୩୦୮, ଡାହାଣହତାରେ ୪୪୨, ଦଶରଥପୁରରେ ୩୬୧, ଦୁଦୁରାଅନ୍ତାରେ ୩୭୧, ଦଉପୁରରେ ୩୧୨, ଗୋପାଳପୁରରେ ୪୬୪, ଗ୍ରାମନନ୍ଦିପୁରରେ ୩୫୫, ଇଜାପୁରରେ ୭୦୭, ଜାଫରପୁରରେ ୨୮୯, ଜୟନ୍ତରାରେ ୨୬୦, କମାରଡିହିରେ ୨୨୭, କନିକାପଡାରେ ୮୭୪, କସପାରେ ୪୭୦, କଟିକଟାରେ ୪୩୬, କଁୟାରେ ୬୭୧, ଖଣ୍ଡରାରେ ୩୭୫, ଖାନନଗରରେ ୩୭୪, ମଲ୍ଲୀକାପୁରରେ ୭୦୧, ମଙ୍ଗଳପୁରରେ ୪୫୫, ନିଜାମପୁରରେ ୩୯୪, ପାଲଟପୁରରେ ୫୨୪, ରାହାସୋଇରେ ୫୨୯, ଶୁଶୁଆରେ ୫୯୯, ତଳିହାରେ ୪୩୯, ତରପଦାରେ ୫୫୦ ଓ ଥାଲୁକୁଡି ପଞ୍ଚାୟତରୁ ୭୭୧ ହିତାଧିକାରୀ ପକ୍କାଘର ପାଇବାକୁ ଦରଖାସ୍ତ କରିଛନ୍ତି। ବର୍ତ୍ତମାନ ମୌସୁମୀ ଜନିତ ବର୍ଷା ଆରମ୍ଭ ହୋଇସାରିଲାଣି। ହେଲେ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବାର ପକ୍ରିୟା ଆରମ୍ଭ ହୋଇନାହିଁ। ଯଦି ବର୍ଷା ଋତୁରେ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ, ତେବେ ହିତାଧିକାରୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ବାଲି, ଇଟା, ଗୋଡି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ଥିବା ବେଳେ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ସରକାରଙ୍କ ନିୟମ ଅନୁଯାୟୀ ଆବାସ ଯୋଜନାରେ ପ୍ରଥମ କିସ୍ତି ପାଇବାର ୧୨୦ ଦିନ ମଧ୍ୟରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କଲେ ହିତାଧିକାରୀଙ୍କୁ ଅତିରିକ୍ତ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ମାତ୍ର ଗୃହ ନିର୍ମାଣ କାର୍ଯ୍ୟାଦେଶ ପକ୍ରିୟା ବିଳମ୍ବ ହେଉଥିବାବେଳେ ବର୍ଷା ଋତୁରେ ହିତାଧିକାରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରିବା ଅସମ୍ଭବ ହେବା ସହ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବାକୁ ନେଇ ଆଶଙ୍କା ଦେଖଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ ଦିଗରେ ପଦକ୍ଷେପ ନେବାକୁ ହିତାଧିକାରୀ ମହଲରୁ ଦାବୀ ହୋଇଛି। ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକଙ୍କୁ ପଚାରିବାରେ ଖୁବ ଶୀଘ୍ର ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ ପାଇଁ ବିଭାଗୀୟ ସ୍ତରରେ ଦ୍ରୁତ ପକ୍ରିୟା ଜାରି ରହିଥିବା କହିଥିଲେ।

# ଆଦିବାସୀ ମହିଳାଙ୍କୁ ଗଣ ବଳାତ୍କାର; ୨ ଗିରଫ

ବଡ଼ଚଣା,୨।୭ (ସମିସ): ବୈରୀ ଥାନା ଅନ୍ତର୍ଗତ ସମିଆ ପଞ୍ଚାୟତର ଚମ୍ପାପୁର ଗ୍ରାମର ଜନୈକା ମହିଳାଙ୍କୁ ଜଙ୍ଗଲ ଭିତରେ ଦୁଇଜଣ ଉଠାଇ ନେଇ ଦିନ ତମାମ ଗଣ ଧର୍ଷଣ କରିଥିଲେ। ସନ୍ଧ୍ୟା ସମୟରେ ପିଣ୍ଟୁ ହେମ୍ବ୍ରମ ୨୮ ବର୍ଷିଆ ମହିଳା କୌଶଳ କ୍ରମେ ସେମାନଙ୍କ ପାଖରୁ ଖସି ଆସି ପରିବାରରେ ଏ କଥା କହିବା ପରେ ପରିବାର ଲୋକେ ତାଙ୍କୁ ବୈରୀ ଥାନାରେ ପହଞ୍ଚାଇ ଥିଲେ। ଥାନା ଅଧିକାରିଣୀ ପିଣ୍ଟୁ ହେମ୍ବ୍ରମ୍ ଠାରୁ ସମସ୍ତ ଘଟଣା ଶୁଣିବା ପରେ ଥାନା ଅଧିକାରିଣୀ ଅଂଶୁମାଳା ଦାସ ୧୪୦/୨୫ରେ ଏକ ମାମଲା ରୁଜୁ କରି ପୁଲିସ ବାହିନୀ ସହିତ ଭାଲୁଖାଇ ଜଙ୍ଗଲ ରେ ଚଢ଼ାଉ କରି ଦୁଇ ଅଭିଯୁକ୍ତ ଭାଲୁମରା ଗ୍ରାମର ସାନନ୍ଦ ପିଙ୍ଗୁ (୩୨) ଓ ଚମ୍ପାପୁରର ଭଜମନ ଭୋଇ (୪୫)ଙ୍କୁ ଗିରଫ କରିଛନ୍ତି। ପ୍ରକାଶ ଥାଉ କି ମହିଳା ଜଣକ ଭାଲୁଖାଇ ଜଙ୍ଗଲରେ ଛେଳି ଚରାଉଥିବା ସମୟରେ ଦୁଇ ଅଭିଯୁକ୍ତ ତାଙ୍କୁ ଏକୁଟିଆ ଦେଖି ଜୋର ଜବରଦସ୍ତି ଜଙ୍ଗଲ ମଧ୍ୟରେ ଜଣକ ପରେ ଜଣେ ବାରମ୍ବାର ଧର୍ଷଣ କରିଥିଲେ।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା,୨।୭ (ସମିସ): ଧର୍ମଶାଳା ବ୍ଲକ୍ ଜାରକା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଷମା ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଏସ୍ଏମ୍ସି ସଭାପତି ପ୍ରଦୀପ କୁମାର ସେଠୀ, ପୁରାତନ ଛାତ୍ରସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ, ପୂର୍ବତନ ଏସ୍ଏମ୍ସି ସଭାପତି ସୟଦ୍ ଗୁଲାମ୍ ମୁସ୍ତାଫା, ସଭ୍ୟ ଦିଲୀପ ବିଶ୍ୱାଳ, ସଭ୍ୟା ଗୀତାଞ୍ଜଳି ବାରିକ ଓ କନକଲତା ବାରିକ ଯୋଗଦେଇ ଶ୍ରୀମତୀ ପତିଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ନର୍ମଦା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବିଦ୍ୟୁତ୍ଲତା ରାଉତ ସ୍ୱାଗତ ଭାଷଣ ଓ ମାନପତ୍ର ପାଠ କରିଥିଲେ। ଜୟକୃଷ୍ଣ ମିଶ୍ର ଓ ପ୍ରସାଦ କୁମାର ମିଶ୍ର ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କୁମୁଦିନୀ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୭୮ତମ ଜୟନ୍ତୀ ଉତ୍ସବ



କୁଆଖିଆ/ମଧୁବନ,୨।୭ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୭୮ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଳ୍ପତରୁ ସ୍ମୃତି କମିଟି ସଭାପତି ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ସଂପର୍କରେ ସୂଚନା ପ୍ରଦାନ କରି କହିଥିଲେ। କଳ୍ପତରୁ ଜଣେ ବିଚକ୍ଷଣ ରାଜନେତା ଓ ବିକାଶ ଅନ୍ୟତମ ବିନ୍ଧାଣୀ ଥିଲେ। ତୃଣମୂଳସ୍ତରରୁ ରାଜନୀତି ଆରମ୍ଭ କରି କିଭଳି ଶୀର୍ଷ ସ୍ଥାନରେ ପହଞ୍ଚି ହୁଏ ସେ ଦିଗରେ ସେ ଅନ୍ୟ ରାଜନେତାମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ଏହାଛଡା ତାଙ୍କ ରାଜନୈତିକ ଜୀବନ କାଳରେ ଭୋଟକା ପଞ୍ଚାୟତକୁ ସ୍ୱତନ୍ତ୍ର ପଞ୍ଚାୟତର ମାନ୍ୟତା ପ୍ରଦାନ କରାଇବା ସହ ପଞ୍ଚାୟତରେ ଶିକ୍ଷା, ଗମନାଗମନ, ଧର୍ମପୀଠର ଉନ୍ନତିକରଣ ଆଦି କ୍ଷେତ୍ରରେ ବିଶେଷ ଅବଦାନ ରହିଥିଲା ବୋଲି ବକ୍ତାମାନେ ବକ୍ତବ୍ୟ ଛଳରେ ପ୍ରକାଶ କରିଥିଲେ। ଏହାଛଡା କଳ୍ପତରୁ ପ୍ରେମୀ ଭାବରେ ବରିଷ୍ଠ ନାଗରିକ ବାସୁଦେବ ଦାଶ, ସୁରେନ୍ଦ୍ର କୁମାର ରାଉତ, ସମବାୟ ନେତା ବିଶ୍ୱନାଥ ଦାସ, ଯୁବନେତା ଅଭୟ କୁମାର ଶତପଥି, ସୁନିଲ କୁମାର ସାମନ୍ତରାଏ, ଭାସ୍କର ସାହୁ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ସଂପର୍କରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସମିତି ସଭ୍ୟ ରଞ୍ଜିତ ରାଉତ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦାସଙ୍କ ସମାଧିପୀଠକୁ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିସହ ପଞ୍ଚାୟତ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭା ପରିଚାଳନରେ ନାଏବ ସରପଞ୍ଚ କେଦାର କୁମାର ଦେଓ, ଗୋପିନାଥ ପଣ୍ଡା, ରଞ୍ଜନ ସାହୁ, ସନ୍ତୋଷ ରାଉତ, ୱାର୍ଡ ସଭ୍ୟ ସଦାନନ୍ଦ ପଣ୍ଡା, ନୃସିଂହ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରେମିକା ପ୍ରତାରଣାରୁ ପ୍ରେମିକର ଆତ୍ମହତ୍ୟା

ବ୍ରହ୍ମବରଦା, ୨।୭ (ସମିସ): ପ୍ରେମିକାଙ୍କ ପ୍ରତାରଣାରେ ଜଣେ ପ୍ରେମିକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ବିରଭାନୁପୁର ଗ୍ରାମର ପ୍ରଶାନ୍ତ ରଥଙ୍କ ସାନ ପୁଅ ସ୍ମୃତିରଞ୍ଜନ ରଥ(୨୮) ଗତ ୭ ଦିନ ତଳେ ବିଷ ପିଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନାଥାଉକି ସ୍ମୃତିରଞ୍ଜନ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଜାରକା ନିକଟସ୍ଥ ଜଣେ ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ଗତ ୭ ଦିନ ତଳେ କୌଣସି କାରଣ ବସତ ସ୍ମୃତିରଞ୍ଜନ ବିଷ ପିଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଧର୍ମଶାଳା ପରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ପାଳିତ



ପ୍ରୀତିପୁର,୨।୭ (ସମିସ): ସୟଦପୁର ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ନାଥଙ୍କ ସଭାପତିତ୍ୱରେ ବ୍ରଜସୁନ୍ଦର ଦାସଙ୍କ କୃତି ସମ୍ପର୍କୀୟ ଆଲୋଚନାଚକ୍ରରେ ଅଖିଳଚକ୍ରର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ। ଓଡିଆ ଜାତିକୁ ସମ୍ମିଳିତ କରି ଗୋଟିଏ ପ୍ରଦେଶ ଗଠନ ନିମନ୍ତେ ସାଇମନ କମିଶନଙ୍କ ପାଖରେ ଯେଉଁ ଧାରଣା ଦିଆଯାଇଥିଲା ସେଥିରେ ମୁଖ୍ୟ ସୂତ୍ରଧର ଥିଲେ ବ୍ରଜସୁନ୍ଦର ଦାସ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅଖିଳଚକ୍ରର ସହ ସମ୍ପାଦକ ଏବଂ ସଂଗଠକ ଅଭୟ କୁମାର ଖୁଣ୍ଟିଆ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଓଡିଆ ଜାତିର ଗର୍ବ ଗୌରବ ହେଉଛନ୍ତି ବ୍ରଜସୁନ୍ଦର ଦାସ। ସକାଳେ ସ୍କୁଲ ପରିସରରେ ଥିବା ବ୍ରଜସୁନ୍ଦର ଦାସଙ୍କ ପ୍ରତିମୂର୍ତ୍ତିରେ ଅଖିଳଚକ୍ରର କର୍ମକର୍ତ୍ତା ଓ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷୟିତ୍ରୀ ପ୍ରେମଲତା ସେଠୀ, ପ୍ରଜ୍ଞାରାଣୀ ସାହୁ, ଗୀତାଞ୍ଜଳି ମଲ୍ଲିକ, ରଜନୀ ଦେଇ, ତନ୍ମୟୀ ଜେନା, ଲିଲିପ୍ରଭା ନାଥଶର୍ମା, ଶାହିଦା ବେଗମ, ପୂଜା କମଲ, ସ୍ୱାଗତିକା ରାଉତ, ସଂଘମିତ୍ରା ଜେନା, ଶିକ୍ଷକ ହରେଶ କୁମାର ଦାସ, ସୁବୋଧ କୁମାର ସାହୁ, ବିରଞ୍ଚି ନାରାୟଣ ନାୟକ, ବସନ୍ତ କୁମାର ବାରିକ, ଦେବୀପ୍ରସନ୍ନ ଧଳ, ସୌଭାଗ୍ୟ କୁମାର ଲେଙ୍କା, ଅଖିଳଚକ୍ର ସଂଗଠକ ସତ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

**ବିଜେପି ନେତାଙ୍କ ବିରୋଧରେ ମାଳମାଳ ଅଭିଯୋଗ**

# ଆଦିବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ମିଳିଲାନି ନ୍ୟାୟ

ଯାଜପୁର,୨।୭ (ସମିସ):

ବିଏମ୍ସି କାର୍ଯ୍ୟାଳୟରେ ପଶି ବିଜେପି ନେତା ଓ କର୍ମୀ ମାନେ ଗୁଣ୍ଡାଗର୍ଦ୍ଦି କରିବା ଘଟଣା ଏବେ ଜାତୀୟ ସ୍ତରରେ ଚହଳ ସୃଷ୍ଟି କରିଛି। ଜାତୀୟ ଗଣମାଧ୍ୟମରେ ବିଜେପି ଦଳକୁ ପ୍ରବଳ ସମାଲୋଚନାର ଶିକାର ହେବାକୁ ପଡିଛି। ତେବେ ଏଭଳି ମାଳ ମାଳ ଅଭିଯୋଗ ରାଜ୍ୟର ଅନ୍ୟ ଅଞ୍ଚଳରେ ଦେଖାଦେଇଥିଲେ ମଧ୍ୟ ପୁଲିସ କିମ୍ବା ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଦେଖିବାକୁ ମିଳିଛି।

ଗତ ମାର୍ଚ୍ଚ ୧୮ ତାରିଖ ଦିନ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ପଶି ବିଜେପି କର୍ମୀ ଆଦିବାସୀ କନିଷ୍ଠ ଯନ୍ତ୍ରୀ ପିଥ ହାନ୍ସଦାଙ୍କୁ ଆକ୍ରମଣ ସହିତ ହତ୍ୟା ଧମକ ଦେଇଥିଲେ। ଏହା ପୂର୍ବରୁ କନିଷ୍ଠ ଯନ୍ତ୍ରୀ ନିଜର ସରକାରୀ କାମ ସାରି ଡାହାଣୀହତା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାଣି ପିଉଥିବା ସମୟରେ ବିଜେପି ନେତା ତଥା ଦେଓପଦା ଗାଁର ପତିତପାବନ ମହାନ୍ତି ଓରଫ ହାପୁ(୪୨) କନିଷ୍ଠ ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ଜାତିଗତ ଆକ୍ଷେପ ସହିତ ଏଠାରୁ ବଦଳି ହୋଇ ନ ଗଲେ ହତ୍ୟା କରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ କନିଷ୍ଠ ଯନ୍ତ୍ରୀ ଦଶରଥପୁର ବିଡିଓଙ୍କୁ ଅବଗତ କରିବା ପରେ ବିଡିଓ ଏ ନେଇ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏ ସଂପର୍କରେ ଅଭିଯୋଗ ପାଇବା ପରେ କେବଳ ମାମଲା (୫୨/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍ଏସର ଧାରା ୨୯୬, ୩୫୧(୨), ୨୨୪ ଏବଂ ଜାତିଆଣ ଆକ୍ଷେପର ବିଭିନ୍ନ ଧାରାରେ ମାମଲା ରୁଜୁ କରି ପୁଲିସ ବସିଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ କୌଣସି ପ୍ରକାର ନ୍ୟାୟ ମିଳିପାରିନାହିଁ। ଅଭିଯୋଗ ମୁତାବକ ଅଭିଯୁକ୍ତ ଜଣକ ବିଜେପି ଦଳର ଜଣେ ଟାଣୁଆ କର୍ମୀ ହୋଇଥିବାରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ପୁଲିସକୁ ବାରଣ କରାଯାଇଛି। ଫଳରେ ଅଭିଯୁକ୍ତ ଜଣକ ଖୁଲମ ଖୁଲା ଦଳୀୟ କାର୍ଯ୍ୟକ୍ରମରେ ଘୁରି ବୁଲୁଛି ଏବଂ ଆଦିବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ନାନା ମାନସିକ ଚାପ ଦିଆଯାଇଥିବାରୁ ସେ ମଧ୍ୟ ଚୁପ ହୋଇ ବସିଥିବା ଚର୍ଚ୍ଚା ହେଉଛି।

**ରୋହିତ ଖୁଣ୍ଟିଆ ଆକ୍ରମଣକାରୀ ଧରାପଡ଼ିଲେନି**

ସେହିଭଳି ସୁକିନ୍ଦାରେ ବିଜେପି ନେତାଙ୍କ ବିରୋଧରେ ମାଳ ମାଳ ଅଭିଯୋଗ ଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ଦେଖିବାକୁ ମିଳିଛି। ଗତ ମେ' ମାସରେ ବିଜେଡି କର୍ମୀ ରୋହିତ ଖୁଣ୍ଟିଆଙ୍କୁ ବିଜେପି ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ (ବାବୁନି)ଙ୍କ ନେତୃତ୍ୱରେ ଅପହରଣ କରି ନେଇ ମାଡ଼ ମାରି କଳିଙ୍ଗନଗର ଥାନା ନିକଟରେ ପିଙ୍ଗି ଦେଇ ଚାଲିଯାଇଥିଲେ। ଗୁରୁତର ଅବସ୍ଥାରେ ରୋହିତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ହାତଗଣତି ବିଜେପି କର୍ମୀଙ୍କୁ ଗିରଫ କରାଯାଇଥିବା ବେଳେ ଏହି ଅପହରଣ ଓ ଆକ୍ରମଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବାବୁନିଙ୍କୁ ପୁଲିସ ଏ ପର୍ଯ୍ୟନ୍ତ ଗିରଫ କରିନଥିବାରୁ ସେ ଖୁଲମଖୁଲା ଘୁରି ବୁଲୁଛି। ସାମାଜିକ ଗଣମାଧ୍ୟମରେ ବେଶ ଦଳୀୟ ପ୍ରଚାରରେ ମାତିଥିବା ଦେଖିବାକୁ ମିଳିଥିବା ବେଳେ ପୁଲିସ କାହିଁକି ତାଙ୍କୁ ଗିରଫ କରୁନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ସରକାରୀ ଦଳର ଚାପରେ ବଶବର୍ତ୍ତୀ ହୋଇ ପୁଲିସ କାର୍ଯ୍ୟ କରୁଥିବାରୁ ଧିରେ ଧିରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଆଇନ ପ୍ରତି ଭୟ ରହୁନାହିଁ। ଯଦି ତୃଣମୁଳ ସ୍ତରରେ ବିଜେପି କାର୍ଯ୍ୟକର୍ତ୍ତା ମାନେ ସୃଷ୍ଟି କରୁଥିବା ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଜେପି କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ ସଠିକ୍ ପଦକ୍ଷେପ ଗ୍ରହଣ କରନ୍ତା ତେବେ ସାଧାରଣ ଲୋକେ ପ୍ରକୃତ ନ୍ୟାୟ ପାଇପାରନ୍ତେ।

**ବାଲିଚନ୍ଦ୍ରପୁରରେ ଆତଙ୍କ**

# ଦାଦାବଟି ଓ ଲୁଟ୍ ଅଭିଯୋଗ; ୨ ଗିରଫ

ବାଲିଚନ୍ଦ୍ରପୁର, ୨।୭ (ସମିସ): ଉତ୍କଳ ଫିଡ଼ସ କମ୍ପାନୀର କୁକୁଡ଼ା ଦାନା ବିକ୍ରୟ କରୁଥିବା ଗାଡ଼ିକୁ ଅଟକାଇ ରାତ୍ର ସମୟରେ ଆତଙ୍କ ସୃଷ୍ଟି କରିଛନ୍ତି ଦୁର୍ବୃତ୍ତ। ଦାଦା ବଟି ମାଗି ଟଙ୍କା ନ ଦେବାରୁ କମ୍ପାନୀର ସୁପରଭାଇଜର ଓ ଡ୍ରାଇଭରକୁ ମାଡ଼ମାରି ଗାଡ଼ିଟିକୁ ଛଡ଼ାଇନେଇଥିଲେ। କମ୍ପାନୀ ପକ୍ଷ୍ୟରୁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ଏଥିରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପ୍ରକାଶ ଯୋଗ୍ୟ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଓଳାଶୁଣୀ ଛକରୁ ଲଳିତଗିରି ରାସ୍ତା ଦେଇ ଉତ୍କଳ ଫିଡସ କମ୍ପାନୀର ଏକ ପିକଅପ୍ ଗାଡ଼ି କୁକୁଡ଼ା ଛୁଆ ଏବଂ ଦାନା ବସ୍ତା ନେଇ ଯାଉଥିବା ସମୟରେ ସାମନା ପଟୁ ଏକ ଗାଡିରେ ଦୁଇଜଣ ଯୁବକ ଆସି ଦାଦା ବଟି ମାଗିଥିଲେ। କମ୍ପାନୀ କୁକୁଡ଼ା ଗାଡିରେ ଥିବା ଡ୍ରାଇଭର ଏବଂ ସୁପରଭାଇଜର ଉକ୍ତ ଲୁଟେରାଙ୍କୁ ଟଙ୍କା ନ ଦେବାରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଲୁଟେରା ଯୁବକ ଦ୍ୱୟ କମ୍ପାନୀ ପିଲାକୁ ମାଡ଼ମାରି ଉକ୍ତ ଗାଡିକୁ ନିଜ ସାଥିରେ ନେଇ ପଳେଇଥିଲେ। ଲୁଟେରାଙ୍କ କାର୍ ନମ୍ବର ଆଧାରରେ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଦୀପକ କୁମାର ନାୟକ ଓ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ଗ୍ରାମର ନିରାକାର ପ୍ରଧାନଙ୍କ ପୁଅ ରଞ୍ଜନ କୁମାର ପ୍ରଧାନଙ୍କୁ ବାଲିଚନ୍ଦ୍ରପୁର ଥାନା କେଶ ନଂ ୧୭୯/୨୫ରେ ଗିରଫ କରି କୋର୍ଟଚାଲାଣ କରାଯିବଯାଇଛି। ଏଥିରେ ସମ୍ପୃକ୍ତ ଦୁଇଗୋଟି ଗାଡିକୁ ପୁଲିସ ଜବତ କରିଥିବା ନେଇ ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।



# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ THE SAKALA

## ରେଳକୁ ଗତି ଦେବ ରାଜସ୍ୱ

ରେଳବାଇ ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବା ପୂର୍ବରୁ ଅସହଜ ଓ ଅସୁରକ୍ଷିତ ରେଳଯାତ୍ରା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ସୁଧାର ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାର ଥିଲା। କ୍ରମାଗତ ରେଳ ଦୁର୍ଘଟଣା ଅପବାଦରୁ ମଧ୍ୟ ରେଳବାଇ ମୁକ୍ତ ହୋଇନାହିଁ। ରେଳଯାତ୍ରୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେଲା ଭଳି ପଦକ୍ଷେପକୁ ପ୍ରାଥମିକତା ଦେବାର ଥିଲା। ଅବଶ୍ୟ ଏକଥା ସତ ଯେ ନିୟମିତ ମରାମତି ଓ ଆଧୁନିକୀକରଣର ବ୍ୟୟଭାରକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। କୋଭିଡ ପରେ ଏହା ପ୍ରଥମ ଯାତ୍ରୀଭଡ଼ା ବୃଦ୍ଧି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଯାତାୟାତ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯାତ୍ରୀଭଡ଼ା ବିମାନ ଯାତ୍ରାର ଦେୟଠାରୁ ସାମାନ୍ୟ କମ୍ ହୋଇଥିବାରୁ ଆଜିକାଲି ବିମାନଯାତ୍ରାକୁ ପସନ୍ଦ କରୁଛନ୍ତି ଉଚ୍ଚବର୍ଗର ଯାତ୍ରୀ। ତେଣୁ ଯାତ୍ରୀଭଡ଼ା ବୃଦ୍ଧି ନିଷ୍ପତ୍ତି ନେବା ପୂର୍ବରୁ ସଂସଦୀୟ କମିଟି ଏନେଇ ପର୍ଯ୍ୟାପ୍ତ ବିଚାର ଆଲୋଚନା କରିବାର ଥିଲା।

ଯାତୟାତର ବ୍ୟୟଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ରେଳଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସେ ଦୃଷ୍ଟିରୁ ବିଚାର କଲେ, ରେଳବାଇକୁ ଆମେ ଦେଶର ଜୀବନରେଖା ରୂପେ ଗ୍ରହଣ କରିଥାଉ। କିନ୍ତୁ ଏଥିସହ ସଂଶ୍ଳିଷ୍ଟ ମୌଳିକ ସେବା ବା ସୁବିଧା ସୁଯୋଗ ଯେ ଆଶାନୁରୂପ ହୋଇପାରି ନାହିଁ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ବର୍ଦ୍ଧିତ ଯାତ୍ରୀ ଭଡ଼ାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଲା, ସାଧାରଣ ଶ୍ରେଣୀରେ ୫ ଶହ କିଲୋମିଟର ଯାତ୍ରା କ୍ଷେତ୍ରରେ ଭଡ଼ା ବୃଦ୍ଧି କରାଯାଇନାହିଁ। ସେହିଭଳି ଉପନଗର ଏକକ ଯାତ୍ରୀଭଡ଼ା ଓ ସିଜିନ୍ ଟିକଟ୍‌ର ଦେୟ ଅପରିବର୍ତ୍ତିତ ରହିଛି। ଆସନ ସଂରକ୍ଷଣ ଫି, ସୁପରଫାଷ୍ଟ ସରଚାର୍ଜ ଓ ଅନ୍ୟାନ୍ୟ ଶୁଳ୍କ ବଢ଼ା ଯାଇନାହିଁ। ସାଧାରଣ ୨ୟ ଶ୍ରେଣୀ ବର୍ଗରେ ୫୦୧ ରୁ ୧୫୦୦ କିଲୋମିଟର ଯାତାୟତ କ୍ଷେତ୍ରରେ ଭଡ଼ା ୫ ଟଙ୍କା, ୧୫୦୧ରୁ ୨୫୦୦ କିଲୋମିଟର ପିଛା ୧୦ ଟଙ୍କା ଏବଂ ୨୫୦୧ରୁ ୩୦୦୦ କିଲୋମିଟର ପର୍ଯ୍ୟନ୍ତ ଯାତାୟାତରେ ଭଡ଼ା ୧୫ ଟଙ୍କା ବଢ଼ିଛି। ଏହାଛଡ଼ା ସ୍ଲିପର ଓ ପ୍ରଥମ ଶ୍ରେଣୀର ଯାତ୍ରୀଭଡ଼ା କିଲୋମିଟର ପିଛା ୦.୫ ଟଙ୍କା ବଢ଼ିଥିବାର ଜଣାପଡ଼ିଛି। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତାୟତ ସକାଶେ ଯାତ୍ରୀଭଡ଼ା କିଲୋମିଟର ପିଛା ୧ ପଇସା ବଢ଼ିଛି। ତେବେ ଶୀତତାପ ନିୟନ୍ତ୍ରିତ ବର୍ଗରେ ଯାତାୟତ ସକାଶେ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ାଯାଇଛି। ଏହି ବର୍ଦ୍ଧିତ ଭଡ଼ା ସହ ଯାତ୍ରୀଙ୍କୁ ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ରେଳ ଓ ବିମାନ ଯାତ୍ରାର ତୁଳନାତ୍ମକ ଭଡ଼ା ସଂପର୍କରେ ପର୍ଯ୍ୟାଲୋଚନା କଲାବେଳେ କେବଳ ଏତିକି କୁହାଯାଇପାରିବ ଯେ ବିମାନ ସେବା ଏବେ ମଧ୍ୟ ଦେଶର ସବୁ ଅଞ୍ଚଳକୁ ଉପଲବ୍ଧ ନୁହେଁ। ତେବେ ବର୍ଦ୍ଧିତ ଭଡ଼ାକୁ ବିଚାର କଲେ ଯେକୌଣସି ଯାତ୍ରୀ ସମୟ ଅପଚୟକୁ ଏଡ଼ାଇ ଯିବା ସକାଶେ ବିମାନ ଯାତ୍ରାକୁ ଅଧିକ ପସନ୍ଦ କରିବ। ରେଳ ମନ୍ତ୍ରଣାଳୟକୁ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଅଧିକ ପ୍ରତିଯୋଗୀକ୍ଷମ କରିବା ପାଇଁ ମୌଳିକ ସୁବିଧାସୁଯୋଗର ଉନ୍ନତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଏତେ ଅବ୍ୟବସ୍ଥା ସତ୍ତ୍ୱେ ଯାତାୟତ ପାଇଁ ରେଳବାଇ ଉପରେ ନିର୍ଭରଶୀଳତା ବଢ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ରେଳଯାତ୍ରୀଙ୍କ ସଂଖ୍ୟା ୭୧୫ କୋଟି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିନା ସଂରକ୍ଷଣ ସୁବିଧାରେ ଯାତାୟତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୬୩୪ କୋଟି। ଆର୍ଥିକ ଦୃଷ୍ଟିରୁ ବିଚାର କଲେ ସମାଜର ନିମ୍ନବର୍ଗର ଲୋକେ ସାଧାରଣ ବର୍ଗରେ ଯାତାୟତ କରିବାକୁ ବାଧ୍ୟ ହୋଇଥା'ନ୍ତି। ଯେଉଁବର୍ଗରେ କି ଶୌଚାଳୟ ସୁବିଧା ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ଏପରିକି ଟ୍ୟାପରେ ଜଳ ପ୍ରବାହର ଅନିୟମିତତା ସକାଶେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ। ବଗିର କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ଯାତାୟତ କରୁଥିବାରୁ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଆମ ବିପୁଳ ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ରେଳଯାତ୍ରା ଉପରେ ନିର୍ଭରଶୀଳ। ତେଣୁ ପ୍ରତିବର୍ଷ ରେଳବଜେଟ ଉପସ୍ଥାପନ ବେଳେ ଦେଶର ବିଭିନ୍ନ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଧାନ୍ୟ ଦିଆଯାଉଛି। ସେହି ଅନୁପାତରେ ବିଭିନ୍ନ ଟ୍ରେନର ରହଣି ଏବଂ ସ୍ଥଳବିଶେଷରେ ନୂଆ ରେଳ ଷ୍ଟେସନ ସକାଶେ ଦାବି ମଧ୍ୟ ହେଉଛି। କିନ୍ତୁ ଯାତ୍ରୀଙ୍କ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ସେଦିଗରେ ଏପର୍ଯ୍ୟନ୍ତ ଆଖିଦୃଶିଆ କାମ ହୋଇପାରିନାହିଁ। ବହୁ ଅବ୍ୟବସ୍ଥା ଓ ଅନିୟମିତତାରେ ପରିଚାଳିତ ରେଳବାଇକୁ ସୁଧାରିବାରେ ଆବଶ୍ୟକତା ପ୍ରତି ଯେଉଁମାନେ ଦୃଷ୍ଟି ଦେବା କଥା ସେମାନଙ୍କ ଯାତାୟତର ମାଧ୍ୟମ ବିମାନ ହୋଇଥିବାରୁ ପ୍ରକୃତ ସ୍ଥିତି ସଂପର୍କରେ ସେମାନେ ଯେ କେତେଦୂର ଅବଗତ ସେ ନେଇ ସନ୍ଦେହ ରହିଛି। ଯେତେଦୂର ମନେହୁଏ ରେଳବାଇର ଉଚ୍ଚ ଓ ନିମ୍ନବର୍ଗର କର୍ମଚାରୀଙ୍କୁ ବାଦ ଦେଲେ ମଧ୍ୟମ ବର୍ଗର ତଦାରଖକାରୀଙ୍କ ଅଭାବ ନିଯୁକ୍ତି ସଙ୍କୋଚନର ଅନ୍ୟ ଏକ ଦିଗ, ଯାହାକି ପରିଲକ୍ଷିତ ଅସଜଡ଼ା ପରିସ୍ଥିତି ପାଇଁ ଅନେକାଂଶରେ ଦାୟୀ।

ବର୍ଦ୍ଧିତ ଯାତ୍ରୀଭଡ଼ା ଯେ ଅସହନୀୟ ସ୍ଥିତି ସୃଷ୍ଟି କରିଛି ଏକଥା ନୁହେଁ, ତେବେ ସର୍ବନିମ୍ନ ସୁବିଧା ସୁଯୋଗ ଅଭାବ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଥିବା ଅସନ୍ତୋଷକୁ ଏହି ଭଡ଼ା ବୃଦ୍ଧି ବହୁଗୁଣିତ କରିବ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶୀତତାପ ନିୟନ୍ତ୍ରିତ ବଗିର ଯାତ୍ରୀଭଡ଼ାଠାରୁ ୩.୫ ପ୍ରତିଶତ ଏବଂ ସାଧାରଣ ବର୍ଗର ରେଳଯାତ୍ରୀଙ୍କଠାରୁ ୩୯ ପ୍ରତିଶତ ଅତିରିକ୍ତ ରାଜସ୍ୱ ଆଦାୟ ହେବ। ଚଳିତ ବିତ୍ତବର୍ଷରେ ରେଳବାଇର ପୁଞ୍ଜିନିବେଶ ଅପରିବର୍ତ୍ତିତ ରହିଛି। ରାଜସ୍ୱ ଅଭାବରୁ ନୂଆ ରେଳଲାଇନ ନିର୍ମାଣ ଓ ମରାମତି କାର୍ଯ୍ୟରେ ଶିଥିଳତା ପରିଲକ୍ଷିତ ହୋଇଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାର ଏହା ଅନ୍ୟତମ ଏକ କାରଣ। ତଥାକଥିତ ସୁପରଫାଷ୍ଟ ଟ୍ରେନର ଗତିଶୀଳତା ମଧ୍ୟ ହ୍ରାସ ପାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଯାତାୟତ କରୁଥିବା ଟ୍ରେନ ପାଇଁ ଅତିଷ୍ଠ ରେଳଯାତ୍ରୀ। ଏହାକୁ ଯଦି କେହି ରେଳବାଇର ଗତି ଓ ପ୍ରଗତିରେ ବାଧକ କୁହେ ତେବେ ତାହାକୁ ଭୁଲ କହିବା ମଧ୍ୟ ଅସୀମଚୀନ ହେବ। ●

## ଆଧୁନିକତା ବନାମ ଆଧୁନିକ ସାହିତ୍ୟ

**ପ୍ରଫୁଲ୍ଲ କୁମାର ସାହୁ**

ବାସ୍ତବରେ ଆଧୁନିକତା ହେଉଛି ଏକ ନୂତନ ଦୃଷ୍ଟିକୋଣ। କୌଣସି କାଳଖଣ୍ଡ ଆଧୁନିକ ନୁହେଁ। ଆମେ ଶୁଣିଛେ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କ ସମୟରେ ଆଧୁନିକ ଥିଲେ। ଏହି ଦୃଷ୍ଟିକୋଣ ଯେତେବେଳେ ଜୀବନରେ ଆସେ ସେତେବେଳେ ଜୀବନ ଆଧୁନିକ ପାଲଟିଯାଏ ଏବଂ ଯେତେବେଳେ ସାହିତ୍ୟରେ ପ୍ରବେଶ କରେ ସେତେବେଳେ ଆମେ କହୁ ଆଧୁନିକ ସାହିତ୍ୟ। ସମାଜ ଜୀବନରେ ଏକ ନିରନ୍ତନ ପ୍ରବାହ ଅଛି ଏବଂ ସମାଜ ସହିତ ବ୍ୟକ୍ତି ଜୀବନର ମଧ୍ୟ ଏକ ପ୍ରଭାବ ଅଛି। ଯେତେବେଳେ ସମାଜ ଜୀବନରେ ପରିବର୍ତ୍ତନ ଆସେ ସେତେବେଳେ ବ୍ୟକ୍ତି ଜୀବନକୁ ରୂପାନ୍ତରିତ ହୁଏ। ବେଳେବେଳେ ଏମିତି ମଧ୍ୟ କିଛି ବ୍ୟକ୍ତି ଆସନ୍ତି, ଯିଏ ସମାଜକୁ ପରିବର୍ତ୍ତନ ବା ପ୍ରଭାବିତ କରିଥା'ନ୍ତି। ଯେତେବେଳେ ସମାଜ ଦ୍ୱାରା ବ୍ୟକ୍ତି ପ୍ରଭାବିତ ହୁଏ, ତା'କୁ ଆମେ ପରମ୍ପରା, ସଂସ୍କୃତି ଆଦି ନାମରେ ନାମିତ କରୁ। ପୁଣି ଯେତେବେଳେ ବ୍ୟକ୍ତି ସମାଜକୁ ପ୍ରଭାବିତ କରେ ସେତେବେଳେ ଆମେ କହୁଛେ ଆଧୁନିକ। ସେହିପରି ଗୋଟାଏ କାଳଖଣ୍ଡରେ ବାସ କରୁଥିଲେ ମଧ୍ୟ ସବୁସ୍ଥାନର ବୈଶ୍ୱିକ ପରିବେଶ ଅଲଗା। ତେଣୁ ଆଧୁନିକତାର ଭିତ୍ତିଭୂମି ମଧ୍ୟ ଅଲଗା ଅଲଗା।

ଆମେ ପଢ଼ିଛେ ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ଶିଳ୍ପ ବିପ୍ଳବରୁ ଆଧୁନିକତାର ଅୟମାରମ୍ଭ। ଟେଲିଫୋନ, ଷ୍ଟିମଇଞ୍ଜିନ ଇତ୍ୟାଦିର ଉଦ୍ଭାବନରେ ମନ୍ଦିର, ମସଜିଦ, ଗିର୍ଜା, ଚର୍ଚ୍ଚ ସଂସ୍କୃତିରୁ ଜୀବନ ଆସିଲା ଶିଳ୍ପ ଓ ବିଜ୍ଞାନ ସଂସ୍କୃତିକୁ। ଯେଉଁ ସମୟରେ ୟୁରୋପରେ ଶିଳ୍ପର ବିକାଶ ଚାଲିଥିଲା ସେହି ସମୟରେ ଆମେ ବଳଦ ଗାଡ଼ିକୁ ଆମର ଆଧୁନିକତା କହୁଥିଲେ। ତେଣୁ ୟୁରୋପର ଯାହା ଆଧୁନିକତା ଆମର ତାହା ଆଧୁନିକତା ନୁହେଁ। ଏଠି ନବଜାଗରଣ ଓ ଆଧୁନିକତା ଆସିଛି ନଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ, ଭାଷା ସୁରକ୍ଷାର ଆନ୍ଦୋଳନ ଭିତରୁ, ବ୍ରାହ୍ମ ଧର୍ମ, ମହିମା ଧର୍ମ, ଅଲେଖ ଧର୍ମ ଭିତରୁ। ଗୌରୀ ଶଙ୍କର ରାୟ, ରାମ ଶଙ୍କର, ଫକୀର ମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଶିକ୍ଷୋଦ୍ୟୋଗୀ ଏବଂ ଉତ୍କଳ ଦୀପିକା, ସମ୍ବାଦ ବାହିକା ଗୋଟେ ଗୋଟେ ଆଧୁନିକତାର ଉତ୍ପାଦ। ଯଦି ଏସବୁ ନଥା'ନ୍ତା ଓଡ଼ିଶାରେ ନବଜାଗରଣ ଆସି ନ ଥା'ନ୍ତା।

ଆଧୁନିକର ଦୁଇଟି ରୂପ ଅଛି - ବାହ୍ୟ ଓ ଅନ୍ତ। ଆମେମାନେ ବାହ୍ୟରୂପର ଆଧୁନିକତାକୁ ଅଧିକ ଗୁରୁତ୍ୱ ଦେଇଛେ। ତାରକାମାନେ ଚିରା ପୋଷାକ କିମ୍ବା ଚଷମା ପିନ୍ଧିଲେ ତାଙ୍କୁ ଅନୁକରଣ କରି ଆମେ ଚିରା ପୋଷାକ ଓ ରାତିରେ ମଧ୍ୟ କଳାଚଷମା ଓ ଟୋପି ପିନ୍ଧୁଛନ୍ତି। ଏ ହେଉଛି ବାହ୍ୟ ଆଧୁନିକତା। ଏହା ମଣିଷର ଅନ୍ତଃଚେତନାକୁ ପ୍ରଭାବିତ କରେ ନାହିଁ। ବ୍ୟକ୍ତିର ଅନ୍ତଃଚେତନାର ଅନ୍ଧାରକୁ ଆଲୋକିତ କରିବା ହେଉଛି ଚେତନାର ଆଧୁନିକତା। ଅନ୍ତଃଚେତନାର ଅନ୍ଧାର ସେତେବେଳେ ଆଲୋକିତ ହେବ ଯେତେବେଳେ ଆଧୁନିକତାର ଅନ୍ତରୂପ ବିକଶିତ ହେବ। ଯେତେବେଳେ ଗୋଟିଏ ଶମ୍ବାଳୁଆ ପ୍ରଜାପତିରେ ପରିବର୍ତ୍ତନ ହେବ। ଯେତେବେଳେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି ଜଣେ ଡାକ୍ତରଖାନାକୁ ଯିବ।

ଆଧୁନିକତା ଅନ୍ତଃଚେତନାରେ ଆସେ। ଓଡ଼ିଆ ସମାଜରେ ଜଣେ କନ୍ଧ କବି କହିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିନଥିଲା। ଏହି ମହାନ ବ୍ୟକ୍ତିତ୍ୱ ପାଇଁ ହିଁ ଓଡ଼ିଆରେ ମଣିଷର ଜୀବନ ପାଇଁ ସାହିତ୍ୟ ଲେଖା ଆରମ୍ଭ ହେଲା। ଏତେ ବଡ଼ କବିମାନଙ୍କ ପାଟିରୁ ମଣିଷ ପାଇଁ ପଦେ କବିତା ବାହାରି ନଥିଲା। ଲାବଣ୍ୟବତୀର ଓଠରୁ ଖସିପଡୁଥିବା ମହୁ ବୁନ୍ଦାରେ ପିମ୍ପୁଡ଼ି ଧାର ଧାର ଲାଗିଯାଉଥିଲା। ସଂସ୍କୃତ ରସିକ ପଣ୍ଡିତମାନେ ଲାବଣ୍ୟବତୀ ଚିତ୍ତରେ ବାଃ ବାଃ ହେଉଥିଲେ। ମଲ୍ଲିମାଳ ଶ୍ୟାମକୁ ଦେବା ପାଇଁ କବିମାନେ ବ୍ୟସ୍ତ ହେଉଥିଲେ। କେଉଁଠି ଥିଲା ଧାନ କାଟୁଥିବା ସ୍ତ୍ରୀ ଲୋକର କଥା? କେଉଁଠି ଥିଲା ଗରିବ ଲୋକର କଥା, କେଉଁଠି ଥିଲା ଖୁଦ ରଙ୍କୁଣି ମାଆର ଆତୁର ଚିତ୍କାର? ମହିମା ଗୋସ୍ୱାମୀ ବୁଝାଇ ଦେଲେ। ଈଶ୍ୱର ନିରାକାର ଅଣାକାର କହି କପିଳାସର ଶିଖରରେ ବସି ଅଗ୍ନିର ଧୂନିରେ ଜାଳିଦେଲେ ଜାତି, ବର୍ଣ୍ଣ, ଆଭିଜାତ୍ୟର ଗରିମା। ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଯଥାକ୍ରମେ ବ୍ରାହ୍ମସମାଜ ଗଠନ କରି କଲିକତାରେ ଯେଉଁ ବିକାଶର ମଡେଲ ଥୋଇଦେଲେ ସେହି ସଂସ୍କାରକୁ ମଧୁସୂଦନ ଓଡ଼ିଶା ଆଣିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରୁ କୁସଂସ୍କାର, କୁନୀତି, ଅନ୍ଧବିଶ୍ୱାସକୁ ସାହିତ୍ୟ ଧାରାରେ ବଦଳେଇବା। ୟୁରୋପର ଆଧୁନିକତା ଥିଲା ଯାନ୍ତ୍ରିକ ଆଧୁନିକତା, କିନ୍ତୁ ଓଡ଼ିଶାର ଆଧୁନିକତା ଥିଲା ଆଧ୍ୟାତ୍ମିକ ଆଧୁନିକତା। ଏହି କବିମାନେ, ଏହି ସନ୍ଥମାନେ ଓଡ଼ିଶାର ଜୀବନଧାରଣା ପ୍ରଣାଳୀରେ ପରିବର୍ତ୍ତନ ଆଣିଲେ।

ଆମ ସାହିତ୍ୟର ପୃଷ୍ଠଭୂମି ୟୁରୋପର ନବଜାଗରଣ ନୁହେଁ, ଆଧୁନିକ ଚେତନାର ପୃଷ୍ଠଭୂମି। ଗୋଟିଏ ପରମ୍ପରା, ପରିବେଶ, ପାଣିପାଗ, ଭୂଗୋଳକୁ ନେଇ ଆଧୁନିକତା ଆସିଥାଏ। ଆଧୁନିକତା ଗୋଟେ ଚେତନା, ଏକ ଦୃଷ୍ଟିକୋଣ, ଏକ ଜାଗରଣ, ବଞ୍ଚିବାର ଏକ କଳା। ବ୍ୟକ୍ତିତ୍ୱ ନିର୍ମାଣ ହିଁ ଆଧୁନିକ। ସଂସ୍କାରିତ, ସାହାଯ୍ୟକାରୀ, ସମ୍ବେଦନଶୀଳ, ଉଦାର, ପ୍ରଶସ୍ତ ବ୍ୟକ୍ତିତ୍ୱ ହେଉଛି ଆଧୁନିକ ବ୍ୟକ୍ତିତ୍ୱ। ତେଣୁ ଆଧୁନିକ ହେବା ଏକ ସହଜ କଥା ନୁହଁ। ଆଧୁନିକ ମଣିଷ ଲାବଣ୍ୟବତୀର ହସକୁ ଯେତିକି ଗୁରୁତ୍ୱ ଦିଏ ସେତିକି ଖୁଦ ରଙ୍କୁଣୀ ମାଆର ଆତୁର ଚିତ୍କାରକୁ ମଧ୍ୟ ଦିଏ। କାହିଁକି ରାଧାନାଥଙ୍କୁ ଆମେ ଆଧୁନିକ କହୁଛେ? କାରଣ ରାଧାନାଥ ବହିରେ ଲୁହ ଆଣିଲେ। ସାହିତ୍ୟରେ ରାଧାନାଥଙ୍କ ସବୁ କାବ୍ୟନାୟିକା ମରିଗଲେ। ଯେଉଁ ଦେଶରେ ଲାବଣ୍ୟବତୀ ଚନ୍ଦ୍ରଭାନୁ ନିମିତ୍ତ ବିରହରେ ଛଟପଟ ହେଉଥିଲେ ସେଠି ରାଧାନାଥ ତାଙ୍କ କାବ୍ୟନାୟିକାମାନଙ୍କୁ ମାରିଦେଉଛନ୍ତି କ'ଣ ପାଇଁ? ଏ ହେଉଛି ବାସ୍ତବ ଦୃଷ୍ଟିକୋଣ।

ଜୀବନ ପାଇଁ କଳା ସାହିତ୍ୟ କଳ୍ପନା ରାଜ୍ୟରେ ବିଚରଣ ନକରି ଜୀବନର କଥା କହିବ। ରିକ୍ସାବାଲା ପିଠିରେ ଝରିଯାଉଥିବା ସ୍ୱେଦର କଥା କହିବ। ଛେଳି ଚରାଉଥିବା ତଅପୋଇର କଥା କହିବ। କବିତାର ଧାରା ବଦଳିବ ସାହିତ୍ୟର ଦୃଷ୍ଟିକୋଣ ମଧ୍ୟ ବଦଳିବ। ମଣିଷ ଗୋଟିଏ ଓଠରେ ହସେ, ଦୁଇଟି ଆଖିରେ କାନ୍ଦେ। ଜୀବନରେ ପ୍ରତିଟି ହସର ମୂଲ୍ୟ ଦୁଇ ବୁନ୍ଦା ଲୁହ ଦେଇକି ଶୁଝିବାକୁ ପଡ଼େ। ଅନ୍ୟର ଲୁହକୁ ବୁଝିବା ହେଉଛି ଆଧୁନିକତା। ଯେଉଁ ସାହିତ୍ୟରେ ଲୁହର କଥା, କରୁଣ ଚିତ୍କାରର ବେଦନା, ବାସ୍ତବର କଥା, ସଂଘର୍ଷର କଥା ରହିଲା ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ।

ସମକାଳୀନ ସମାଜରେ ଘଟୁଥିବା ଘଟଣାବଳୀର ବାସ୍ତବ ବର୍ଣ୍ଣନା ହିଁ ଆଧୁନିକ ସାହିତ୍ୟ। ତେଣୁ ଆମ ଓଡ଼ିଆ ଆଧୁନିକତାର ଗୋଟେ ସ୍ୱଦେଶୀ ରୂପ ଅଛି। ସବୁ କଥାକୁ ୟୁରୋପ ସହିତ ତୁଳନା କଲେ ହେବନାହିଁ। ତାଙ୍କର ଯେତେବେଳେ ଲେଖା ହେଉଥିଲା 'ଲଭ୍ ସଙ୍ଗ ଅଫ୍ ଜାଲ୍‌ଫ୍ରେଡ୍ ପ୍ରୁଫ୍ରକ୍' ଆମର ନନ୍ଦ କିଶୋର ବଳ ଲେଖୁଥିଲେ 'ଲୁଲୁ ପାଇଁ ନାନା ବାୟା' ଗୀତ। ଆମ ସାହିତ୍ୟର ଧାରା ଭିନ୍ନ। ଓଡ଼ିଆ ଆଧୁନିକତା ଯାହାକୁ ଆମେ ନବଜାଗରଣ ବୋଲି କହୁଛେ, ସେଠି ଆମେ ଦେଖିଛେ ପଦ୍ମାବତୀ, ବାବାଜୀ, ରେବତୀ, ଛ' ମାଣ ଆଠ ଗୁଣ୍ଠ, ବିବାସିନି, ବିବେକୀ, ରାଣ୍ଡି ପୁଅ ଅନନ୍ତା। ଏଗୁଡ଼ିକ ସମକାଳୀନ ସମାଜର ସାହିତ୍ୟ ବା ଆଧୁନିକତାର ପରିଚୟ। ଏଥିରୁ ପୁଣି ଖୋଜାପଡ଼ିବ ଯୁଗସ୍ରଷ୍ଟା କିଏ? ଯୁଗ ସ୍ରଷ୍ଟା ସିଏ, ଯିଏ ଲେଖିଛି ବାସ୍ତବତାର କରୁଣ ଚିତ୍କାର ଲୁହ ଆଉ ସ୍ୱେଦର କାହାଣୀ। ଯେଉଁ ସାହିତ୍ୟ ସମାଜର କଥା କହେ ଯେଉଁ ସାହିତ୍ୟ ଗଣମଣିଷ ଓ ତୃଣମୂଳସ୍ତରର କଥା କହେ, ତାହା ଆଧୁନିକ ସାହିତ୍ୟ, ସେ ସ୍ରଷ୍ଟା ଆଧୁନିକ।

ଆଧୁନିକ ଏକ ଯୁଗ ନୁହେଁ, ଏକ ସ୍ରୋତ। ଏହି ସ୍ରୋତରେ ହୁଏତ କିଛି ଯୁଗ ଚଳିଯାଇପାରେ। ସାରଳାଯୁଗ, ମଧ୍ୟଯୁଗ, ପଞ୍ଚସଖା ଯୁଗ ପରେ ଆଧୁନିକ ସାହିତ୍ୟ ଏକ ଚେତନା। ଏ ଚେତନାରେ ଗୋପବନ୍ଧୁ ଆସିଲେ, ଦେଲେ ସତ୍ୟବାଦୀ ଚେତନା। ଆସିଲା ସବୁଜ ଓ ପ୍ରଗତିଶୀଳ ଚେତନା। ଆଧୁନିକ ଏକ ନଈ, ଯେଉଁଠି ପ୍ରବାହିତ ହୁଏ ଦିଗନ୍ତ ଚେତନାର ସୁଅ। ●

ହୁମ୍ମା(ଗଞ୍ଜାମ), ମୋ: ୭୮୫୩୯୮୬୯୯୭

## ବନୀକରଣର ଆନ୍ତରିକତାରେ ପ୍ରଶ୍ନବାଚୀ

**ଡ.ମନୋଜ କୁମାର ମହାନ୍ତି**

ଅଧୁନା ପରିବେଶର ଅବନତି ବିଶ୍ୱର ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଜୀବଜଗତ; ବିଶେଷ କରି ମାନବଜାତିର ଅସ୍ତିତ୍ୱ ନଷ୍ଟ ହେଇଯିବ ଯଦି ପରିବେଶ ପ୍ରତି ଅମାନବୀୟ ଅତ୍ୟାଚାରକୁ ନିୟନ୍ତ୍ରଣ କରା ନ ଯିବ। ନିକଟରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟସ୍ଥ କାଞ୍ଚନ ଗୋଚିୱାଲରେ ଅବସ୍ଥିତ ୪୦୦ଏକର ପରିଧି ବିଶିଷ୍ଟ ଜଙ୍ଗଲକୁ ରାତିର ଅନ୍ଧାରରେ ଉଚ୍ଛେଦ ପାଇଁ ସରକାରଙ୍କ ପଦକ୍ଷେପ ପରିବେଶକୁ ବୀଭତ୍ସ କରିବାର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଅନୁଗୁଳ ଓ ଢେଙ୍କାନାଳର ଫୁସଫୁସ୍ କୁହାଯାଉଥିବା ଛେଣ୍ଡିପଦାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ୯ କୋଟି ବୃକ୍ଷଚ୍ଛେଦନ କରି ୩୫ଟି କୋଇଲାଖଣି ଖନନ ପାଇଁ କେନ୍ଦ୍ରସରକାରଙ୍କ ପ୍ରୟାସର ପରବର୍ତ୍ତୀ ଫଳାଫଳ କ'ଣ? ବଲାଙ୍ଗୀର ଜିଲ୍ଲାର ରାମାୟଣ ପ୍ରସିଦ୍ଧ ଗନ୍ଧମର୍ଦ୍ଦନ ପାହାଡ଼କୁ ନିଲାମ ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସ୍ଲୋଗାନ, ପୁଣି ଅନ୍ୟପଟେ ରାସ୍ତାର ଦୁଇପାର୍ଶ୍ୱରୁ ଦୀର୍ଘବର୍ଷ ଧରି ଛାୟାପ୍ରଦାନପୂର୍ବକ ଶୁଦ୍ଧ ଅମ୍ଳଜାନ ବାଣ୍ଟୁଥିବା ବୃକ୍ଷଲତାକୁ ଛେଦନ କରି ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବାର ବିଧିବଦ୍ଧ ଯୋଜନା ହାସ୍ୟାସ୍ପଦ ନୁହେଁ କି? ଶହଶହ ବର୍ଷଧରି ଛିଡ଼ା ହୋଇଥିବା ଘଞ୍ଚ ଜଙ୍ଗଲକୁ କାଟି ତା' ପରିବର୍ତ୍ତେ ରାସ୍ତା କଡ଼ରେ ଗଛଟିଏ ଲଗାଇବା କେଉଁ ମହାନତାର କାମ? ଦୀର୍ଘଦିନର ଦଣ୍ଡାୟମାନ ଦ୍ରୁମରେ ଥିବା ଉପାଦେୟତା ନିକଟରେ ସଦ୍ୟରୋପିତ ବୃକ୍ଷ କେତେଦୂର ଫଳପ୍ରଦ ଥରେ ବିଚାରକୁ ନିଆଯାଉ।

ପ୍ରତିବର୍ଷ ବନ ମହୋତ୍ସବରେ ବୃକ୍ଷରୋପଣ କରାଯାଉଛି ସତ, କିନ୍ତୁ ତା'ର ତତ୍ତ୍ୱାବଧାନ ସଠିକ ଭାବେ କରାଯାଉନାହିଁ। ରାସ୍ତାର କେଉଁ କଡ଼ରେ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇବା ବେଳେ ଯେଉଁ ମାତୃତ୍ୱର ସମ୍ମାନରେ ପ୍ରଚାର ପ୍ରସାର କରାଯାଏ, ପରବର୍ତ୍ତୀ ସମୟରେ ସେହି ମା'ର ସଠିକ ଯତ୍ନ ନିଆଯାଏ ତ? ଉଚ୍ଚ ପଦସ୍ଥ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯେଉଁ ଆନ୍ତରିକ ଉଦ୍ୟମରେ ବର୍ଷକୁବର୍ଷ ଗଛଟିଏ ପୋତି ଚାଲନ୍ତି, ତା'ର ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରନ୍ତି?

ମାଟିର ଅସ୍ତିତ୍ୱ ସହ ମଣିଷ ଖେଳିଚାଲିଛି। କେତେବେଳେ ତା' ଛାତିଚିରି ବୁର୍ଜଖଲିଫା ତ କେତେବେଳେ ଖଣିଖାଦାନର ଗଚ୍ଛିତ ସମ୍ପଦକୁ ପାଇବା ଲକ୍ଷ୍ୟରେ ତା'କୁ ଧ୍ୱଂସବିଧ୍ୱଂସ କରିବାରେ ଲାଗି ପଡ଼ିଛି। ଶିଳ୍ପ, ରାସ୍ତାଘାଟ, ବନ୍ଧବାଡ଼ ଓ ଉଚ୍ଚଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ବିକାଶର ପତାକା ଉଡ଼େଇବାକୁ ମଣିଷ ବ୍ୟତିବ୍ୟସ୍ତ। ମନୁଷ୍ୟ ଦ୍ୱାରା ସୃଷ୍ଟ ଦୈନିକ ଘରୋଇ ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯାଉଛି କୁଆଡ଼େ? ଉଭୟ ଶିଳ୍ପ ଓ ସହର ବର୍ଜ୍ୟବସ୍ତୁ ବର୍ଷବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ି ରହି ମାଟି ଓ ପରିବେଶକୁ ପ୍ରଦୂଷଣ କରିଚାଲିଛି, ଯାହା ପ୍ରତ୍ୟେକ ସହରର ଏକ ପ୍ରମୁଖ ସମସ୍ୟା। ମାଟି, ପାଣି, ପବନ ଓ ଜଙ୍ଗଲ ପରିବେଶର ମୁଖ୍ୟ ଉପାଦାନ। ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଥିବା ମଣିଷ ବିକାଶ ଓ ପ୍ରଗତିର ମାର୍ଗରେ ପଥିକ ହୋଇ ସୃଷ୍ଟିକୁ ତା' ନିଜହାତରେ ନୂତନ ରୂପ ଦେବାରେ ବ୍ୟସ୍ତ।

ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ସାହାରା ନେଇ ସେ ମଣିଷ ଜୀବନର ମାନଦଣ୍ଡକୁ ଉନ୍ନତ କରିବାରେ ସତପ୍ରଚେଷ୍ଟା କିଛି ଖରାପ କଥା ନୁହେଁ। ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ଭାବେ ବିଶ୍ୱରେ ଉପସ୍ଥାପିତ କରିବାକୁ ହେଲେ ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗକୁ ଧ୍ୟାନଦେବା ଜରୁରୀ। ଶିଳ୍ପ ପ୍ରତିଷ୍ଠା ହେଲେ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ବିଶ୍ୱ ଭୌଗୋଳିକ ମାନଚିତ୍ରର ସୁନ୍ଦର ସବୁଜିମାକୁ ଆମେ କଦର୍ଯ୍ୟ ଓ ଧୂଳିଧୂସରିତ କରୁନାହାନ୍ତି ତ? ବିଶ୍ୱ ପ୍ରଦୂଷଣ ସର୍ବେକ୍ଷଣ ଅନୁସାରେ ଭାରତର ୧୩ଗୋଟି ସହର ସମ୍ପୂର୍ଣ୍ଣ ପ୍ରଦୂଷିତ। ସେଥିମଧ୍ୟରୁ ଆସାମ ଓ ମେଘାଳୟ ମଧ୍ୟରେ ଥିବା ବ୍ରିନାହାଟ ଭାରତର ପ୍ରମୁଖ ପ୍ରଦୂଷିତ ସହରଭାବେ ବିଶ୍ୱ ଦରବାରରେ ପରିଚିତ। ଭାରତର ରାଜଧାନୀ ଦିଲ୍ଲୀର ପରିବେଶ ବିଗତ ଦିନରୁ ଏପର୍ଯ୍ୟନ୍ତ ସୁଧୁରିବାରେ କୌଣସି ସଙ୍କେତ ଦେଖାଯାଉ ନାହିଁ। ସଚେତନ କାର୍ଯ୍ୟକ୍ରମ ଜାରି ରହିଛି।

ଆମକୁ ହୃଦୟଙ୍ଗମ କରିବାକୁ ହେବ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷ ଜୀବନ ପାଇଁ ଯେତିକି ଜରୁରୀ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ। ସୁସ୍ଥ, ନିରୋଗ ସହ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବିଶ୍ୱ ମାନବସମାଜର ଶ୍ରେଷ୍ଠ ଲକ୍ଷ୍ୟ। ବୃକ୍ଷଲତା, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶ ସହ ଜୀବଜଗତର ଆରମ୍ଭରୁ ଅବସ୍ଥାପିତ। ସେମାନେ ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ଶ୍ରେଷ୍ଠପ୍ରାଣୀ ମଣିଷ ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ସେଥିରେ ପେଶି ହୋଇଚାଲିଛନ୍ତି ମାନବଜାତି।

ନିଜର ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ଏବେ ତା'ର ମନେପଡ଼ିଛି ଏକ ସୁସ୍ଥ ଜୀବନ ଅତିବାହିତ ପାଇଁ ଏକ ସୁସ୍ଥ ସମାଜ ଓ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ସେଥିପାଇଁ ବନ ମହୋତ୍ସବ ପାଳନ କରି ଗଛ ଲଗାଇବାର ପ୍ରଚେଷ୍ଟା ଚାଲିଛି। ଖାଲି ଗଛଟିଏ ପୋତି ଫିତାକାଟି ଗଣମାଧ୍ୟମ ଆଗରେ ଭାବପ୍ରବଣତାର ଶବ୍ଦ ପରିପ୍ରକାଶ ଉପଯୁକ୍ତ ମାଧ୍ୟମ ନୁହେଁ। ଯେଉଁଠି ସଭ୍ୟସମାଜ ବୃଦ୍ଧାମାତାର ଯତ୍ନ ନ ନେଇ ବୃଦ୍ଧାଶ୍ରମକୁ ଠେଲିଦିଏ, ସେଠି ଗଛଟିକୁ କେତେ ବା ଯତ୍ନ କରିବ? ●

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ବୈପ୍ଳବିକ ଚେତନାର ବଳିଷ୍ଠ ବାର୍ତ୍ତାବହ ଜଗନ୍ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଜଗନ୍ମୋହନ ଲାଲଙ୍କୁ କିଏ ଅବା ବିସ୍ମରି ଯିବା ସମ୍ଭବ! ସମାଜରେ ଯେଉଁ କୁସଂସ୍କାର ଲକ୍ଷ୍ୟ କରିଥିଲେ ଜଗନ୍ମୋହନ, ନାଟକ ଅଭିନୟ ଦ୍ୱାରା ତାହାର ଦୂରୀକରଣ ସମ୍ଭବ - ଏହି ବିଶ୍ୱାସ ତାଙ୍କ ମଧ୍ୟରେ ଦୃଢ଼ୀଭୂତ ହୋଇଥିବା କମ୍ ଚମକପ୍ରଦ ବିଷୟ ନୁହେଁ। ନାଟକ ଲେଖିବାର ଦୁଇବର୍ଷ ପୂର୍ବରୁ ସେ ପ୍ରତିଷ୍ଠା କରିଥିଲେ ନିଜ ଗ୍ରାମ ମାହାଙ୍ଗାରେ 'ରାଧାକାନ୍ତ' ରଙ୍ଗମଞ୍ଚ। ସେ ଏକାଧାରାରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା ଓ ପୃଷ୍ଠପୋଷକ। 'ବାବାଜୀ' ୧୮୭୭ ମସିହାରେ ରଚନା କରି ସେ ଯେଉଁ ସାମାଜିକ ଆଲୋଡ଼ନ ସୃଷ୍ଟି କରିଥିଲେ ତାହା ତାଙ୍କର ବୈପ୍ଳବିକ ଚେତନାର ଯେ ଏକ ଅଗ୍ନିସ୍ଫୁଲିଙ୍ଗ ଏହା ବାରମ୍ବାର ଉପଲବ୍ଧି କରିବାର ବିଷୟ ନିଶ୍ଚୟ। ଯେଉଁ ସମୟରେ ପୌରାଣିକ ବିଷୟ ପ୍ରତି ଦର୍ଶକମାନଙ୍କର ରହିଥିଲା ତୀବ୍ର ଆକର୍ଷଣ, ସେଇ ସମୟରେ ଏକ ସାମାଜିକ ନାଟକ ରଚନାର ପରିକଳ୍ପନା ହିଁ ହେଉଛି ତାଙ୍କର ଏକ ସୁଦୃଢ଼ ବୈପ୍ଳବିକ ପଦକ୍ଷେପ। ଜଣେ ସାଧୁ ବାବାଜୀଙ୍କର ଆଗମନ ଓ ସମାଜର ବିଭିନ୍ନ ସ୍ତରରେ ରହିଥିବା କୁସଂସ୍କାରର ଉଦ୍‌ଘାଟନ କରିଦେଇ ଏହାର ଦୂରୀକରଣ ପାଇଁ ସେ ଯେଉଁ ବାର୍ତ୍ତା ପ୍ରଦାନ କଲେ, ସେଥିରେ ରହିଥିଲା ତେଜସ୍ୱୀ ନାଟ୍ୟକାରଙ୍କ ଆତ୍ମାର ଆହ୍ୱାନ। ସେ ଜଣେ ସମାଜ ସଚେତନ ମଣିଷ ଭାବରେ କିପରି ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ବିଭିନ୍ନ ପ୍ରକାରର ଚରିତ୍ରକୁ, ଏହା ତାହାର ପ୍ରକୃଷ୍ଟ ନିଦର୍ଶନ।

ଯେଉଁ ସମୟରେ ଏ ନାଟକର ସୃଷ୍ଟି ସମ୍ଭବ ହୋଇଛି, ତାହାକୁ ଚକ୍ଷୁସମକ୍ଷରେ ରଖିଲେ, ଯାହା ପାଠକ ବା ଦର୍ଶକକୁ ଅଭିଭୂତ କରିଦିଏ, ତାହା ହେଲା ନାଟ୍ୟକାରଙ୍କ ବ୍ୟକ୍ତିତ୍ୱ। ଯାହାର ବ୍ୟକ୍ତିତ୍ୱ ଯେତିକି ବଳିଷ୍ଠ ତାଙ୍କ ନାଟକର ଅନ୍ତଃଆବେଦନ ସେତିକି ଗଭୀର ଓ ଘନିଷ୍ଠ। କିନ୍ତୁ ନାଟ୍ୟକାର ଜଗନ୍ମୋହନଙ୍କ ମର୍ଯ୍ୟାଦା ଯେପରି ଶୀର୍ଷ ସୋପାନରେ ପ୍ରତିଷ୍ଠିତ ହେବାର ଯଥାର୍ଥତା ରହିଛି, ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ନିଜେ ପ୍ରଥମେ ପରିବର୍ତ୍ତିତ ନ ହେଲେ କେବଳ ନାଟକ ରଚନା ଦ୍ୱାରା କେହି ଆଲୋଡ଼ନ ସୃଷ୍ଟି କରିଦେଇ ପାରେନା। ସମାଜକୁ ପରିବର୍ତ୍ତିତ ରୂପରେ ଦେଖିବାର ଯେଉଁ ପ୍ରତିଜ୍ଞା କରିଥିଲେ ଜଗନ୍ମୋହନ ତାହାର ବଳିଷ୍ଠ ପ୍ରତିବିମ୍ବ ହେଉଛି ତାଙ୍କ ନାଟ୍ୟ ସର୍ଜନା ଏବଂ ମଞ୍ଚରେ ତାହାର ପ୍ରାଣବନ୍ତ ଅବତାରଣା।

'ବାବାଜୀ' ନାଟକ ଲେଖିଦେଇ ସେ ସନ୍ତୁଷ୍ଟ ହୋଇନାହାନ୍ତି। ପରବର୍ତ୍ତୀ ସୃଷ୍ଟି ହେଲା ତାଙ୍କର 'ସତୀ'। ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ସ୍ୱୀକାର କରି ଯେଉଁ ସ୍ୱଦେଶୀୟ ଶାସକମାନେ ନିରୀହ ଜନତାଙ୍କ ପ୍ରତି କରୁଥିଲେ ଅକଥନୀୟ ଅତ୍ୟାଚାର ସେମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା କ'ଣ ସହଜ ବ୍ୟାପାର? ଯେଉଁ ପ୍ରତିବାଦ କରିବା ପାଇଁ ଶିକ୍ଷିତ ଗୋଷ୍ଠୀର ସୁଦ୍ଧା ନ ଥିଲା ସାମର୍ଥ୍ୟ, ଜଗନ୍ମୋହନ ସେଇ ଦୁଃସାହସିକ ବାଣୀ ସଂଯୋଜିତ କରିଛନ୍ତି ନାଟକରେ। ସମ୍ପ୍ରତି ନାରୀମୁକ୍ତିର ପାଶ୍ଚାତ୍ୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେମାନଙ୍କ ଦୃଷ୍ଟି ପ୍ରଥମେ ଆକର୍ଷିତ ହେବା ଉଚିତ ଜଗନ୍ମୋହନ ଲାଲଙ୍କ ପ୍ରତି। 'ପ୍ରୀତି', 'ବୃଦ୍ଧବିବାହ' ନାଟକ ଦୁଇଟିରେ ଓଡ଼ିଶାର ଶିକ୍ଷିତ ସମାଜକୁ ବିସ୍ମିତ ଓ ଚେତନାଦୀପ୍ତ କରିଦେବା ପାଇଁ ତାଙ୍କ ପ୍ରଚେଷ୍ଟାର ଯେ ନଥିଲା ଅନ୍ତଃ ତାହା ପୁନଃ ପୁନଃ ସ୍ମରଣ ଓ ସମୀକ୍ଷା କରିବା ଆବଶ୍ୟକ। ଜଣେ ନାଟ୍ୟସ୍ରଷ୍ଟାଙ୍କ ନାଟ୍ୟାଦର୍ଶ ହୋଇପାରେ କିପରି ଶକ୍ତିସଂପନ୍ନ ତାହାର ବଳିଷ୍ଠ ଉଭାସନ ହେଉଛନ୍ତି ଜଗନ୍ମୋହନ। ନାଟକର ମୂଳ ଆଭିମୁଖ୍ୟ ଯେ ହେଉଛି ସାମାଜିକ ପରିବର୍ତ୍ତନ ତାହା ଯେପରି ଭାବରେ ପ୍ରମାଣିତ କରିଦେଇଛନ୍ତି ଜଗନ୍ମୋହନ ତାହାର ତୁଳନା କାହିଁ? ନାଟକର ସର୍ଜନା ଥିଲା କଳ୍ପନାର ସ୍ତରରେ। ତାହା ବାସ୍ତବତାର ଭୂମିରେ ପ୍ରୋଥିତ କରିଦେଇ ସେ ସୂର୍ଯ୍ୟୋଦୟର ସଂକେତ ପ୍ରଦାନ କଲେ।

ଆଜିର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ପ୍ରାଣବାନ ଦର୍ଶକମାନେ ଏ କଥା ଜାଣିରଖିବା ଆବଶ୍ୟକ ଯେ, ଯେଉଁ ସଂସ୍କାର ଆଣିବା ପାଇଁ ଅଙ୍ଗୀକାରବଦ୍ଧ ଥିଲେ ଜଗନ୍ମୋହନ, ତାହା ନିଜ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗ କରିଛନ୍ତି। ଏହି ସତ୍ୟ ଯେପରି ପ୍ରଭାବଶାଳୀ ଭାବରେ ଉପସ୍ଥାପିତ ହେବା ଏକାନ୍ତ ଜରୁରୀ, ତାହା ହୋଇ ପାରିଛି କି? ତାଙ୍କ ସ୍ରଷ୍ଟା ମାନସ ଓ ସୃଷ୍ଟି ସମ୍ପଦର ପୁନଃ ଉପସ୍ଥାପନା ହୋଇପାରିବ ଅଧିକରୁ ଅଧିକ ଅର୍ଥଦ୍ୟୋତକ। ତାଙ୍କ ବିଧବା ସୁକନ୍ୟାଟିର ପୁନଃବିବାହ କରାଇ ସେ ସାହିତ୍ୟ ଜଗତକୁ ଆଶ୍ଚର୍ଯ୍ୟ କରିଦେଇପାଇଛନ୍ତି। ଜଗନ୍ମୋହନ ବାସ୍ତବରେ ସାମାଜିକ ପରିବର୍ତ୍ତନର ବଳିଷ୍ଠ ବାର୍ତ୍ତାବହ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ନୀଳଗିରି ହାତୀ ହତ୍ୟା ଓ ଦାନ୍ତ ଲୁଟ୍

# ବିଧାୟକଙ୍କ ଫାର୍ମ ହାଉସରୁ ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## ବିଧାୟକ ଖଟୁଆଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

ଭୁବନେଶ୍ୱର,୨।୭(ସମିସ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେଡି। ଗତ ଜୁନ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଘଟିଥିବା ଏକ ଦନ୍ତା ହାତୀର ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣାରେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ପାଞ୍ଚଜଣଙ୍କୁ ଗିରଫ ଘଟଣାରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି। ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଗିରଫ ହୋଇଥିବା ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତ ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରେ ଲୁଚି ରହିଥିବା ଅବସ୍ଥାରେ ଗିରଫ ହୋଇଥିଲେ। ଯେଉଁଥିରେ ବିଧାୟକଙ୍କ ଏହି ଅପରାଧରେ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରି ନାହାନ୍ତି ବୋଲି ବିଜେଡି କହିଛି।



ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ରାଜ୍ୟରେ ହାତୀ ହତ୍ୟା ଓ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକଙ୍କ ସିଧାସଳଖ ସମ୍ପୃକ୍ତି ଅଭିଯୋଗ କରିଛନ୍ତି। ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା। ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତ ମାନେ କାଟି ନେଇ ଯାଇଥିଲେ। ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତ ହାତୀକୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ପରେ ଜଙ୍ଗଲ ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲେ। ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସରକାରୀ ଦଳର ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ନବେ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟଜ ଲିମିଟେଡ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି। ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଥିଲେ।

ବାଲେଶ୍ୱର, ମୟୂରଭଞ୍ଜରେ ବନ୍ୟା ସ୍ଥିତି

# ୧୦ ହଜାର ଲୋକଙ୍କୁ ଉଦ୍ଧାର କଲା ଓଡ୍ରାଫ ଟିମ୍



କଟକ,୨।୭(ସମିସ): ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖାଯାଇଛି। ଏଥିପାଇଁ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ) ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି। ମୟୂରଭଞ୍ଜରେ ୬ଟି ଦଳ ଏବଂ ବାଲେଶ୍ୱରରେ ୫ଟି ଦଳ ମୁତୟନ କରାଯାଇଛି। ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ) ଡ.ସତ୍ୟଜିତ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଓଡ୍ରାଫ ଟିମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ଉଭୟ ଜିଲ୍ଲାର ୧୮ ଟି ବ୍ଲକରୁ ଅଦ୍ୟାବଧି ୮୧୯୧ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଛି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କମର୍ଦ୍ଦା, ସିଙ୍ଗଲା ଆଦି ଅଞ୍ଚଳର ୨ ହଜାରରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଜଳ ଘେରରୁ ଉଦ୍ଧାର କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ସାରସକଣା, ରସଗୋବିନ୍ଦପୁର, ବଡସାହି, ବେତନଟୀ ଏବଂ ବାରିପଦା ଅଞ୍ଚଳର ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଛଡାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରୁଷିଛି ଜଗା...

ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ିପାରି ନାହିଁ। ଗୁରୁବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଦେଢ଼ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ବୁଧବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି ହୋଇଥିଲା। ସକାଳ ୯ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ନ ୧ଟାରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାଶ୍ୱର୍ରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ପ୍ରଥମେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା। ତେବେ ଅସରାଏ ବର୍ଷା ଏବଂ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ପାରିନାହିଁ। ଗୁରୁବାର ସକାଳ ୯ ଟାରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଖଣିରୁ ଅତଡ଼ା...

ରଖିଛି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଚାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଢେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା। ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି। ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏହି ପରିତ୍ୟକ୍ତ ଖଣିରେ ପ୍ରଚୁର ପରିମାଣରେ ଉଚ୍ଚ ମାନର ମାଙ୍ଗାନିଜ ଗଚ୍ଛିତ ରହିଛି, ଯାହାର ବଜାର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଏହି ଘଟଣା ସାମ୍ନାକୁ ଆସିବା ପରେ ଖଣି ଅଞ୍ଚଳରେ କିପରି ବେଆଇନ୍ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲିଛି ତାହା ଉନ୍ମୋଚିତ ହୋଇଛି। ମୂଲ୍ୟବାନ ଲୌହ ଓ ମାଙ୍ଗାନିଜ ପଥର ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ଖଣି ମାଫିଆ। ଏହି ଘଟଣା ଖଣି ବିଭାଗ, ବନ ବିଭାଗ ଓ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ପ୍ରଶାସନ ଅଚଳ...

କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ସେହିପରି ଅନ୍ୟ ପ୍ରଶାସନିକ ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି।

ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗିରଫ ନ ହେବା ଯୋଗୁଁ ବୁଧବାର ସକାଳେ ଓଏଏସ୍ ସଂଘ ପୁନର୍ବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ। ଏହି ସମୟରେ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ଦିଆଯାଇଥିବା ବେଳେ ୩ ଟି ମୁଖ୍ୟ ଦାବି ଉପରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ସଂଘ ରୋକଠୋକ୍ କହିଥିଲା। ଓଏଏସ୍ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା 'କିଙ୍ଗପିନ୍' ଜଗନ୍ନାଥ ପ୍ରଧାନଙ୍କ ଗିରଫ ନିମନ୍ତେ ସଂଘ ଦାବି କରିଥିଲା। ଏହା ସହ ରାଜ୍ୟର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା। ଓ ତୃତୀୟ ଦାବି ଭାବରେ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାକୁ ସରକାର ନିନ୍ଦା କରିବା ସହ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଯେପର୍ଯ୍ୟନ୍ତ ସରକାର ଏହି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓଏଏସ୍ ସଂଘ ସମୂହ ଛୁଟିରେ ରହିବ ବୋଲି ସଂଘ ସ୍ପଷ୍ଟ କରିଛି।

ଅନ୍ୟପଟେ ରାଜ୍ୟରେ ଘଟିଥିବା ଏହି ଘଟଣା ଏବେ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ପାଇଁ ନିନ୍ଦା ଆଣିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ମାଡ଼ ଘଟଣାକୁ ଜାତୀୟ ସ୍ତରରେ ନିନ୍ଦା କରାଯାଉଛି। ଜାତୀୟ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ଏହି ଖବର ବଡ଼ ପ୍ରସଙ୍ଗ ପାଲଟିଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହାକୁ ଜଙ୍ଗଲରାଜ୍‌ର ଆଖ୍ୟା ଦିଆଯାଉଥିବା ବେଳେ ଜାତୀୟ କଂଗ୍ରେସ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ଆଞ୍ଚଳିକ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି। ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଆହୂତ ସମୂହ ଛୁଟି ଡାକରା ଆନ୍ଦୋଳନକୁ ରାଜ୍ୟ ଓଆର୍ଏସ୍ ସଂଘ, ଓଏଫ୍ଏସ୍ ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା କୃଷି ସେବା ସଂଘ ସମର୍ଥନ ଜଣାଇଥିବା ବେଳେ ବୁଧବାର ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଓଡ଼ିଶା ଅଧସ୍ତନ ଅର୍ଥ ସେବା ସଂଘ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି। ତେବେ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଓଆର୍ଏସ୍ ଅଧିକାରୀମାନଙ୍କର ରାଜ୍ୟ ସରକାର ସହଯୋଗ ଲୋଡ଼ିଥିଲେ। ରାଜସ୍ୱ ମନ୍ତ୍ରୀ ଏନେଇ ଓଆର୍ଏସ୍ ସଂଘ ସହ ଆଲୋଚନା କରିବା ପରେ ସେମାନେ କେବଳ ବନ୍ୟା ମୁକାବିଲା ଓ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହିଁ ସହଯୋଗ କରିବେ ବୋଲି କହିଛନ୍ତି। ମାତ୍ର ଦାବି ପୂରଣ ନ ହେବା ଯାଏ ସେମାନେ ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ହସ୍ପିଟାଲରେ ରତ୍ନାକର...

ନାମରେ ଅପପ୍ରଚାର ରତ୍ନାକରଙ୍କୁ ବିମର୍ଷ କରିଥିଲା ଓ ସେ ଚାପରେ ରହୁଥିଲେ। ବୁଧବାର ରତ୍ନାକର ବିଏମ୍ସି କାର୍ଯ୍ୟାଳୟକୁ ଆସିଥିଲେ। ବିଏମ୍ସର ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକରେ ଯୋଗ ଦେଇଥିଲେ। ଏହାପରେ ପୁଲିସ କମିଶନର ଏବଂ ମେୟରଙ୍କ ସହ ଆଲୋଚନା ହୋଇଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଲୋଚନା ହୋଇଥିଲା। ଏହା ପରେ ସେ ବସିଥିବାବେଳେ ଅକସ୍ମାତ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ। କିଛି ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ରତ୍ନାକର ମାଡ଼ ଖାଇବା ପରେ ପ୍ରବଳ ମାନସିକ ଚାପରେ ରହୁଛନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚାପ ପ୍ରୟୋଗ କରାଯାଉଛି। ଦିନ ପ୍ରାୟ ୪ଟା ୩୦ସମୟରେ ସେ ଅଚାନକ ଝାନନାଳ ହୋଇଯାଇଥିଲେ। ଏହାପରେ ବେହୋସ ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ହସ୍ପିଟାରରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଅଠାକାଠିରେ ସରକାର...

ଆଲୋଚନା ପରେ ଉଭୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗଣମାଧ୍ୟମ ସାମ୍ନାରେ ବୟାନ ରଖିଛନ୍ତି। ଜଗନ୍ନାଥ କହିଛନ୍ତି ଯେ ରାଜ୍ୟ ବିଜେପି ସଭାପତି ମୋତେ ଡାକିଥିଲେ; ତାଙ୍କ ସହ ଆଲୋଚନା କଲି। ଏବେ ମୁଁ ମୋ ଘରକୁ ଯାଉଛି ବୋଲି କହି ଜଗନ୍ନାଥ ନିଜ ଘରକୁ ଫେରି ଯାଇଛନ୍ତି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ଓଏଏସ ସଂଘ ଜଗନ୍ନାଥଙ୍କୁ ଗିରଫଦାରୀ ନେଇ ଅଡ଼ି ବସିଥିବା ବେଳେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବକି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନମୋହନ ଧାଡ଼ିକିଆ ଉତ୍ତର ରଖିଛନ୍ତି। ଜଗନ୍ନାଥ ପ୍ରସଙ୍ଗରୁ ଦଳ ନିଜକୁ ଦୂରେଇ ନେବା ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବକି ନାହିଁ ସେନେଇ ସରକାର ଅଠାକାଠିରେ ପଡ଼ିଛନ୍ତି।

ରାଜ୍ୟ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଯିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜଗନ୍ନାଥଙ୍କ ଏପରି ପୋଷ୍ଟ ପରେ ତାଙ୍କ ଗିରଫଦାରି ଚର୍ଚ୍ଚା ବଢ଼ିଥିଲା।

ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ ସାମଲ କହିଥିଲେ ଯେ ଆମେ ଜଗନ୍ନାଥ ପ୍ରଧାନଙ୍କୁ ଡାକି ଆଲୋଚନା କଲୁ। ଦଳର ଆଭ୍ୟନ୍ତରୀଣ କଥାକୁ ଗଣମାଧ୍ୟମ ଆଗରେ କୁହାଯାଇପାରିବ ନାହିଁ। ତେବେ ଓଏଏସ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ଦଳ ପକ୍ଷରୁ ନିନ୍ଦା ସହ ଏବଂ ସମସ୍ତେ ବାରମ୍ବାର ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଉଚିତ୍ ନୁହେଁ ବୋଲି ମନମୋହନ ଜବାବ ରଖିଛନ୍ତି। ରାଜ୍ୟ ବିଜେପି ସଭାପତି ଏବଂ ଜଗନ୍ନାଥଙ୍କ ଆଭିମୁଖ୍ୟ ସରକାରଙ୍କୁ ସଙ୍କଟରେ ପକାଇବ ବୋଲି ମତ ଦେଇଛନ୍ତି ରାଜନୈତିକ ସମୀକ୍ଷକ। ଯଦି ଜଗନ୍ନାଥଙ୍କୁ ଗିରଫ କରାନଯାଏ, ତାହେଲେ ଓଏଏସ ଅଧିକାରୀ କାର୍ଯ୍ୟରେ ଯୋଗଦେବେ ନାହିଁ। ୨ ଦିନ ଧରି ଏହା ରାଜ୍ୟରେ ସରକାରୀ କାର୍ଯ୍ୟକୁ ଠପ୍ କରିଦେଲାଣି। ଓଏଏସ ସଂଗଠନର ଏପରି ଆଭିମୁଖ୍ୟ ଆଗକୁ ଆହୁରି ବଡ଼ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର

# ନିଜଆଡୁ ମାମଲା ରୁଜୁ କଲେ ଏନ୍ଏଚ୍ଆରସି

ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ

ଭୁବନେଶ୍ୱର,୨।୭(ସମିସ): ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି) ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରିକରିକମିଶନ୨ସପ୍ତାହମଧ୍ୟରେରିପୋର୍ଟତଲବକରିଛନ୍ତି।

ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ କରାଯାଇଥିଲା। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ସେମାନଙ୍କୁ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା। କମିଶନଙ୍କ ଏହାକୁ ମାନବାଧିକାର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ସହ ଅପରାଧୀଙ୍କ ବିରୋଧରେ ଗ୍ରହଣ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।


OFFICE OF THE PRINCIPAL
PANCHAYAT SAMITI DEGREE COLLEGE
AT/P.O.: BANGOMUNDA, DIST. BALANGIR (ODISHA) 767040
Mob: 9078208298

CANCELLATION OF TENDER CALL NOTICE

The Tender Call Notice published on Odia daily 'The Sakala' on dated 1st June 2025 for supply of IT Infrastructure hereby cancelled due to some un-avoidable reason.

Sd/- Principal,
P.S. Degree College, Bangomunda

THE SAMBALPUR DISTRICT CO-OPERATIVE CENTRAL BANK
SDCCB
HEAD OFFICE: BARGARH - 768028
Email: headoffice@sambalpurdccb.com

Quotation Call Notice

The Sambalpur District Co-operative Central Bank (SDCCB) invites Quotation call notice for purchase of Saleable & Non-Saleable articles for Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha.

For details please visit Bank's website: www.sambalpurdccb.com. The last date for receipt of proposal is 11.07.2025 at 3.00 PM.

SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

RAISUAN HIGHER SECONDARY SCHOOL
AT/P.O.-RAISUAN, DIST-KEONJHAR

WALK-IN INTERVIEW

A walk-in-interview will be held in the college premises for the Contractual Engagement for the post of 1 no of Peon, One Lady Attendant, and one Night Watchman on dt. 12.07.2025 (Saturday). The interested candidates having minimum 8th pass may attend the same with all relevant testimonials. Preference will be given to Retired and Experienced candidates.

Sd/-Principal
Raisuan Higher Secondary School
Raisuan

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDB-24/2025-26
A-355

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDB-24/2025-26 |
| 5. | Estimated Cost | : Rs. 13,55,851/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.03.07.2025 (10.00 AM) to dt.14.07.2025 (5.30 PM) |
| 8. | Last date/ time for receipt of bid In the Portal | : dt.14.07.2025 (up to 5.30 PM) |
| 9. | Date and Place of opening of Bid | : dt.15.07.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar
OIPR-32405/11/0078/2526

WANTED
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

AFFIDAVIT
By virtue of an affidavit Sl. No.-379, dtd. 24.06.2025 before Notary Public, Bhubaneswar, I , Dhiren Kumar Nayak have changed my name from Diran Kumar Nayak to Dhiren Kumar Nayak. Henceforth I shall be known as Dhiren Kumar Nayak for all purposes.
Sd/- Dhiren Kumar Nayak

AFFIDAVIT
By virtue of an affidavit Sworn before Notary Public, Salipur on dated 1st July 2025. I, Mr. Srikanta Malik, S/o- Sindhunath Malik, Resident of Village : At/Po- Mahakalpada, Dist-Jajpur, Pin-754214 , State-Odisha , I have changed my minor sons name from "S.S Shriansh" to "Shriansh Malik". Henceforth, He shall be known as "Shriansh Malik " for all Purpose.
Srikanta Malik

AFFIDAVIT
I, Punam Agarwal, D/o.: Dillip Agrawal, resident of At: Bazarpada (Madanmohanpada), PO./P.S./Dist.: Angul, PIN-759122, Odisha, declare by this affidavit No.: 1846, dated-19/06/2025, that now onwards I shall be known as POONAM AGRAWAL for all future purposes.

AFFIDAVIT
By virtue of an affidavit before The Notary Public, Titilagarh, on dated-01/07/2025. I, Biranchi Gahir (Applicant name), Son of Rushi Gahir, Permanent resident of At- Arshatula, P.O. Parasara, P.S. Sindhekela, Dist. Balangir, (Odisha), PIN- 767035 now residing at the same place affirm that I have changed my minor daughter's name from Laps Mudra (old name) To Lopamudra Gahir (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as Lopamudra Gahir (new name).
Biranchi Gahir

AFFIDAVIT
By virtue of an affidavit before the Executive Magistrate, Jajpur. I, Manasi Nath of Vill.- Jafarpur, P.O.- Adanga Purusottampur, P.S.- Jajpur Sadar, Dist.- Jajpur, Odisha, do hereby declare that my son's actual name is Jyoti Ranjan Nath mentioned in his Birth Certificate But in his Aadhar card wrongly mentioned as Jotirajan Natha. Henceforth he shall be known as Jyoti Ranjan Nath for all purposes.
Sd/- Manasi Nath

AFFIDAVIT
I, Subhashree Mohapatra, aged about 46 years, W/o- Ranjit Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin-754298 declare by this affidavit No. 1262, dtd- 02/07/2025, that now onwards I shall be known as SHUBHASHREE MOHAPATRA for all future purposes.

AFFIDAVIT
By virtue of an affidavit sworn before Executive Magistrate, Banpur, dated 30/06/2025 I, Jogendra Bariki, S/o- Chintamani Bariki of Address At- Sarubaripadar, Po/Ps- Banpur, Dist.- Khordha declare that I have changed my name from Jogendra Barik to Jogendra Bariki. Henceforth, I shall be known as Jogendra Bariki for all purposes.

AFFIDAVIT
By virtue of an affidavit before Tahasildar cum Executive Magistrate laxmipur No 676, dated 26.06.2025, I Sri Ranjit Kumar Mahanandia, S/o Kamdeba Mahanandia, Village - Sarisapadar, Po. - Toyaput, PS - Laxmipur, Dist - Koraput, Odisha declare that I have changed my son's name from Pritam Mahanandia to Subham Mahanandia. Hence forth he will be known as Subham Mahanandia for all purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, CF NO: 99, on Dated 01.07.2025, I, SASMITA PADHY, D/o Late Raghunath Panda, W/o Nilamadhab Padhy resident of HIG-1, BDA Duplex Phase-1, Pokhariput Bhubaneswar, Khorda, Pin - 751020, I have changed my name from SASMITA PANDA (Old Name) to SASMITA PADHY (New Name). Henceforth, I shall be known as SASMITA PADHY for all purposes.
Sd- SASMITA PADHY

AFFIDAVIT
I NEHA PATEL , W/o NAVEEN PATEL, resident of MAHATAMA GANDHI ROAD, Po / PS -Jeypore, Dt-Koraput, odisha -764 001, Odisha declare by this Affidavit No.,2932, Dated 02/07/2025,that now onwards I shall be known as NEETA PATEL for all future purpose.

ପୂର୍ବ ତଟ ରେଳପଥ
(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-11-2025, ତା.23.06.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ସୁର୍ଲା ରୋଡ଼ - ଇଚ୍ଛାପୁରମ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 622/1-3 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 326 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 14.5 ମିଟର T-Beam ଗର୍ଡ଼ର)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 6126.73 ଲକ୍ଷ, EMD : ₹ 32,13,400/-
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-12-2025, ତା.26.06.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ମନ୍ଦସା - ବାରୁଆ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 655/25-27 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 353 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 18.75 ମିଟର T-Beam ଗର୍ଡ଼ର)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 6121.34 ଲକ୍ଷ, EMD : ₹ 32,10,700/-
କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ (ଉଭୟ କ୍ରସ ସଂଖ୍ୟା ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ ତା.29.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 2 ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉତ୍ତର୍ଡ଼ ଆକାଉଣ୍ଟାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗଚ୍ଛର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / RSP / ଭୁବନେଶ୍ୱର
PR-49/CI/25-26

AFFIDAVIT
I, Ranjit Mohapatra, aged about 50 years, S/o- Ramachandra Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin-754298 declare by this affidavit No. 1263, dtd- 02/07/2025, that now onwards I shall be known as RANJIT MAHAPATRA for all future purposes.

AFFIDAVIT
By virtue of an affidavit sworn before The Notary Public, Dharmasala, Jajpur on dated-01/07/2025. I, Sabita Malla, aged about 51 years, W/o- Bijaya Malla, permanent resident of At- Purusottampur, PO- Gatanai, PS- Marshaghai, Dist- Kendrapara, Odisha, PIN-754141 declare that I have changed my minor son's name from Asutosha Malla (old name) To Ashutosh Malla (new name). Henceforth, he shall be known as Ashutosh Malla (new name) for all future purposes.
Sabita Malla

## କମୁଛି ବୈତରଣୀ; ବଢୁଛି ସାଳନ୍ଦୀ ଜଳସ୍ତର

# ତଳିଆ ଅଞ୍ଚଳ କ୍ଷେତରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି







ଭଦ୍ରକ/ଆରଡି,୨।୭ (ସମିସ)

ଉପରମୁଣ୍ଡରେ ବର୍ଷା କମିଥିବାରୁ ତଳମୁଣ୍ଡରେ ଅର୍ଥାତ ଆରଡି ସମେତ ଆଖପାଖ ଓଳଗ, ସୁନ୍ଦରପୁର, ଦୋହରା, ପାଳଟପୁର, ମୁଆଁ, ଶୀତଳପୁର ଆଦି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଜଳସ୍ତର କମିଥିବା ବେଳେ ହଦଗଡ ଡ୍ୟାମରୁ ଆସୁଥିବା ପାଣିରେ ସାଳନ୍ଦୀ ନଦୀର ଜଳସ୍ତର ବଢିବାରେ ଲାଗିଛି। ଆଗକୁ ପୂର୍ଣ୍ଣିମାତିଥି ଥିବାରୁ ଧାମରା ନିକଟରେ ସମୁଦ୍ର ଜୁଆରିଆ ରହିବା ଫଳରେ ବୈତରଣୀ ଓ ସାଳନ୍ଦୀ ନଦୀର ଆସିଥିବା ବନ୍ୟାପାଣି ଠିକ ଭାବେ ନିଷ୍କାସନ ହେଉ ନ ଥିବାରୁ ସିଧାସଳଖ ଭାବେ ବିଭିନ୍ନ ଏସ୍‌କେପ ଓ ନଈଯୋର ଦେଇ ଶହଶହ ଏକର ଚାଷଜମିକୁ ମାଡି ଚାଲିଛି ବନ୍ୟାପାଣି। ଗତ ୩ଦିନ ହେଲା ବନ୍ୟାପାଣିରେ ବୁଡି ରହିଛି ସାରଦ ଧାନତଳି। ବନ୍ୟା ର ସ୍ଥିତି କିପରି ରହିଛି, ଏଥିପାଇଁ ଭଦ୍ରକ ଜିଲାପାଳଙ୍କ ପରାମର୍ଶକ୍ରମେ ଧାମନଗର ଜଳସେଚନ ବିଭାଗର ଯନ୍ତ୍ରୀ କିଶୋର ଦାସ ବୈତରଣୀ ନଦୀର ସାଠିବାଙ୍କୁଡା, ଦୋହରାପାଟଣା, ସୁନ୍ଦରପୁର, ବୋଡକ ଆଦି ନଦୀବନ୍ଧର ଯାଞ୍ଚ କରିବା ସହ ଗତ ମଙ୍ଗଳବାର ରାତି ତମାମ ଜଗିରହିବା ସହ ବୁଧବାର ମଧ ସମସ୍ତ ଅଂଚଳ ବୁଲି ଦେଖିଥିଲେ। ବୈତରଣୀ ନଦୀର ଉପରମୁଣ୍ଡରେ ବନ୍ୟାଜଳ କମୁଥିବାରୁ ବନ୍ୟାର ଆଶଙ୍କା ନଥିବା କହିଛନ୍ତି ଶ୍ରୀ ଦାସ।

## ଯାତ୍ରୀଙ୍କୁ ଡ୍ରାଇଭର ଫେରାଇଲେ ସୁନା ଗହଣା ଓ ଟଙ୍କା ବ୍ୟାଗ

ଭଦ୍ରକ,୨।୭(ସମିସ): ବସରେ ଯାତ୍ରା କରିବା ବେଳେ ମହିଳା ଛାଡ଼ିଗଲେ ସୁନା ଗହଣା ସହ ଟଙ୍କା ବ୍ୟାଗ। ଡ୍ରାଇଭର ବ୍ୟାଗ ପାଇବା ପରେ ଭିଡିଓ ଓ ସୋସିଆଲ ମିଡ଼ିଆରେ ପୋଷ୍ଟ ପରେ ବ୍ୟାଗ ହଜାଇଥିବା ମହିଳା ଆସି ବ୍ୟାଗ ନେଇଛନ୍ତି। ରୋଜାଲିନ ନାମକ ବସ ଭଦ୍ରକରୁ ଆରଡ଼ି ଅଭିମୁଖେ ଯାଉଥିବା ବେଳେ ଜଣେ ମହିଳା ଯାତ୍ରୀ ବ ନିଜର ବ୍ୟାଗ ଭୁଲି ଯାଇଥିଲେ। ବସଟି ଆରଡ଼ିରେ ପହଞ୍ଚିବା ପରେ ଡ୍ରାଇଭର ସୁରେନ୍ଦ୍ର ଭୂୟାଁ ଦେଖିଥିଲେ । ପରେ ସେ ଏକ ଭିଡିଓ କରି ସୋସିଆଲ ମିଡ଼ିଆରେ ଛାଡିଥିଲେ। ପରେ କିଛି ଲୋକଙ୍କ ଉପସ୍ଥିତିରେ ବ୍ୟାଗ ଖୋଲିବା ପରେ ସେଥିରେ ମଙ୍ଗଳ ସୂତ୍ର, ସୁନା ଲକେଟ୍, ଟଙ୍କା, ଗୋଦରେଜ ଚାବି ସହ ଅନ୍ୟ କିଛି ସାମଗ୍ରୀ ମିଳିଥିଲା । ପରେ ଚାଳକ ଶ୍ରୀ ଭୂୟାଁ ତାଙ୍କୁ ଫେରାଇଥିଲେ।

## ସୁପ୍ରଭାତ ସଂଗଠନ ପକ୍ଷରୁ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା



ଭଦ୍ରକ,୨।୭(ସମିସ): ଭଦ୍ରକର ସାଳନ୍ଦୀ ବାଇପାସ ସ୍ଥିତ ହରେକୃଷ୍ଣ ସଦଭାବନା କକ୍ଷଠାରେ ମଙ୍ଗଳବାର ସୁପ୍ରଭାତ ସଂଗଠନ ପକ୍ଷରୁ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଓ ସଂଗଠନ ଆବାହକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଂଯୋଜନାରେ ଧାମନଗରର ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲା ହେଉଛି ସାହିତ୍ୟ ଓ ସଂସ୍କୃତିର ମାଟି। ଏଠାରେ ବହୁ ସାହିତ୍ୟିକ ଓ ଶିକ୍ଷାବିତ ଅଛନ୍ତି; କିନ୍ତୁ ଶିକ୍ଷାବିତଙ୍କ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱରେ ଦେଶ ତଥା ସମାଜର ଅଗ୍ରଗତି ହୋଇପାରିଛି ବୋଲି କହିଥିଲେ। ଏଭଳି ଶିକ୍ଷାବିତ ହେଉଛନ୍ତି ପ୍ରଧାନ ଶିକ୍ଷକ ଅରୁଣ କୁମାର ମଲ୍ଲିକ ଯିଏ କି ଖାଲି ଶିକ୍ଷାଦାନ କରୁ ନଥିଲେ ଛାତ୍ରଛାତ୍ରୀଙ୍କୁ ସମସ୍ତ ଗୁଣର ଅଧିକାରୀ କରାଇ ପାରିଛନ୍ତି । ଯାହାକି ଗତକାଲି ସାହାଡ଼ା ବିଦ୍ୟାଳୟରେ ତାଙ୍କୁ ଏକ ଶୋଭାଯାତ୍ରାରେ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାହାଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ମଲିକଙ୍କୁ ସଂଗଠନ ପକ୍ଷରୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶିଷ୍ଟ ଅତିଥିଭାବେ ଓଷ୍ଟା ସଂଘର ଚାନ୍ଦବାଲି ବ୍ଲକ ସଭାପତି ପ୍ରଭାକର ପରିଡା, ସାମାଜିକ କର୍ମୀ ପ୍ରଦୀପ କୁମାର ବଳ, ରବୀନ୍ଦ୍ର କୁମାର ବିଶ୍ୱାଳ, ସୁରେନ୍ଦ୍ରମୋହନ ରାୟ ସୁରେଶ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅରୁଣ ଜ୍ୟୋତି ପୁସ୍ତକ ଓ ସ୍ୱରାଜ ବାର୍ତ୍ତାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା। ଖବରଦାତା ସଂଜୀବ ନାୟକ ମଞ୍ଚ ଆମନ୍ତ୍ରଣ, ଅକ୍ଷୟ ନାୟକ ଅତିଥି ପରିଚୟ ଓ ସୁଜୟ ପାକଳ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋକରା ଚାଉଳକୁ ବିରୋଧ କରିବାରୁ ତୁମୁଳକାଣ୍ଡ



ଭଦ୍ରକ,୨।୭(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨୯ ଜଣ ଛାତ୍ରଛାତ୍ରୀଙ୍କୁ ପୋକରା ଓ ନଷ୍ଟ ହୋଇଥିବା ଚାଉଳ ରନ୍ଧାଯାଉଥିଲା। ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଚାଉଳକୁ ନରାନ୍ଧିବା ପାଇଁ ତାଗିଦ୍ କରିଥିଲେ। ଏ ନେଇ ପରେ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧର କୁମାର ତରାଇ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁଳା ନାୟକଙ୍କୁ ଫୋନ୍‌ରେ ଜଣାଇଥିଲେ। ଏହାପରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ବିଶ୍ୱାଳ, ସଭ୍ୟ ଓ ଅଭିଭାବକ ଉପସ୍ଥିତ ହୋଇ ଏପରି ଚାଉଳକୁ ରାନ୍ଧିବା କୋମଳମତି ଶିଶୁଙ୍କ ପାଇଁ ବିପଜ୍ଜନକ ହୋଇଥିବାରୁ ଏହାକୁ ତୀବ୍ର ବିରୋଧ କରିଥିଲେ। ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ନମିତା ଭାରତୀ ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧାରୀଙ୍କୁ ଓଲଟା ଏହି ଚାଉଳ କାହିଁକି ରାନ୍ଧିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ପରାମର୍ଶକୁ ନମାନି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ପଶିଆସି ପାଟିତୁଣ୍ଡ କରିଥିଲେ ଏବଂ ସେହି ଚାଉଳକୁ ରାନ୍ଧିବା ପାଇଁ ଜିଦ୍ ଧରିଥିଲେ। ପରେ ସମସ୍ତେ ବିରୋଧ କରିବାରୁ ଏହାକୁ ବଦଳାଇ ନୂତନ ହୋଇ ଆସିଥିବା ଚାଉଳକୁ ଆଣି ରାନ୍ଧିବା ପାଇଁ ଦେଇଥିଲେ। ପ୍ରକାଶଥାଉକି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ଉପରେ ଗୁରୁତ୍ୱ ଦେଇ ଗୁଣାତ୍ମକ ଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଥିବାବେଳେ ଏବଂ ଏଭଳି ନଷ୍ଟ ଓ ନିମ୍ନମାନର ଚାଉଳକୁ ନଦେବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଚିଠି ହୋଇଥିଲେ ମଧ ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ସରକାରଙ୍କ ଏହି ନିର୍ଦ୍ଦେଶ ଓ ଉଦ୍ଦେଶ୍ୟକୁ ଖୋଲାଖୋଲି ଉଲ୍ଲଘନ କରିବାର ଏହା ଏକ ଚରମ ନିଦର୍ଶନ ବୋଲି ମନେ ହୁଏ। ସଂପାଦିକାଙ୍କ ଏତାଦୃଶ ବ୍ୟବହାର ଓ ମନୋବୃତି ରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଛାତ୍ରଛାତ୍ରୀ ଏବଂ ନିକଟସ୍ଥ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

### ସଲାସୁତୁରାରେ ନଦୀବନ୍ଧରେ ପଡିଲା ବାଲିବସ୍ତା

## କୋଚିଲାରେ ଲୀନହେବ ସଇଲୋ ଗାଁ

ଅସୁରାଳି,୨।୭(ସମିସ): ଧାମନଗର ବ୍ଲକ ଅଧୀନ ପଧାନି ପଞ୍ଚାୟତ ଅନ୍ତର୍ଗତ ସଇଲୋ ଗ୍ରାମ ପାର୍ଶ୍ୱରେ ଥିବା କୋଚିଲା ନଦୀବନ୍ଧକୁ ପ୍ରଭୁ ବାସୁଦେବ ଭରସା। ଠାକୁରଙ୍କ ଭରସା ନ ଥିଲେ ଚଳିତ ବର୍ଷ ପ୍ରଥମ ବନ୍ୟାରେ ନଦୀବନ୍ଧ ଭାଙ୍ଗି ଗାଁ ଭାସି ଯାଇଥା'ନ୍ତା । ଏହି ନଦୀବନ୍ଧ ଦୁଇଥର ଧସି ଥିଲେ ବି ଜଳସମ୍ପଦ ବିଭାଗ ଅଧିକାରୀ, ଠିକାଦାର ଓ କିଛି ରାଜନେତାଙ୍କ ସଲାସୁତୁରାରେ ଲକ୍ଷଲକ୍ଷ ଖର୍ଚ୍ଚ କରାଯାଇ ମରାମତି କରାଯାଇଥିଲା। ହେଲେ ପ୍ରଥମ ବନ୍ୟାରେ ଏହି ନଦୀବନ୍ଧ ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇପଡିଥିଲେ। ମଙ୍ଗଳବାର ଧାମନଗର ଜଳସମ୍ପଦ ବିଭାଗର ଏସଡିଓ ସେଠାରେ ପହଞ୍ଚି ବନ୍ଧ ପାର୍ଶ୍ୱରେ ବାଉଁଶ ବାଡ ଦେଇ ବାଲିବସ୍ତା ପକାଇ ବନ୍ୟା ନିୟନ୍ତ୍ରଣ କରିଥିଲେ । ଆଜି ନଦୀର ଜଳସ୍ତର କମିଛି ଓ ବନ୍ୟା ଜଳ ହ୍ରାସ ପାଇଛି ।ହେଲେ ଏବେ ବି ବିପଦ ଟଳି ନ ଥିବା ଗ୍ରାମବାସୀ କହିଛନ୍ତି । ବନ୍ୟାଜଳ ଛାଡିଲା ପରେ ମାଟି ଅତଡା ଖସିବା ସହ ପୋତା ଯାଇଥିବା ବାଉଁଶ ବାଦ ଓ ବାଲିବସ୍ତା ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ଉପୁଜିଛି । ଏହି ନଦୀବନ୍ଧ ପାଇଁ ଏତେ ପରିମାଣର ଅର୍ଥରାଶି ଖର୍ଚ୍ଚ ହୋଇଥିଲେ ବି କାର୍ଯ୍ୟ ସମ୍ବନ୍ଧିୟ ସୂଚନା ଫଳକ କୌଣସି ସ୍ଥାନରେ ଲଗାଯାଇ ନଥିବା ଗ୍ରାମବାସୀ କହିଛନ୍ତି। ନଦୀପାର୍ଶ୍ୱରେ କଂକ୍ରିଟ ପାଚେରୀ ନ କରି ପ୍ରତିବର୍ଷ ବାଉଁଶ ବାଡ ଓ ବାଲିବସ୍ତା ଦେଇ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି। ଏଥର ବନ୍ୟାରେ ପୁଣି ଛଅଲକ୍ଷ ଟଙ୍କା ବିନିଯୋଗ କରାଯାଇ ବାଉଁଶ ବାଡ ଓ ବାଲିବସ୍ତା ଦିଆଯାଇଛି । ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବ ଓ ଏବାବଦରେ ଗ୍ରାମବାସୀ ଶୀଘ୍ର ଜିଲ୍ଲାପାଳଙ୍କୁ ଜଣାଇବେ ଓ ଭିଜିଲାନ୍ସ ତଦନ୍ତ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି। ଏ ବାବଦରେ ବିଭାଗୀୟ ଏସଡିଓ କିଶୋର ଦାସ କହିଛନ୍ତି ଯେ, ଧସିଥିବା ନଦୀବନ୍ଧ ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା ଏବଂ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ବର୍ଷା ଓ ବନ୍ୟା ପାଇଁ କାମ ବନ୍ଦ ରଖାଯାଇଛି । ପରବର୍ତ୍ତୀ ସମୟରେ ପୁଣି କାର୍ଯ୍ୟ ଚାଲୁ ରହିବ।



## ଉଛୁଳା ପୋଖରୀରେ ଚାଲିଗଲା ଦିବ୍ୟାଙ୍ଗ ଯୁବକଙ୍କ ଜୀବନ

ଭଦ୍ରକ,୨।୭(ସମିସ): ଲଗାଣ ବର୍ଷାରେ ଉଛୁଳା ପୋଖରୀରେ ବୁଡି ଚାଲିଗଲା ଜଣେ ଦିବ୍ୟାଙ୍ଗ ଯୁବକଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଘଟିଛି ଧୂଷୁରୀ ନଦୀଗାଁ ତିନିଘରିଆ ଗ୍ରାମରେ। ଗ୍ରାମର ଉମାକାନ୍ତ ବସନ୍ତିଆଙ୍କ ୧୯ ବର୍ଷୀୟ ଦିବ୍ୟାଙ୍ଗ ପୁଅ ଜିତୁ ବସନ୍ତିଆ ଆଜି ଶୌଚ ହେବାକୁ ପୋଖରୀକୁ ଯିବା ସମୟରେ ଗୋଡ଼ ଖସି ଯାଇଥିଲା। ନଦୀ ପାର୍ଶ୍ୱ ଓ ଲଗାଣ ବର୍ଷାରେ ପୋଖରୀ ଉବୁଟୁବୁ ହେଉଥିବା ବେଳେ ପୋଖରୀରୁ ବାହାରିବା ସମ୍ଭବ ନଥିଲା। ଅନ୍ୟପଟେ ଜିତୁ ଜଣେ ମୁକ ହୋଇଥିବାରୁ ପାଟି କରି କାହାକୁ ଡାକି ପାରିନଥିଲେ। ପରେ ଜିତୁ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଭଦ୍ରକ ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବ୍ୟାଙ୍କ ଖାତାକୁ ଭତ୍ତା ଆସିବାରେ ବିଳମ୍ବ; ହିତାଧିକାରୀ ନିରାଶ

ବାରିକପୁର,୨।୭(ସମିସ): ବ୍ୟାଙ୍କ ଖାତାକୁ ଭତ୍ତା ଆସିବାରେ ବିଳମ୍ବ ହେଉଥିବାରୁ ହିତାଧିକାରୀ ନିରାଶ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରୁ ପ୍ରାୟ ୬ ହଜାର ହିତାଧିକାରୀ ବ୍ୟାଙ୍କ ମାଧ୍ୟମରେ ଟଙ୍କା ପାଇଥାନ୍ତି। ତନ୍ମଧ୍ୟରୁ ଚାରି ହଜାରରୁ ଅଧିକ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ହିତାଧିକାରୀ ୨୫୨ ଓ ବିଧବା ହିତାଧିକାରୀ ୧୨୭୫ଜଣଙ୍କୁ ବ୍ୟାଙ୍କ ମାଧ୍ୟମରେ ଟଙ୍କା ପ୍ରଦାନ କରାଯାଇଥାଏ। ହାତାହାତି ହିତାଧିକାରୀଙ୍କୁ କେବେଠାରୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଏଯାଏଁ ବ୍ୟାଙ୍କ ଖାତାଧାରୀଙ୍କୁ ଭତ୍ତା ଦେବାରେ ବିଳମ୍ବ ଘଟିଛି। ସରକାରଙ୍କ ପକ୍ଷରୁ ଠିକ ସମୟରେ ଅର୍ଥ ଆସୁ ନ ଥିବାରୁ ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ଯାଇ ହିତାଧିକାରୀ ନିରାଶ ହୋଇ ଫେରୁଛନ୍ତି। ଏନେଇ ବିଭାଗ ସହିତ ଯୋଗାଯୋଗ କରାଯିବାରୁ ଏବେ କିଛି ହିତାଧିକାରୀଙ୍କ ଖାତାରେ ଟଙ୍କା ପଡ଼ିଥିବା ବେଳେ ଆଉ କିଛି ପରେ ଆସିବ ବୋଲି କହିଛନ୍ତି। ଏପଟେ ଭତ୍ତାକୁ ଭରସା କରି ଚଳୁଥିବା ଅସହାୟ, ବିଧବା ଓ ବୃଦ୍ଧ ବୃଦ୍ଧା ବ୍ୟାଙ୍କ ଖାତାକୁ ଅନାଇ ବସିଛନ୍ତି।

## ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍; ଲୋକେ ହନ୍ତସନ୍ତ

ଧାମନଗର,୨।୭(ସମିସ): ବିଏମସି ଅତିରିକ୍ତ ଆୟୁକ୍ତଙ୍କୁ କାର୍ଯ୍ୟାଳୟରୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ଘଟଣାରେ ସାରା ରାଜ୍ୟରେ ଓଏଏସ ସଂଘ ପକ୍ଷରୁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ଏହି ଆନ୍ଦୋଳନରେ ସାମିଲ ହୋଇଛି ଓଡ଼ିଶା ରାଜ୍ୟର ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ। ଓଏଏସଙ୍କ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଧାମନଗର ଠାରେ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ ବନ୍ଦ ରହିଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଡ଼ିଓ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ତହସିଲଦାର ଶାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଏନଏସି ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଉକ୍ତ ଘଟଣାର ନିନ୍ଦା କରିବା ସହ ରାଜ୍ୟର ଓଏଏସଙ୍କ ଡାକରାରେ ସାମିଲ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଉପନିର୍ବନ୍ଧକ ଅଧିକାରୀ ସତ୍ୟାନନ୍ଦ ପାତ୍ର ମେଡିକାଲ କାର୍ଯ୍ୟ ପାଇଁ ଛୁଟି ନେଇଛନ୍ତି ବୋଲି ସୂଚନା ଦେଇଛନ୍ତି।

## ବିକଟାଳ ଶବ୍ଦ କରୁଥିବା ବାଇକ୍ ଜବତ

ଭଦ୍ରକ,୨।୭(ସମିସ): ଭଦ୍ରକ ପୁଲିସ ଦ୍ୱିତୀୟ ଦିନରେ ବିକଟାଳ ଶବ୍ଦ କରୁଥିବା ବାଇକ ଗୁଡିକୁ ଜବତ୍ କରିବା ସହ ସେଗୁଡିକର ସାଇଲେନ୍ସର ଖୋଲି ଦେଇଛି। ରାସ୍ତାରେ ବିକଟାଳ ଶବ୍ଦ କରୁଥିଲା ଏକାଧିକ ବାଇକ। ବାଇକ୍‌ର ସାଇଲେନସର ଖୋଲି ମୋଡ଼ିଫାଏଡ ସାଇଲେନସର ଲଗାଇଥିଲେ। ଚେକିଂ କରିବା ପରେ ପୁଲିସ ତାହାକୁ ଖୋଲିଦେଇଛି। ଭଦ୍ରକ ସହରରେ ସହରାଞ୍ଚଳ ପୁଲିସ ମାରାଥନ ଚେକିଂ କରିଛି। ଯେଉଁ ବାଇକ୍ ଗୁଡ଼ିକରେ ମୋଡ଼ିଫାଏଡ ସାଇଲେନସର ଲଗାଇ ଜୋର୍ ଶବ୍ଦ କରି ରାସ୍ତାରେ ଯାଉଥିଲା ସେଗୁଡିକୁ ପୁଲିସ ଧରି ଖୋଲିଦେଇଛି। କେତେକ ବାଇକ୍‌କୁ ଜୋରିମାନା ଲଗାଯାଇଥିବା ବେଳେ କେତେକ ବାଇକ୍‌କୁ ଜବତ୍ କରିଥିବା ସୂଚନା ମିଳିଛି ।ତେବେ ରାସ୍ତାରେ ନୂଆ ସାଇଲେନସର ଲଗାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାଇକ୍‌ଗୁଡ଼ିକୁ ଗତକାଲି ମଧ ଜବତ୍ କରିଥିଲା। ଆଗକୁ ଏମିତି ଆହୁରି ଜବତ୍ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଶିକ୍ଷାବିତ୍

ଦୋବଲ,୨।୭(ସମିସ): ଦୋବଲ ନିକଟସ୍ଥ କାଞ୍ଜିଆ ପାଳ ଆଶ୍ରମରେ ଶିକ୍ଷାବିତ ହୃଦାନନ୍ଦ କର ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆଶ୍ରମର ପିଲାମାନଙ୍କ ସହିତ ବୃକ୍ଷ ରୋପଣ କରିବା ଓ ପିଲାମାନଙ୍କୁ ପାଠ୍ୟ ସାମଗ୍ରୀ ବାଣ୍ଟିବା ଏବଂ ମିଠା ଖୁଆଇ କେକ୍ କାଟି ପାଳନ କରିଥିଲେ। ଆଶ୍ରମର ସଭାପତି ନକୁଳ ଦେବ ଶସ୍ତ୍ରୀ, ଏବିଓ ମନୋଜ ଜେନା, ଦୋବଲ ସରପଂଚ ଅଶୋକ ପଣ୍ଡା, ସୁବାସ ନନ୍ଦ, ଅରବିନ୍ଦ ପତି, ରଣଜିତ୍ ମହାନ୍ତି, ସୁବ୍ରତ ସାମଲ, ପ୍ରମୋଦ ସୂତାର, ରମେଶ ପତି, ବିଜୟଶଙ୍କର ନାୟକ, ରବିନ୍ଦ୍ର ସେଠୀ, ଶ୍ରୀକାନ୍ତ ଦାସ, ଭଗବାନ ଦାସ, ରାଜୀବ ମାଝୀ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

## ଆଇଏମ୍‌ଏ ପକ୍ଷରୁ ଡକ୍ଟର୍ସ ଡେ' ପାଳିତ



ଭଦ୍ରକ,୨।୭(ସମିସ): ଭାରତୀୟ ଚିକିତ୍ସକ ସଂଘ (ଆଇଏମଏ) ଭଦ୍ରକ ଶାଖା ପକ୍ଷରୁ ଡକ୍ଟର୍ସ ଡେ' ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଭଦ୍ରକ ଆଇଏମଏ ସଭାପତି ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାକ୍ତର ହରେକୃଷ୍ଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀରଂଜନ ନାୟକ, ଡାକ୍ତର ରଂଜିତ କୁମାର ଖଟୁଆ, ଡାକ୍ତର ଅମିତାଭ ଜେନା, ରୋଟାରି କ୍ଲବ ସଭାପତି ନାସିର ବକ୍ସ, ରୋ. ବାଦଲ କିଶୋର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର ଭାବେ ବର୍ଣ୍ଣନା କରିବା ସହ ସେମାନେ ନିଜର ଦାୟିତ୍ୱ ପ୍ରତି ଅଧିକ ସଚେତନ ହେବା ତଥା ରୋଗୀଙ୍କ ପ୍ରତି ଅଧିକ ପ୍ରତିବଦ୍ଧତାର ସହିତ ଚିକିତ୍ସା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବ ଆରମ୍ଭରେ ଡାକ୍ତର ହରେକୃଷ୍ଣ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ କିପରି ଅଧିକ ସୁବିଧାସୁଯୋଗ ପାଇବେ ସେ ସଂପର୍କରେ ମତ ରଖିଥିଲେ। ଚଳିତ ବର୍ଷ ଚିକିତ୍ସା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ନିର୍ମଳ ଚନ୍ଦ୍ର ପଣ୍ଡା, ଡାକ୍ତର ମିନତୀଲତା ଦାସ, ରବୀନ୍ଦ୍ରନାଥ ସାହୁ,ସୁଶ୍ରୀ ସଂଗୀତା ପାଣିଗ୍ରାହୀ,ସୁକାନ୍ତି ନାୟକ, ବନଲତା ପାଢୀ, ସୌଦାମିନୀ ଦାସଙ୍କୁ ଡାକ୍ତର ସ୍ୱର୍ଗତ ଗଜେନ୍ଦ୍ର କୁମାର ସାମଲ ସ୍ମୃତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ଝସକେତନ ମହାନ୍ତି, ଡାକ୍ତର ଗୌରଚନ୍ଦ୍ର ଜେନା,ଡାକ୍ତର ମୀନକେତନ ମହାନ୍ତି, ଡାକ୍ତର ଶତ୍ରୁଘ୍ନ ହାତୀ , ରୋଟାରିଆନ ଅଭିଜିତ ନାୟକ, ବସନ୍ତ ପାଣିଗାହୀ, ପ୍ରଣବ କୁମାର ସାହୁ,ସମାଜସେବୀ ସୁଧାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଏବିଭିପି ପକ୍ଷରୁ ନଗର ବୈଠକ

## ଛାତ୍ର ସଂସଦ ନିର୍ବାଚନ ଓ ସଦସ୍ୟତାକୁ ଗୁରୁତ୍ୱ



ଭଦ୍ରକ,୨।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭଦ୍ରକ ନଗର ପକ୍ଷରୁ ବାବା ଲୋକନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଏକ ମାସର ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ଉପରେ ବିସ୍ତାର ଯୋଜନା କରାଯାଇଛି। ଆଗାମୀ ଦିନରେ କଲେଜ ନିର୍ବାଚନ ହେବାକୁ ଥିବା ଭଦ୍ରକ କଲେଜ, ଚରମ୍ପା କଲେଜ ଏବଂ ଭଦ୍ରକ ମହିଳା କଲେଜ ପାଇଁ ସ୍ୱତନ୍ତ୍ର ଯୋଜନା କରାଯିବ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ କହିଛନ୍ତି। ଏହି ମାସ ୯ ତାରିଖ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ତଥା ଏବିଭିପିର ପ୍ରତିଷ୍ଠା ଦିବସ ଭଦ୍ରକ ନଗର କ୍ଷେତ୍ରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କଲେଜ କ୍ୟାମ୍ପସରେ ସମାରୋହରେ ପାଳିତ ହେବ। ଉକ୍ତ ସମସ୍ତ କଲେଜରେ ସଦସ୍ୟତା ବ୍ୟାପକ ଭାବେ କରାଯିବ ବୋଲି ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି କହିଛନ୍ତି। ସେହିପରି ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜନ, ୧୩ ତାରିଖରେ ଜିଲ୍ଲା ସ୍ତରୀୟ ରକ୍ତଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହେବ। କଲେଜ୍ ନାମଲେଖା ସମୟରେ ହେଲ୍ପ ଡେସ୍କ ପକାଇ ବିଦ୍ୟାର୍ଥୀଙ୍କୁ ସହଯୋଗ କରାଯିବାକୁ ନେଇ ସଙ୍ଗଠନ ପକ୍ଷରୁ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ। ବିଶ୍ୱ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସେବା କାର୍ଯ୍ୟ ପାଇଁ ଜିଲ୍ଲାରୁ ଯାଇଥିବା ୫୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ ଓ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସହ ସଂଯୋଜକ ଅଭିଳାଷ ତ୍ରିପାଠୀ, ପ୍ରାନ୍ତ ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ବିଭାଗ ଏସଏଫଡି ସଂଯୋଜକ ଆୟୁଷ ପାଣିଗ୍ରାହୀ, ଜିଲ୍ଲା ଏସଏଫଡି ସଂଯୋଜକ ସତ୍ୟ ବ୍ରତ ପଣ୍ଡା, ବାମଦେବ ବାରିକ, ନଗର ସହ ସମ୍ପାଦକ ଗୋପୀ କ୍ରୀଷ୍ଣା ବାରିକ ଓ କାହ୍ନା ଜେନା, ଗୌତମୀ ପାଢ଼ୀ, ଶୁଭମ ପାଢ଼ୀ , ସଂଗ୍ରାମ ଜେନା, ସିଦ୍ଧାର୍ଥ ମହାନ୍ତି, ରଞ୍ଜୁଲତା ପୁଟିଆ, ଉଦିତ ସାହୁ, ମନୋରଞ୍ଜନ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ଶିକ୍ଷା ବର୍ଷ ପାଇଁ ପରିଷଦର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଯାଇଛି।

# ଭଙ୍ଗା ସ୍କୁଲର ମରାମତି ନେଇ ବିଭାଗ ତତ୍ପର




ବନ୍ତ/ଆଗରପଡ଼ା,୨।୭ (ସମିସ): ଗତ ୧ ତାରିଖ ମଙ୍ଗଳବାର 'ଅସୁରକ୍ଷିତ ପରିବେଶରେ ଚାଲିଛି ଶିକ୍ଷାଦାନ;ସ୍କୁଲ ଛାତରୁ ଗଳିଲା ପ୍ଲାଷ୍ଟର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଏହାପରେ ମଙ୍ଗଳବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଦ୍ୟାଳୟକୁ ଆସି ଘଟିଥିବା ଖଟଣାର ତଦାରଖ କରିବା ସହ ଆସନ୍ତା ୨ଦିନ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ବନ୍ତ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ସୂଚନା ଅନୁଯାୟୀ, ସୋମବାର ଶ୍ରେଣୀ ଗୃହ ଖୋଲିବା ବେଳକୁ ସେ ଉକ୍ତ ଗୃହର ଛାତରୁ ପ୍ଲାଷ୍ଟର ଗୁଡ଼ିକ ଗଳିପଡ଼ିଥିବା ଦେଖିଥିଲେ। ଗତ କିଛି ଦିନ ଧରି ଲଘୁଚାପ ଜନିତ ବର୍ଷା ହେତୁ ଛାତରେ ପାଣି ଜମି ରହିବା ଦ୍ୱାରା ଏହିପରି ହୋଇଥିବା ଜଣାପଡ଼ିଛି। ସେହିପରି ଉକ୍ତ ବିଦ୍ୟାଳୟର ସମ୍ମୁଖ ଭାଗରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଇ ନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବାହାର ପାଣି ବିଦ୍ୟାଳୟ ପରିସରକୁ ପଶୁଥିବା ବେଳେ ବିଦ୍ୟାଳୟ ପରିସରର ପାଣି ମଧ୍ୟ ନିଷ୍କାସନ ହୋଇ ନପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଛି। ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ସମୁଦାୟ ୧୩୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିଶୁ ବାଟିକା ସମେତ ୧ମ ରୁ ୮ମ ଶ୍ରେଣୀ ନିମନ୍ତେ ୫ଟି ଶ୍ରେଣୀ ଗୃହ ଉପଲବ୍ଧ ଅଛି। ଶିଶୁ ବାଟିକା ଓ ୫ମ ଶ୍ରେଣୀ ପିଲା ଗୋଟିଏ ଗୃହ, ୧ମ, ୨ୟ ଓ ୪ର୍ଥ ଶ୍ରେଣୀର ପିଲା ମିଳାମିଶା ହୋଇ ଆଉ ଗୋଟିଏ ଗୃହରେ ଶିକ୍ଷାଲାଭ କରୁଛନ୍ତି। ଶ୍ରେଣୀ ଗୃହ ସମସ୍ୟାରୁ ଏହିପରି ଶିକ୍ଷାଦାନ ଚାଲୁଛି। ଯାହାକି ପିଲାଙ୍କ ଗୁଣାତ୍ମକ ଶିକ୍ଷାଲାଭ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ଯେ ସେ ପରିଚାଳନା କମିଟିରେ ଉକ୍ତ ସମସ୍ୟା ଉପସ୍ଥାପନ କରିବା ସହ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମରାମତି ବାବଦରେ ଅର୍ଥ ମହଜୁଦ ଥିବାରୁ ଯଥାଶୀଘ୍ର ଏହାର ମରାମତି କରାଯିବ ବୋଲି ଜଣାପଡ଼ିଛି।

# ତିହିଡ଼ିରେ ପଶିଲା ସାଳନ୍ଦୀ ବନ୍ୟାଜଳ

ତିହିଡ଼ି, ୨।୭ (ସମିସ)



ସାଳନ୍ଦୀ ନଦୀର ବନ୍ୟା ଜଳ ତିହିଡ଼ି ବ୍ଲକର ୨ ପଞ୍ଚାୟତରେ ପ୍ରବେଶ କରିଛି। ବ୍ଲକ ପ୍ରଶାସନିକ ଅଧିକାରୀ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ନିରଞ୍ଜନ ବାରିକ, ଅତିରିକ୍ତ ତହସିଲଦାର ନମିତା ଧଳ, ତଳଗୋପବିନ୍ଧା ସରପଞ୍ଚ ସଂଜୀବ ବେହେରା ପ୍ରମୁଖ ତଳିଆ ଅଞ୍ଚଳ ତଳଗୋପ, ଖଟୁଆସାହି, ମିରିପୁରଠାରେ ସାଳନ୍ଦୀ ନଦୀର ବନ୍ୟା ଜଳ ପ୍ରଭାର ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ଖଟୁଆସାହି ଓ ମାଙ୍କଡ଼କୋଲା ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ଜଳସେଚନ ବିଭାଗର ଯନ୍ତ୍ରୀମାନେ ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବୋଡ଼କ ପଞ୍ଚାୟତର ନନ୍ଦୋର ଗ୍ରାମର ବିଲ ସବୁ ବୁଡ଼ିବାକୁ ଲାଗିଲାଣି। ବୋଡ଼କ ସମିତିସଭ୍ୟ ଜୟପ୍ରକାଶ ମଲିକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିଶ୍ଚନ୍ତା, ଜେନା ସାହି, ଗୁହାଳଡିହ ଗ୍ରାମକୁ ବନ୍ୟା ଜଳ ସ୍ପର୍ଶ କରିସାରିଛି। ଆଜି ରାତିସୁଦ୍ଧା ସ୍ଥିତି କ'ଣ ହେବ ସେନେଇ କେହି କିଛି କହିପାରୁନାହାନ୍ତି। ନରସିଂହପୁରଠାରେ ନାଳିଆ ନଦୀର ପୋଲ ଭାଙ୍ଗିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବୋଡ଼କ ପଞ୍ଚାୟତର ରେବ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି।

# ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ଭଦ୍ରକ,୨।୭ (ସମିସ): ଭଦ୍ରକ ରେଳ ଷ୍ଟେସନ (ମାଲଗୋଦାମ) ନିକଟରେ ବୁଧବାର ଟ୍ରେନ୍‌ରେ କଟି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ବୟସ ୩୫ରୁ ୪୦ମଧ୍ୟରେ ହେବ। ତେବେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଭଦ୍ରକ ରେଳବାଇ ପୁଲିସ ମୃତଦେହକୁ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି।

# ନାଆମୀ କଲେଜରେ ସମ୍ବର୍ଦ୍ଧନା ସଭା



ଭଣ୍ଡାରିପୋଖରୀ,୨।୭ (ସମିସ): ନାଆମୀ ମହାବିଦ୍ୟାଳୟ ଅଧ୍ୟାପକ ରାମଚନ୍ଦ୍ର ମହାନ୍ତିଙ୍କର ବଦଳି ହୋଇଥିବା ଯୋଗୁଁ ଏକ ବିଦାୟକାଳୀନ ଶୁଭେଚ୍ଛା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସୁକାନ୍ତଚନ୍ଦ୍ର ସ୍ୱାଇଁ ଏହି ସଭାରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ବିନୋଦ ବିହାରୀ ନାୟକ, ସନ୍ତୋଷ ସାହୁ, ଡ. ଶଶଧର ସାହୁ, ଅଶୋକ ଦାଶ, ଅଶୋକ ସେଠୀ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ସଭା ସଂଯୋଜନା କରିଥିଲେ। ଡ. ଅଜୟ କୁମାର ପ୍ରଧାନ ଅତିଥି ପରିଚୟ ଓ ବାଣିଜ୍ୟ ବିଭାଗ ମୁଖ୍ୟ ବନମାଳି ପଣ୍ଡା ଧନ୍ୟବାଦ ଦେଇଥିଲେ। ଡ଼ ରଘୁନାଥ ସାହୁ, ସସ୍ମିତା ଘୋଷ, ମନୋରମା ଖଣ୍ଡାଇ, ଭାରତୀଲତା ପଣ୍ଡା ପ୍ରମୁଖ ଶ୍ରୀ ମହାନ୍ତିଙ୍କର ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନ ସମ୍ପର୍କରେ ଉଲ୍ଲେଖ କରିଥିଲେ।

# ଶନିଦେବଙ୍କ ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୨।୭ (ସମିସ): ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମରେ ଶନିଦେବଙ୍କ ପଞ୍ଚମ ବାର୍ଷିକ ଜନ୍ମ ଉତ୍ସବ ପାଳନ କରାଯାଇଛି। ମଙ୍ଗଳବାର ଗ୍ରାମର ମଧ୍ୟ ଭାଗରେ ଥିବା ବାଲିଆଡିରେ ଥିବା ପୁଷ୍କରିଣୀରେ ୩୧ଜଣ କଳସିଆ କଳସରେ ପାଣି ଆଣିଥିଲେ। ଆନନ୍ଦଚନ୍ଦ୍ର ରାଉତ, ସାବିତ୍ରୀ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ବୀଣାପାଣି ରାଉତଙ୍କ ଦ୍ୱାରା ଗୋସେଇ ପଦ୍ମନାଭ ପଣ୍ଡା, ମନ୍ଦିରର ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ, ନାରଣଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଶନିଦେବଙ୍କ ନୀତିକାନ୍ତି ସହିତ ଇଷ୍ଟଦେବୀ ମା' ଦକ୍ଷିଣକାଳୀଙ୍କ ଉପଚାର ଯଜ୍ଞାଦି ତିନି ଦିନ ବ୍ୟାପି ପୂଜା ପାଳନ କରାଯାଇଛି। ଗ୍ରାମର ଭିକାରି ନାୟକ, ସନାତନ ପାତ୍ର, ଶଶିକାନ୍ତ ଜେନା, ସୁକାନ୍ତ ସାହୁ, ନାରଣ ନାୟକ, କୈଳାଶ ବିଶ୍ୱାଳ, ନାରଣ ବିଶ୍ୱାଳ, ଅର୍ଜୁନ ଜେନା, ନରେଶ ଜେନା, ଗଙ୍ଗାଧର ନାୟକ, ଜିତେନ୍ଦ୍ର ଜେନା, ବାବୁଲା ବିଶ୍ୱାଳ ତପନ ଜେନା, ରାଜେଶ ବିଶ୍ୱାଳ, ରାମ ମହାନ୍ତି, ପ୍ରିୟବ୍ରତ ରାଉତ, ସତ୍ୟପ୍ରକାଶ ରାଉତ, ଅମର ରାଉତ, ସୁଧୀର ରାଉତ, ଗ୍ରାମବାସୀ ସହଯୋଗ କରିଥିଲେ।

# ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ

ଭଦ୍ରକ,୨।୭ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତିଙ୍କୁ ବିଦାୟ ଦିଆଯିବା ସହ ନୂତନ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କୁ ସ୍ୱାଗତ କରାଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତିଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ବଖାଣିଥିଲେ। ଜିଲ୍ଲାପାଳ ତାଙ୍କର ବକ୍ତବ୍ୟରେ ବିଦାୟୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଶଂସା କରିଥିଲେ। ନୂତନ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ତାଙ୍କର ଦାୟିତ୍ୱ ସମ୍ପାଦନା କରିବେ ବୋଲି ଆଶା ପ୍ରକାଶ କରିଥିଲେ। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସମସ୍ତ ଡେପୁଟୀ କଲେକ୍ଟର ଓ ସହକାରୀ ଜିଲ୍ଲାପାଳ ମାନେ ଅଂଶ ଗ୍ରହଣ କରିଥିଲେ। ଷ୍ଟାଫ୍ କମିଟି ତରଫରୁ ଅମୁଲ୍ୟ ସାହୁ, ଅତୁଲ ନନ୍ଦୀ, ଜେମାମଣି ନାୟକ,ଏଲିନା ସେନାପତି, ଶ୍ୟାମ ସୁନ୍ଦର ଜେନା, ଇତୁଲ୍ ଘୋଷ, ଓଁକାର ଦାସ, ସତ୍ୟ ପ୍ରକାଶ ଧଳ, ସୁମନ୍ ବିଡ଼ାନ୍ତ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣ ସଭାକୁ କାର୍ତ୍ତିକ ମଣ୍ଡଳ ଡେପୁଟି କଲେକ୍ଟର ସଞ୍ଚାଳନ କରିଥିଲେ।



# ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଭଣ୍ଡାରିପୋଖରୀ,୨।୭ (ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ବୁଧବାର ମଞ୍ଜୁରୀରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ବହୁ ପୁରାତନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ଛଅଟି ପଞ୍ଚାୟତର ଲୋକଙ୍କ ସମେତ ପଡୋଶୀ ହାତଡ଼ିହି ଓ କୋରେଇ ବ୍ଲକର କିଛି ଲୋକ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ଏଣୁ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ସ୍ଥାନୀୟ ଲୋକଙ୍କ ସମେତ ବରିଷ୍ଠ ନାଗରିକ ସଂଘ ଓ ଆଞ୍ଚଳିକ ବିକାଶ ମଞ୍ଚର ପ୍ରତିନିଧିମାନେ ଦାବି ଜଣାଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ନିଆଯାଉଥିବାରୁ ଏଠାରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏହି ବ୍ୟବସ୍ଥା ବନ୍ଦ କରିବା ପାଇଁ ଓ ଏକ ନିର୍ମାଣାଧୀନ ଗୃହ କାର୍ଯ୍ୟ ଦୀର୍ଘ ଦିନ ଧରି ବନ୍ଦ ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଟକ ବ୍ୟବସ୍ଥା ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏସବୁ ବିଷୟ ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସୂଚନା ମିଳିଛି। ଏହି ଅବସରରେ ଡାକ୍ତର ନାୟକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଡାକ୍ତର ଦେବାଶିଷ ପତିଙ୍କ ସମେତ ପ୍ରକାଶ ମହାପାତ୍ର, ମହେଶ୍ୱର ବେହେରା, ରମାକାନ୍ତ ସେନାପତି, ଭାସ୍କର ଜେନା ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଜ୍ଜନକ ବ୍ଲକ୍ ଛକ ରାସ୍ତା

ବାରିକପୁର,୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଛକ ଅତିକ୍ରମ କରି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାଟି ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ରହିଛି। ଫଳରେ ଦୈନିକ ଅଧିକାଂଶ ମୋଟରସାଇକଲ ଓ ସାଇକଲରେ ଯାଉଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ବ୍ଲକ ଛକ ମୁଖ୍ୟ ରାସ୍ତା ସହିତ ଜାତୀୟ ରାଜପଥର ସଂଯୋଗ ସ୍ଥାନରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥା ଦେଖିବାକୁ ମିଳିଛି। ରାଜପଥ ସଂପ୍ରସାରଣ ବେଳେ ଏଠାରେ ଦୁଇ ରାସ୍ତା ସଂଯୋଗ ସ୍ଥାନକୁ ଅତି ଖାମଖିଆଲି ଭାବେ ନିର୍ମାଣ କରାଯାଇଛି। ଜଳ ନିଷ୍କାସନ ପଥ ସହିତ ଦୁଇ ଗମନାଗମନ ରାସ୍ତାକୁ ସଂଯୋଗ ପାଇଁ ତ୍ରୁଟିପୂର୍ଣ୍ଣ ଭାବେ କାର୍ଯ୍ୟ କରାଯାଇଛି। ରାସ୍ତାକୁ ଏଭଳି ନିର୍ମାଣ କରାଯାଇଛି ଯେ ଟିକିଏ ଅସାବଧାନତା ହେଲେ ବାଇକ୍ ଆରୋହୀମାନେ କଚାଡ଼ି ହୋଇ ପଡୁଛନ୍ତି। ଏହି ବାଟଦେଇ ଲୋକ ମାନେ ବ୍ଲକ କାର୍ଯ୍ୟାଳୟ ସମେତ ମେଡିକାଲ ଓ ତହସିଲ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ଏହାଛଡା ଶହଶହ ଛାତ୍ରଛାତ୍ରୀମାନେ ମଧ୍ୟ ସାଇକଲ ଯୋଗେ ଏହି ପଥ ଅତିକ୍ରମ କରି ଭଣ୍ଡାରିପୋଖରୀ ମହା ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥାନ୍ତି। ଏହି ୧୦ ମିଟର ସଙ୍କଟାପନ୍ନ ରାସ୍ତା ପାଇଁ ଦୈନିକ କେହି ନା କେହି ଦୁର୍ଘଟଣାର ଶିକାର ହେଉଛନ୍ତି। ରାଜପଥ ପ୍ରାଧିକରଣ ସଂସ୍ଥାର ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉ ନଥିବା ହେତୁ ଦିନକୁ ଦିନ ରାସ୍ତା ଅବସ୍ଥା ଅତି ଖରାପ ହେଉଛି।



# ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ଧାମନଗର,୨।୭ (ସମିସ): ପିଏମଶ୍ରୀ ଧାମନଗର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀରଞ୍ଜନ ରାଉତଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚାକିରିର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ, ରହଣିଆ ହାଇସ୍କୁଲର ପ୍ରଧାନଶିକ୍ଷକ ହୃଷୀକେଶ ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହଚରଣ ସାହୁ, ଏସଏମଡିସି ସଭାପତି ମହେଶ୍ୱର ସ୍ୱାଇଁ, ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତରଞ୍ଜନ ସେନାପତି, ପରିଚାଳନା କମିଟିର ସଭାପତି ପ୍ରହ୍ଲାଦ ମହାପାତ୍ର, ପୂର୍ବତନ ସଭାପତି ସେକ ଜାଫର ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ପ୍ରମୋଦ ଦାସ, ପ୍ରାଣବନ୍ଧୁ ନାୟକ, ବଟକୃଷ୍ଣ ପଣ୍ଡା, ଶେଖ ମହମ୍ମଦ ହନିଫ, ଶୁଭମ ମଲ୍ଲିକ, ଶକ୍ତି ରଞ୍ଜନ ହୁମ, ସନାତନ ସାହୁ, ସସ୍ମିତା ଦାସ, ପୂର୍ଣ୍ଣିମା ଲେଙ୍କା, ତପସ୍ୱିନୀ ତ୍ରିପାଠୀ, ମନୋରଞ୍ଜନ ବସନ୍ତରାୟ, ରତିକାନ୍ତ ଜେନା, ପ୍ରମୋଦ ଖଟୁଆ, ଅରବିନ୍ଦ ସୁତାର, ଅରୁଣ ସାର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ପରିଚାଳନା କମିଟିର ସଭାପତି ଓ ସଭ୍ୟସଭ୍ୟା, ଅଭିଭାବକ,ଏଚ୍ଏସଜି ମହିଳା ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ସମୀର ଗୋସ୍ୱାମୀ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରାରମ୍ଭରେ ସହକାରୀ ଶିକ୍ଷକ ଭାସ୍କରଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଅଭିମନ୍ୟୁ ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ।

# ବିଞ୍ଝାରପୁରରେ ନିମ୍ନମାନର ଔଷଧ କାରବାର ବୃଦ୍ଧି



ବିଞ୍ଝାରପୁର,୨।୭ (ସମିସ): ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଛି ଔଷଧ ଦୋକାନ। ବିଭିନ୍ନ ଔଷଧ ଦୋକାନ ବିନା ଲାଇସିନ୍ସରେ ଚାଲିଥିବା ବେଳେ ଅନ୍ୟ କିଛି ଦୋକାନ ଅନ୍ୟର ଲାଇସେନ୍ସରେ ଚାଲୁଛି। ଯାହା ଫଳରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନୀରବତା ପାଇଁ ବଜାରରେ ନିମ୍ନମାନର ଔଷଧ ବିକ୍ରି କରି ଔଷଧ ବ୍ୟବସାୟୀ ମାନେ ମାଲେମାଲ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦାରଖ କି ଚଢ଼ଉ ହେବାର ଦୃଶ୍ୟ ଦୀର୍ଘ ଦିନ ହେବ ଦେଖିବାକୁ ମିଳୁନାହିଁ। ଛକ ବଜାରରେ ମାଳ ମାଳ ଔଷଧ ଦୋକାନ ଖୋଲିବା ଫଳରେ ନିୟମ କାନୁନକୁ ଅଣଦେଖା କରି ଔଷଧ ଦୋକାନୀ ରୋଗୀଙ୍କୁ ଶୋଷଣ କରୁଥିବାବେଳେ ସରକାର ସମ୍ପୂର୍ଣ୍ଣ ଭାବେ ଇଞ୍ଜେକସନ୍ ଦେବାକୁ ବାରଣ କରୁଥିବା ବେଳେ ଔଷଧ ଦୋକାନୀ ମାନେ ଇଞ୍ଜେକସନ୍ ମଧ୍ୟ ଦେଇ ଚାଲିଥିବା ଅଭିଯୋଗ ହେଉଛି। ଏହା ସହ ଦୋକାନ ମାନଙ୍କରେ ନିମ୍ନମାନର ଔଷଧ ମଧ୍ୟ ବିକ୍ରି କରୁଛନ୍ତି; ଯାହାକୁ ସେବନ କରି ରୋଗରୁ ଉପଶମ ମିଳୁନି। ଆରୋଗ୍ୟ ବଦଳରେ ଅର୍ଥ ଶ୍ରାଦ୍ଧ କରି ରୋଗୀ ଶୋଷିତ ହେଉଛି। ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଗରୀବ ଲୋକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବରଦାନ ସଦୃଶ। ଜନ ଔଷଧି କେନ୍ଦ୍ରରେ ଜେନେରିକ ଔଷଧ ୫୦ରୁ ୯୦ ପ୍ରତିଶତ ଶସ୍ତା ଦରରେ ମିଳିଥାଏ। ମାତ୍ର କେତେକ ଅସାଧୁ ବ୍ୟବସାୟୀ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଅନ୍ୟ କମ୍ପାନୀ ପ୍ରସ୍ତୁତ ଔଷଧ ଅଧା ଦାମରେ (ଲେଖାଥିବା ମୂଲ୍ୟ) ବିକ୍ରି କରୁଥିବାର ଲକ୍ଷ୍ୟ କରାଯାଇଛି। ବିଶେଷ ଭାବରେ ଗ୍ରାମାଞ୍ଚଳରେ ନକଲି ଔଷଧ ବିକ୍ରି ଅଧିକ ହେଉଛି। କିଛି ଡାକ୍ତରଙ୍କୁ ହାତ କରି ନିମ୍ନ ମାନର ଔଷଧ ବିକି ଦୋକାନୀମାନେ ବ୍ୟବସାୟ ଚଳାଇଛନ୍ତି। ଭେଷଜ ନିରୀକ୍ଷକଙ୍କୁ କେବେ ଔଷଧ ଦୋକାନ ତଦାରଖ କରିବା ନଜରରେ ପଡେନି। ଫଳରେ ନିମ୍ନ ମାନର ଔଷଧ କାରବାର ଏବେ ସୀମା ଟପିଛି। ଏହି ଔଷଧ ସେବନ କରି ଲୋକେ ଆରୋଗ୍ୟ ହେବେ କଣ, କିଛିଦିନ ପରେ ସେମାନଙ୍କ ରୋଗ ଆୟତ ବାହାରକୁ ଚାଲିଯାଉଛି। କେତେକ କ୍ଷେତ୍ରରେ ଜୀବନ ବି ଯାଉଛି। ମଧୁମେହ, ଉଚ୍ଚ ରକ୍ତ ଚାପ, କିଡନୀ, ହୃଦ୍‌ରୋଗ ଭଳି ମାରାତ୍ମକ ରୋଗର ଦାମୀ ଔଷଧ ଏଠାରେ ଅତି ନିମ୍ନମାନର ମିଳୁଛି। ବିଞ୍ଝାରପୁର ବ୍ଲକରେ ଥିବା ଔଷଧ ଦୋକାନ ମଧ୍ୟରୁ ୨୦ରୁ ଅଧିକ ଔଷଧ ଦୋକାନରେ ଏଭଳି ଔଷଧ କାରବାର ହେଉଥିବା ଅଭିଯୋଗ ହେଉଛି। ଏହି ନକଲି ଔଷଧ ପଶ୍ଚିମବଙ୍ଗ, ବିହାର, ବାଙ୍ଗାଲୋର, ଦିଲ୍ଲୀରୁ ଆସୁଥିବା ଜଣାପଡ଼ିଛି। ବୈଧ ଲାଇସେନ୍ସ ଓ ଫାର୍ମାସିଷ୍ଟ ନଥାଇ ଔଷଧ ବିକ୍ରି ଆଉ ଚିକିତ୍ସା ମଧ୍ୟ କରାଯାଉଛି। ଫାର୍ମାସିଷ୍ଟ ପ୍ରମାଣପତ୍ର ଆଳରେ ଲକ୍ଷ ଲକ୍ଷ ଟଙ୍କାର ନକଲି ଔଷଧ ବିକ୍ରି ହେଉଛି। ନିୟମିତ ଭାବେ ଔଷଧ ଦୋକାନ ଗୁଡ଼ିକ ଯାଞ୍ଚ କରାଗଲେ ସୁଫଳ ମିଳନ୍ତା ବୋଲି ବୃଦ୍ଧିଜୀବୀମାନେ ମତ ରଖିଛନ୍ତି।

## ବର୍ଷାଦିନ ଆସିଲା; ଦୁର୍ଦ୍ଦଶା ବଢ଼ିଲା

# ରାସ୍ତା ନ ହେଲେ ଆନ୍ଦୋଳନ କରିବେ ବ୍ରାହ୍ମଣସାହିବାସୀ



ବନ୍ତ/ଆଗରପଡ଼ା,୨।୭ (ସମିସ)): ବର୍ଷା ଆସିଲା କ୍ଷଣି ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଥାଏ। ସେମାନେ ସାମାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ଗ୍ରାମ ଅର୍ନ୍ତଗତ ବ୍ରାହ୍ମଣସାହିକୁ ଭଲ ରାସ୍ତାଟିଏ ନାହିଁ। ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଛି। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟ ଦିନରେ ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦସଂକୁଳ; ତଥାପି ସମସ୍ତଙ୍କୁ ସବୁବେଳେ ଏହି ରାସ୍ତା ଦେଇ ଯିବାଆସିବା କରିବାକୁ ହୋଇଥାଏ। ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲକୁ, ଆଗରପଡ଼ା କଲେଜକୁ, କୋମଳମତି ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧ୍ୟୟନ ପାଇଁ ଆସିଥାନ୍ତି। ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ ମୁଖ୍ୟ ରାସ୍ତା ଉପରେ ହିଁ ରହିଥାଏ। ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ରାସ୍ତା ସମସ୍ୟା ଯୋଗୁଁ ଗ୍ରାମବାସୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁଁ ରାସ୍ତା ଅବସ୍ଥା ଏହିପରି ହୋଇଛିଯେ ଗ୍ରାମବାସୀମାନେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା ସେମାନେ ଅଭିଯୋଗ କରିବା ସହ ବର୍ତ୍ତମାନ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଉକ୍ତ ସାହିବାସୀ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଏହାର ଏକକିତା ନକଲ ବିଡିଓ, ବନ୍ତ,ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳ, ଭଦ୍ରକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବା ସହ ଏହାର ସ୍ଥାୟୀ ସମାଧାନ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମାଟି ଓ ମୋରମରେ ଉକ୍ତ ରାସ୍ତା ନିର୍ମିତ ହୋଇଥିଲା; କିନ୍ତୁ ଇତିମଧ୍ୟରେ ଏହାକୁ ୬ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା କୌଣସି ଅଗ୍ରଗତି ହୋଇନାହିଁ।

# କାଠ ଚାଲାଣ ରୋକିବାରେ ଜଙ୍ଗଲ ବିଭାଗ ବିଫଳ

ବାରିକପୁର,୨।୭ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ବନାଞ୍ଚଳ ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ ଚୋରା କାଠ ଚାଲାଣ ରୋକିବାରେ ବିଫଳ ହୋଇଛି। କେବଳ ଗତାନୁଗତିକ ଧାରାରେ ବର୍ଷର କେତୋଟି ଦିନ ମାତ୍ର ବିଭାଗ ବୃକ୍ଷରୋପଣ କରୁଥିବା ବେଳେ ପ୍ରକୃତ କାର୍ଯ୍ୟ କରିବା ପାଇଁ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସ୍ପୃହା ରହୁନାହିଁ। ଫଳରେ କାର୍ଯ୍ୟାଳୟ ଅଧିନ ବିଭିନ୍ନ ସ୍ଥାନରେ ବେଆଇନ କରତ କଳ ଗଢି ଉଠିଥିବା ବେଳେ ଚୋରା କାଠ ଚାଲାଣ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଧର୍ମକୁ ଆଖିଠାର ଭଳି କେତେବେଳେ କେମିତି ଖଣ୍ଡେ ଅଧେ ଚୋରା କାଠ ଗାଡି ଜବତ କରି ବିଭାଗ ବାଃ ବାଃ ନେଉଥିବା ବେଳେ ବେଆଇନ ଚାଲାଣକୁ ରୋକିବା ପାଇଁ ସତେ ଯେମିତି ଆନ୍ତରିକତାର ଅଭାବ ରହିଯାଉଥିବା ଲକ୍ଷ୍ୟ କରାଯାଉଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଚ୍ଛଦପଟ ସହଯୋଗ ବିନା ବେଆଇନ କରତ କଳ ହେଉ କିମ୍ବା ଦିବାଲୋକରେ କାଠ ପରିବହନ ହେଉ ଅସମ୍ଭବ ବୋଲି ବୃଦ୍ଧିଜୀବୀ କହିଛନ୍ତି। ସୂଚନା ମୁତାବକ, ଯାଜପୁର ସହର ସମେତ ଆଖପାଖ ଅଞ୍ଚଳର ବେଆଇନ କରତକଳ ଦୀର୍ଘ ବର୍ଷ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ସେଠାରେ ଥିବା ବେପାରୀ ମାନେ ଅତି ଚତୁରତାର ସହିତ ଟ୍ରାକ୍ଟର ଓ ପିକଅପ ଯୋଗେ ବଡ଼ବଡ଼ କାଠଖଣ୍ଡ କରତକଳଗୁଡ଼ିକୁ ପରିବହନ କରୁଛନ୍ତି। ବିଶେଷ କରି କାଠ ଗାଡିକୁ ବଲ୍ଲବୀଘାଟ ପାର କରାଇ ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଦାଣ୍ଡକୁଳ ରାସ୍ତା ଦେଇ ଧାମନଗର ଅଞ୍ଚଳକୁ ପଠାଯାଉଛି। ଏହାଛଡା କଟିକଟା, ଆନନ୍ଦପୁର, ହସନାବାଦ ଦେଇ କେତେକ କାଠ ଗାଡି ଦ୍ୱିପ୍ରା ଦିବାଲୋକରେ ଆସୁଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳରେ କେତେକ ବେଆଇନ କରତ କଳ ରହିଥିବାରୁ ସେଠାକୁ କାଠ ବିପୁଳ ପରିମାଣରେ ଆସୁଥିବା କୁହାଯାଇଛି। ତେଣୁ ଏହା ଉପରେ ଚାନ୍ଦବାଲି ଠାରେ ରହିଥିବା ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।






ସକାଳ
www.sakalaepaper.com

# ସଂସଦର ମୌସୁମୀ ଅଧିବେଶନ ୨୧ରୁ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ । ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ମଞ୍ଜୁରି ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ତେବେ ସଂସଦ ଅଧିବେଶନ ମଝିରେ ସ୍ୱାଧୀନତା ଦିବସ ପଡୁଥିବାରୁ ଅଗଷ୍ଟ ୧୩ ଏବଂ ୧୪ ତାରିଖ ଗୃହ କାର୍ଯ୍ୟବନ୍ଦ ରହିବ ।

# ପହଲଗାମ ଆକ୍ରମଣକୁ ନିନ୍ଦା କଲେ କ୍ୱାଡ୍ ରାଷ୍ଟ୍ର

ୱାସିଂଟନ, ୨।୭ (ଏଜେନ୍ସି): ଆମେରିକାର ୱାସିଂଟନରେ ଅନୁଷ୍ଠିତ କ୍ୱାଡ (ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ) ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି । ସମସ୍ତେ ଆତଙ୍କବାଦ ବିରୋଧରେ ଏକାଠି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍କଳ୍ପ ନେଇଛନ୍ତି । ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି । କ୍ୱାଡ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେ ସବୁ ପ୍ରକାର ଆତଙ୍କବାଦ ଏବଂ ହିଂସାକୁ ବିରୋଧ କରୁଛୁ । ଏହା ମଧ୍ୟରେ ସୀମାପାର ଆତଙ୍କବାଦ ମଧ୍ୟ ସାମିଲ ରହିଛି । ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ, ଜାପାନର ତାକେଶି ଇଭାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ ସାମିଲ ହୋଇଛନ୍ତି ।

# ପାକିସ୍ତାନୀ ୱେବସାଇଟ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପାକିସ୍ତାନ ନ୍ୟୁଜ ଚ୍ୟାନେଲ, ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି । ତେବେ ଏ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ । ଏବେ ପାକିସ୍ତାନୀ କଳାକାର ମାୱରା ହୋକାନେ, ସବା କମାର, ଅହଦ ରାଜା ମିର, ୟୁମନା ଜେଇଦି ଏବଂ ଦାନିଶ ତୈମୁର ଆଦିଙ୍କ ଆକାଉଣ୍ଟ ଭାରତରେ ଦେଖି ହେଉଛି । ତେବେ ଫୱାଦ ଖାନ, ହାନିଆ ଅମିର, ଅତିଫ ଅସଲାମଙ୍କ ଆକାଉଣ୍ଟ ଦେଖି ହେଉନାହିଁ ।

# ଦିନିକିଆ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ, ୨।୭ (ଏଜେନ୍ସି): ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଇଲାଣ୍ଡରେ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି । ସୂର୍ଯ୍ୟା ଜୁଙ୍ଗରଙ୍ଗରେଙ୍ଗକିଟ (୭୦) ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସେ ସାମ୍ବିଧାନିକ କୋର୍ଟଙ୍କ ନିର୍ଦ୍ଦେଶରେ ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନ ନେଇଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସେ ମାତ୍ର ଦିନକ ପାଇଁ ଏହି ଦାୟିତ୍ୱ ସମ୍ଭାଳିବେ । ସୂର୍ଯ୍ୟାଙ୍କୁ ଥାଇ ରାଜନୀତିର 'ପାଣିପାଗ ବିଜ୍ଞାନୀ' କୁହାଯାଏ । କାରଣ ସେ ସର୍ବଦା କ୍ଷମତାସୀନ ଦଳ ସହ ରହିଥାନ୍ତି ।

# କାଜାକିସ୍ତାନରେ ହିଜାବ ନିଷିଦ୍ଧ

ଅସ୍ତାନା, ୨।୭ (ଏଜେନ୍ସି): କାଜାକିସ୍ତାନ ସରକାର ହିଜାବ ନିଷିଦ୍ଧ କରିଦେଇଛନ୍ତି । ସାର୍ବଜନୀନ ସ୍ଥାନରେ ମୁହଁକୁ ସମ୍ପୂର୍ଣ୍ଣ ଘୋଡାଇ ରଖୁଥିବା ପୋଷାକ ପିନ୍ଧିବା ଉପରେ କଟକଣା ଲଗାଇ ଦିଆଯାଇଛି । ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭ ସୋମବାର ଏହି ଆଇନକୁ ଅନୁମୋଦନ ଦେଇଛନ୍ତି । କାହାର ପରିଚୟ ଲୁଚାଇବା ଭଳି ପୋଷାକ ସାର୍ବଜନୀନ ସ୍ଥାନରେ ପିନ୍ଧି ପାରିବେ ନାହିଁ ବୋଲି ଏଥିରେ ନିୟମ ରହିଛି ।

# ଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷୟିତ୍ରୀ ଗିରଫ

ମୁମ୍ବାଇ, ୨।୭ (ଏଜେନ୍ସି): ଛାତ୍ର (୧୬)ଙ୍କୁ କ୍ରମାଗତ ଭାବେ ଯୌନ ଉତ୍ପୀଡ଼ନ ଦେବା ମାମଲାରେ ମୁମ୍ବାଇ ସ୍କୁଲ୍‌ର ଇଂରାଜୀ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି । ୨୦୨୩ ଡିସେମ୍ବରରେ ସ୍କୁଲ୍‌ର ବାର୍ଷିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଛାତ୍ରଙ୍କୁ ଦେଖି ମହିଳା ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ବିବାହ ଏବଂ ପିଲା ଥିବା ସତ୍ତ୍ୱେ ଏହି ମହିଳା ତାଙ୍କୁ ପ୍ରଲୋଭନ ଦେଖାଇ ମୁମ୍ବାଇର ଏକ ପଞ୍ଚତାରକା ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ । ଏତଲା ଅନୁଯାୟୀ ଅନେକ ସମୟରେ ଛାତ୍ରଙ୍କୁ ମଦ ପିଆଇ ଶିକ୍ଷୟିତ୍ରୀ ଯୌନ ଉତ୍ପୀଡ଼ନ ଦେଉଥିଲେ । ନାବାଳକଙ୍କୁ ଏ ସବୁ ଠିକ୍ ଲାଗୁ ନ ଥିଲା । ତେଣୁ ମହିଳା ତାଙ୍କୁ ଚିନ୍ତା ଦୂର କରୁଥିବା ଔଷଧ ଖାଇବାକୁ ଦେଉଥିଲେ । ଶେଷରେ ଛାତ୍ର ଏ ବିଷୟରେ ନିଜ ପରିବାର ଲୋକଙ୍କୁ ଜଣାଇ ଥିଲେ । ସେମାନେ ଥାନାରେ ଏତଲା ଦେଇଥିଲେ ।

# ଇସିଙ୍କୁ ଭେଟିଲେ ବିରୋଧୀ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ୧୧ ନେତା ବୁଧବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିଛନ୍ତି । ବିହାର ଭୋଟର ତାଲିକା ଉପରେ ସ୍ୱେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ଚର୍ଚ୍ଚା କରିଛନ୍ତି । ରାଜ୍ୟ ନିର୍ବାଚନ ପୂର୍ବରୁ ନିଆଯାଉଥିବା ଏହି ପଦକ୍ଷେପ ଦ୍ୱାରା ୨ କୋଟି ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି କହିଛନ୍ତି । ଏଥର ଇସି ରାଜନୈତିକ ଦଳର ମୁଖିଆଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି ।



# କୋଭିଡ୍ ପରେ ବଢୁଛି ହୃଦ୍‌ଘାତ ମୃତ୍ୟୁ

## କର୍ଣ୍ଣାଟକରେ ୪୦ ଦିନରେ ହୃଦ୍‌ଘାତ ନେଲାଣି ୨୨ ଜୀବନ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ହୃଦ୍‌ଘାତ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ୨୦ ବର୍ଷର ଯୁବକଙ୍କଠାରୁ ନେଇ ୭୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି । ନିକଟରେ ଅଭିନେତ୍ରୀ ଶେଫାଳି ଜରିୱାଲା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇ ଥିଲେ । ସେହିପରି କର୍ଣ୍ଣାଟକ ହସନ ଜିଲ୍ଲାରେ ଗତ ୪୦ ଦିନରେ ୨୨ ଜଣ ହୃଦ୍‌ଘାତରେ ପ୍ରାଣ ହରାଇଲେଣି । ଏହାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ କରୋନା ଟିକା ପାଇଁ ଏପରି ହେଉଛି ବୋଲି ଦାବି କରାଯାଉଥିଲା । କିନ୍ତୁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ ଜାରି ଏକ ଗବେଷଣା ରିପୋର୍ଟରେ ଏହି ଦାବିକୁ ଖାରଜ କରି ଦିଆଯାଇଛି । କରୋନା ଟୀକା ଓ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି କୁହାଯାଇଛି । ଜୀବନଶୈଳୀରେ ପରିବର୍ତ୍ତନ, କରୋନା ପରବର୍ତ୍ତୀ ସମସ୍ୟା ଏବଂ ପୂର୍ବ ସ୍ଥିତି ଯୋଗୁଁ ଯୁବ ବର୍ଗଙ୍କ ମଧ୍ୟରେ ଏହି ମାମଲା ବଢ଼ି ଚାଲିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବୁଧବାର ମଧ୍ୟ ସମାନ କଥା କୁହାଯାଇଛି । କରୋନା ଟିକା ଏବଂ ହୃଦ୍‌ଘାତ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ଜାରି ବିବୃତିରେ କୁହାଯାଇଛି । ଏହାର ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁ ବୃଦ୍ଧି ପଛରେ କରୋନା ଟିକା ଥାଇପାରେ ବୋଲି କହିଥିଲେ ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର କରୋନା ଟିକା ସୁରକ୍ଷିତ ଏବଂ ପ୍ରଭାବୀ । ଏଥିଯୋଗୁଁ ବହୁତ ନଗଣ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ । ଭାରତରେ ଦୁଇଟି କରୋନା ଟିକା କୋଭାକ୍ସିନ ଏବଂ କୋଭିସିଲ୍ଡ ପ୍ରସ୍ତୁତ କରା ଯାଇଥିଲା । ବ୍ରିଟିଶ କମ୍ପାନୀ ଅଷ୍ଟ୍ରାଜେନେକାର ଫର୍ମୁଲାରେ କୋଭିସିଲ୍ଡ ଏବଂ ଆଇସିଏମଆର ସହଯୋଗରେ ଭାରତ ବାୟୋଟେକ କୋଭାକ୍ସିନ ତିଆରି କରିଥିଲା । କିନ୍ତୁ କୋଭିସିଲ୍ଡ ନେଲେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଷ୍ଟ୍ରାଜେନେକା କୋର୍ଟରେ ସ୍ୱୀକାର କରିଥିଲା । ଏହାର ମୃତ୍ୟୁ କାରଣ ପାଲଟି ପାରେ ଏବଂ ଲୋକଙ୍କୁ ଗୁରୁତର କରିଦେଇପାରେ ବୋଲି ଦାବି ହେବା ପରେ ଏହି ମାମଲା କୋର୍ଟକୁ ଯାଇଥିଲା । ପରିବାରଗୁଡ଼ିକ ଉପରେ ଏହା ଭୟଙ୍କର ପ୍ରଭାବ ପକାଇଥିଲା । ଏଥିଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା ।

**କରୋନା ଟିକା ଓ ହୃଦ୍‌ଘାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ: ଆଇସିଏମଆର ଅଧ୍ୟୟନ**

**କୋଭିସିଲ୍ଡରେ ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବା ମାନିଥିଲା କମ୍ପାନୀ**

ହୃଦ୍‌ଘାତ ମୃତ୍ୟୁର କାରଣ ଜାଣିବା ଲାଗି ୨ଟି ଅଧ୍ୟୟନ ଚାଲିଛି । ଗୋଟିଏ ପୂର୍ବ ତଥ୍ୟ ଆଧାରିତ ଏବଂ ଅନ୍ୟଟି 'ରିୟଲ ଟାଇମ ଇନଭେଷ୍ଟିଗେସନ' ସମ୍ବନ୍ଧିତ । ଆଇସିଏମଆରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏପିଡିମୋଲୋଜି (ଏନଆଇଇ) ୨୦୨୩ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ୧୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଅଧ୍ୟୟନ କରିଥିଲା । ଏଥିରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଅଚାନକ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । କରୋନା ଟିକା ଦ୍ୱାରା ଅଚାନକ ମୃତ୍ୟୁର ବିପଦ ବଢେ ନାହିଁ ବୋଲି ଏଥିରୁ ଜଣାପଡ଼ିଥିଲା । ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଅଚାନକ ମୃତ୍ୟୁର କାରଣ ସନ୍ଧାନ ଲାଗି ଏମ୍ସ ଏବଂ ଆଇସିଏମଆର ପକ୍ଷରୁ ଆଉ ଏକ ଅଧ୍ୟୟନ କରାଯାଉଛି । ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ହୃଦ୍‌ଘାତ କିମ୍ବା ମାୟୋକାର୍ଡିୟଲ ଇନ୍‌ଫ୍ରାକ୍ସନ (ଏମଆଇ) ଏହି ବୟସରେ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି । ଗତ କିଛି ବର୍ଷ ହେଲା ଅଚାନକ ମୃତ୍ୟୁର କାରଣ ପାଲଟୁଥିବା ଧାରାରେ କୌଣସି ବଡ଼ ପରିବର୍ତ୍ତନ ଆସିନାହିଁ । ଜେନେଟିକ ମ୍ୟୁଟେସନ ପାଇଁ ଅଧିକାଂଶ ମୃତ୍ୟୁ ହୋଇଛି । ଏବେ ଏହି ଅଧ୍ୟୟନ ଜାରି ରହିଛି ।

# ବିହାର ନିର୍ବାଚନ ପର୍ଯ୍ୟନ୍ତ ଅଟକିଲା ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି



ବେଙ୍ଗାଲୁରୁ, ୨।୭ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି । ମୁଖ୍ୟମନ୍ତ୍ରୀ ପଦ ଲାଗି ଦୁଇ ନେତାଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଦଳର ସାଧାରଣ ସଂପାଦକ ରଣଦୀପ ସୁର୍ଯେୱାଲାଙ୍କୁ ପଠାଇଥିଲେ । ସେ ଦଳୀୟ ବିଧାୟକମାନଙ୍କୁ ଭେଟି ସେମାନଙ୍କର ମତାମତ ନେଇଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ସିଦ୍ଧ ରମୈୟା ଜିଦ୍ ଧରିଥିବାରୁ ସମାଧାନର ବାଟ ବାହାରି ପାରୁନାହିଁ । ହାଇକମାଣ୍ଡ ଏହାଉପରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲେ ମଧ୍ୟ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ନେତୃତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି ।

ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରୁଥିବା ବେଳେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ । ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ସେ ପୁଣିଥରେ ଖଣ୍ଡନ କରିଦେଇଛନ୍ତି । ସେ ପାଞ୍ଚ ବର୍ଷ ପାଇଁ ଏହି ପଦବୀରେ ରହିବେ ବୋଲି ଦମ୍ଭୋକ୍ତି ବାଢିଛନ୍ତି । ସେ କହିଛନ୍ତି 'ହଁ, ମୁଁ ମୁଖ୍ୟମନ୍ତ୍ରୀ ରହିବି । ଏଥିରେ କୌଣସି ସନ୍ଦେହ ଅଛି କି? ନେତୃତ୍ୱ ପରିବର୍ତ୍ତନ ନେଇ ବିଜେପି ଏବଂ ଜେଡିଏସ ନେତାଙ୍କ ଦାବି ଉପରେ ସେ କହିଛନ୍ତି ଯେ ଏହି ଚର୍ଚ୍ଚା ଯେଉଁମାନେ କରୁଛନ୍ତି ସେମାନେ କ'ଣ କଂଗ୍ରେସ ହାଇକମାଣ୍ଡ କି? ବିରୋଧୀ ଦଳ ନେତା ଆର ଅଶୋକ ବିଜେପି ଲୋକ । ବିୱାଇ ବିଜୟେନ୍ଦ୍ର ବିଜେପି ଅଧ୍ୟକ୍ଷ । ବିଧାନ ପରିଷଦର ବିରୋଧୀ ଦଳ ନେତା ଚଲୱଡି ନାରାୟଣ ସ୍ୱାମୀ ମଧ୍ୟ ବିଜେପି ନେତା । ସେମାନେ ଏହି କଥା କହିଲେ ଆପଣମାନେ ଲେଖିବେ କି ବୋଲି ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଶିବକୁମାରଙ୍କ ସହ ମତଭେଦ ଖବରକୁ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ । ଶିବକୁମାରଙ୍କ ସହ ସଂପର୍କ ଭଲ ଅଛି ଓ ଦଳରେ ଏକତା ରହିଛି । ସରକାର ୫ ବର୍ଷ ପର୍ଯ୍ୟନ୍ତ ମଜବୁତ ରହିବ ବୋଲି କହିଥିଲେ ।

**■ ମୁଁ ମୁଖ୍ୟମନ୍ତ୍ରୀ ରହିବି; କିଛି ସନ୍ଦେହ ଅଛି କି: ସିଦ୍ଧରମୈୟା**

**■ ମୋ ପାଖରେ କ'ଣ ବିକଳ୍ପ ଅଛି: ଶିବକୁମାର**

ଅନ୍ୟପକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଶିବକୁମାର କହିଛନ୍ତି ଯେ ମୋ ପାଖରେ ଆଉ କ'ଣ ବିକଳ୍ପ ଅଛି? ମୁଁ ସିଦ୍ଧରମୈୟାଙ୍କ ସହ ରହିଛି ଏବଂ ତାଙ୍କୁ ସମର୍ଥନ ଦେବି । ହାଇକମାଣ୍ଡ ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ । ହାଇକମାଣ୍ଡ ଯାହା ଚାହିଁବେ, ତାହା କରିବି । ସେ କହିଲେ ଯେ ରାଜ୍ୟରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ, ସେହି ଉଦ୍ଦେଶ୍ୟରେ ବିଧାୟକମାନଙ୍କ ସହ ଆଲୋଚନା ପାଇଁ ଆସିଥିଲେ ସୁର୍ଯେୱାଲା । ମୁଖ୍ୟମନ୍ତ୍ରୀ ବଦଳାଇବା କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କୌଣସି ବିଚାର ଆଲୋଚନା ହୋଇନାହିଁ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି ।



## ଶେଖ୍ ହସିନାଙ୍କୁ ୬ ମାସ୍ ଜେଲ୍ ଦଣ୍ଡ

ଢାକା, ୨।୭ (ଏଜେନ୍ସି): ଅଦାଲତ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଛଅ ମାସ ଜେଲ ଦଣ୍ଡାଦେଶ ହୋଇଛି । ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇଟିସି) ବୁଧବାର ଏହି ଦଣ୍ଡାଦେଶ ଶୁଣାଇଛି । ହସିନା ଏବଂ ସ୍ଥାନୀୟ ନେତା ଶକିଲ ବୁଲବୁଲଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପର ତଦନ୍ତ କରିବା ପରେ ଆଇଟିସି ଏହି ରାୟ ଦେଇଛି । ଗତ ବର୍ଷ ଏହି ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ଶେଖ୍ ହାସିନା କହିଥିଲେ ଯେ ତାଙ୍କ ବିରୁଦ୍ଧରେ ୨୨୭ ମାମଲା ପଞ୍ଜିକୃତ ହୋଇଛି । ତେଣୁ ତାଙ୍କୁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ମିଳିଛି ।

# ତିବ୍ବତୀୟ ବାଛିବେ ନୂଆ ଦଲାଇଲାମା

ଧର୍ମଶାଳା, ୨।୭ (ଏଜେନ୍ସି): ପରବର୍ତ୍ତୀ ଦଲାଇଲାମା କିଏ ହେବ ତାହାକୁ ନେଇ ସାରା ବିଶ୍ୱର ନଜର ରହିଛି । ଏପରି ସମୟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବଡ଼ ଘୋଷଣା କରିଛନ୍ତି । ତେବେ ତାଙ୍କର ଏହି ଘୋଷଣା ଚୀନ୍‌କୁ ପସନ୍ଦ ଆସିନି । ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅତ୍ୟାଚାର ଦେଉଥିବା ଏହି ବିସ୍ତାରବାଦୀ ଦେଶ ଧର୍ମଗୁରୁ ଚୟନରେ କେଁ ପୂରାଇଛି । ହିମାଚଳର ଧର୍ମାଶାଳାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୫ତମ ତିବ୍ବତୀୟ ଧାର୍ମିକ ସମ୍ମିଳନୀରେ ଦଲାଇଲାମା ନିଜର ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି । ଆଉ ଚୀନ୍‌କୁ ବଡ଼ ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ତାଙ୍କ ଅନ୍ତେ ତିବ୍ବତୀୟ ତଥା ବୌଦ୍ଧ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ଉତ୍ତରାଧିକାରୀ ଚୟନ ହେବ । ନୂଆ ଦଲାଇଲାମା ଚୟନର ଦାୟିତ୍ୱ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି । ତିବ୍ବତୀୟ ଲୋକମାନେ ହିଁ ନୂଆ



ଦଲାଇଲାମା ଚୟନ କରିବେ । ଏଥିରେ ଚୀନ୍‌ର କୌଣସି ଭୂମିକା ରହିବ ନାହିଁ । ଯଦି ଚୀନ୍ ଦଖଲ ଦେବାକୁ ପ୍ରୟାସ କରିବ ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ । ତେବେ ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚୀନ୍ ଗ୍ରହଣ କରିପାରି ନାହିଁ । ଏହି ଘୋଷଣାକୁ ନେଇ ଚୀନ୍ କ୍ଷୁବ୍ଧ ହୋଇଯାଇଛି ।

ବୌଦ୍ଧ ଧର୍ମ ଏବଂ ତିବ୍ବତରେ ଦଖଲ ଦେଉଥିବା ଏହି ରାଷ୍ଟ୍ର ପକ୍ଷରୁ କୁହାଯାଇଛି ଯେ ଉତ୍ତରାଧିକାରୀ ଚୟନ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେବାକୁ ପଡ଼ିବ । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା 'ଗୋଲ୍ଡେନ ଆର୍ଣ୍ଣ ଲଟେରି' ଅନୁସାରେ କରାଯିବ । ସୂଚନାଯୋଗ୍ୟ ଯେ ଧର୍ମଶାଳା ସ୍ଥିତ ଦଲାଇଲାମା ଲାଇବ୍ରେରି ଆଣ୍ଡ ଆର୍କାଇଭରେ ଆରମ୍ଭ ହୋଇଥିବା ତିନି ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ବିଭିନ୍ନ ପରମ୍ପରାର ଲାମାମାନେ, ତିବ୍ବତୀୟ ସଂସଦ, ସଂଗଠନ ଏବଂ ସାରା ବିଶ୍ୱରେ ଥିବା ତିବ୍ବତୀୟ ସମୁଦାୟର ପ୍ରତିନିଧି ଭାଗ ନେଉଛନ୍ତି । ବର୍ତ୍ତମାନର ଦଲାଇଲାମା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଏବଂ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ । ଏହାକୁ ଗ୍ରହଣ କରାଯାଇଛି ।

# କ୍ଷମତା ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ହେବ ନବୀକରଣ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ସରକାର ବଦଳିବା ପରେ ଆଭିମୁଖ୍ୟ ବଦଳି ଯାଇଥାଏ । ନିର୍ବାଚନୀ ପ୍ରଚାର ସମୟରେ ଯେଉଁ ପ୍ରସଙ୍ଗକୁ ନେଇ ବିରୋଧୀ ଦଳକୁ ବିରୋଧ କରାଯାଇଥାଏ କ୍ଷମତାକୁ ଆସିବା ପରେ ତାହାକୁ ଦଳ ଆପଣାଇ ନେଇଥାଏ । ବିରୋଧ ସମର୍ଥନ ପାଲଟି ଯାଏ । ଦିଲ୍ଲୀ ସରକାରରେ ଏପରି ଦେଖିବାକୁ ମିଳିଛି । କ୍ଷମତାରୁ ଦୂରରେ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ନବୀକରଣକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିଥିଲା । ଏହାକୁ 'ଶିଶ୍ ମହଲ' କହିଥିଲା । ଆମ ଆଦ୍‌ମୀ ଯାହା କହିଥିଲେ ତା'ର ବୀପରିତ କରିଛନ୍ତି ବୋଲି କୁହାଯାଇଥିଲା । ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କୁ ରାଜନିବାସ ମାର୍ଗରେ ଥିବା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ମିଳିଛି । ଏବେ ଏହାକୁ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଖୁବଶୀଘ୍ର ଏହାର ମରାମତି ଏବଂ ସାଜସଜ୍ଜା କାମ ଆରମ୍ଭ ହେବାକୁ ଯାଉଛି । ପୂର୍ବରୁ ଏହି ବଙ୍ଗଳାକୁ ଉପ-ରାଜ୍ୟପାଳ ସଚ୍ଚିବାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା ।

**■ ଲାଗିବ ୨୪ ଏସି, ୫ଟି ସ୍ମାର୍ଟ ଟିଭି**

**■ କେଜ୍ରିୱାଲଙ୍କ ବଙ୍ଗଳାକୁ କହିଥିଲେ 'ଶିଶ୍ ମହଲ'**

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ୨୪ଟି ଏୟାର କଣ୍ଡିସନର (ଏସି), ୫ଟି ସ୍ମାର୍ଟ ଟିଭି ( ଚାରୋଟି ୫୫ ଇଞ୍ଚ ଏବଂ ଗୋଟିଏ ୬୫ ଇଞ୍ଚ), ୩ଟି ବଡ଼ ଝୁମର, ୮୦ରୁ ଅଧିକ ପଙ୍ଖା ଲଗାଯିବ । ରୋଷେଇ ଘରେ ଗ୍ୟାସ୍ ହବ୍, ଇଲେକ୍ଟ୍ରିକ୍ ଚିମନୀ, ମାଇକ୍ରୋୱେଭ, ଟୋଷ୍ଟ ଗ୍ରୀଲ, ୱାସିଂ ମେସିନ, ଡିସ୍‌ୱାସର, ଘଣ୍ଟାକୁ ୫୦ ଲିଟର ପାଣି ବାହାରୁଥିବା ଆରଓ ୱାଟର ପ୍ଲାଣ୍ଟର ସୁବିଧା ରହିବ । ପ୍ରଥମ ପର୍ଯ୍ୟାୟରେ ଏହି ନବୀକରଣ ଲାଗି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । କେବଳ ଏସି ପାଇଁ ୧୧ ଲକ୍ଷରୁ ଅଧିକ ଟଙ୍କା ଏବଂ ଲାଇଟ୍ ଝୁମର ଲାଗି ୬ ଲକ୍ଷ ଟଙ୍କା ବଜେଟ ରହିଛି । ଏହି କୋଠାରେ ୪ଟି ଶୟନ କକ୍ଷ, ଡ୍ରଇଂ ରୁମ୍, ଭିଜିଟର୍ସ ହଲ୍, ଚାକରଙ୍କ ପ୍ରକୋଷ୍ଠ, ରୋଷେଇ ଘର ଆଦି ରହିଛି । ପୂର୍ବରୁ କେଜ୍ରିୱାଲଙ୍କ ଫ୍ଲାଗଷ୍ଟାଫ ରୋଡ(୬) ସ୍ଥିତ ବାସଭବନକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁର୍ନୀତିର ପ୍ରତୀକ କହିଥିଲେ ।

# ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ଲାଗି ଇସ୍ରାଏଲ ରାଜି

ୱାସିଂଟନ, ୨।୭ (ଏଜେନ୍ସି): ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଭେଟି ଯୁଦ୍ଧ ଶେଷ କରିବାକୁ ପ୍ରୟାସ କରାଯିବ । ଟ୍ରମ୍ପ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି । ଏହି ଚୁକ୍ତିକୁ ହମାସ ସ୍ୱୀକାର ନ କଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି କହିଛନ୍ତି । କାତାର ଏବଂ ଇଜିପ୍ଟ ଏହି ଚୁକ୍ତିର ଚୂଡ଼ାନ୍ତ ପ୍ରସ୍ତାବ ହମାସ ପାଖକୁ ପଠାଇବେ । ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ କରିଚାଲିଛନ୍ତି । ଟ୍ରମ୍ପ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ ଗାଜା ବିଷୟରେ ଆଜି ଇସ୍ରାଏଲୀ ଅଧିକାରୀଙ୍କ ସହିତ ମୋର ଭଲ ଆଲୋଚନା ହୋଇଛି । ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଏବେ ଆମେ ସମସ୍ତ ପକ୍ଷଙ୍କ ସହିତ କଥା ହୋଇ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରିବୁ । ଆଶା କରାଯାଉଛି ଯେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିବ । କାରଣ ଏହାଠାରୁ ଭଲ ସୁଯୋଗ ଆଉ କିଛି ହେବ ନାହିଁ ।

# ଚର୍ଚ୍ଚାରେ ଆଇଏଏସ୍ ନେହା: ୩ ଥର ଫେଲ୍ ହେବା ପରେ ଛାଡ଼ିଥିଲେ ମୋବାଇଲ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପ୍ରଥମ ଦୁଇଟି ପ୍ରୟାସରେ ୟୁପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରେ ପାସ୍ କରିପାରି ନ ଥିଲେ । ତୃତୀୟ ପ୍ରୟାସରେ ପ୍ରିଲିମିନାରୀ ପାସ୍ କରିଥିଲେ, କିନ୍ତୁ ମେନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ । ତିନି ଥର ବିଫଳ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ । ଅଧିକ କଠିନ ପରିଶ୍ରମ କରିଥିଲେ । ଏଥିପାଇଁ ମୋବାଇଲ ସହ ସମ୍ପର୍କ ତୁଟାଇ ଦେଇଥିଲେ । ମୋବାଇଲ ଦ୍ୱାରା ଅଧିକ ସମୟ ଯାଉଥିବା ଭାବି ଏହାକୁ ଭାଙ୍ଗି ଦେଇଥିଲେ । ମାସେ କି ବର୍ଷେ ନୁହେଁ, ତିନି ବର୍ଷ ପର୍ଯ୍ୟନ୍ତ ମୋବାଇଲ ଛାଡ଼ି ଦେଇଥିଲେ । ଦିନକୁ ୧୭-୧୮ ଘଣ୍ଟା ପଢୁଥିଲେ । କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶେଷରେ ସଫଳ ହୋଇ ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲେ । ୪ର୍ଥ ପ୍ରୟାସରେ ୨୪ ବର୍ଷ ବୟସରେ ୟୁପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ୯୬୦ ମାର୍କ ରଖି ସର୍ବ ଭାରତୀୟସ୍ତରରେ ୫୬୯ ର୍ୟାଙ୍କ ହାସଲ କରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ହୋଇଥିଲେ । ଆଇଏଏସ ଅଧିକାରୀ ନେହା ବୟଦୱାଲ ଏହି ସଫଳତା ପାଇଛନ୍ତି । ୨୫ ବର୍ଷୀୟ ଏହି ଆଇଏଏସ ଏବେ ଗୁଜରାଟରେ ଅବସ୍ଥାପିତ ଅଛନ୍ତି ।

ସୂଚନା ଅନୁଯାୟୀ ନେହା ରାଜସ୍ଥାନରେ ଜନ୍ମ ହୋଇଥିଲେ । ତେବେ ସେ ଛତିଶଗଡ଼ର ରାୟପୁରରେ ବଡ଼ ହୋଇଥିଲେ । ସେ ୫ମ ଶ୍ରେଣୀରେ ପ୍ରଥମଥର ପାଇଁ ବିଫଳ ତଥା ଫେଲ୍ ହୋଇଥିଲେ । କିନ୍ତୁ ଏହା ତାଙ୍କୁ କଠିନ ପରିଶ୍ରମ କରିବାକୁ ଖୋରାକ ଯୋଗାଇ ଥିଲା । ସେ ଭାଙ୍ଗି ନ ଯାଇ କଠୋର ପରିଶ୍ରମ କରି ସଫଳତାର ସହ ଆଗକୁ ବଢ଼ି ଚାଲିଥିଲେ । ଏକ ସାକ୍ଷାତକାରରେ ନେହା କହିଥିଲେ ଯେ ରାୟପୁରରେ ରହୁଥିବାବେଳେ ବାପାଙ୍କ ଚାକିରି ପାଇଁ ସେ ଭୋପାଳ ଚାଲି ଆସିଥିଲେ । ସେଠାରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାଙ୍କ ନାମ ଲେଖା ଯାଇଥିଲା । ପୂର୍ବରୁ ହିନ୍ଦୀ ଶିଖିଥିବା ନେହାଙ୍କ ପାଇଁ ଇଂରାଜୀ ଶିଖିବା କଠିନ ହୋଇଥିଲା । କିନ୍ତୁ ସେ ହାର୍ ମାନି ନ ଥିଲେ । କିଛି ଦିନ ମଧ୍ୟରେ ଇଂରାଜୀ



ଶିଖି ଯାଇଥିଲେ ।

ବରିଷ୍ଠ ଆୟକର ବିଭାଗ ଅଧିକାରୀଙ୍କ ଝିଅ ନେହା ବାପାଙ୍କ ପନ୍ଥାକୁ ଅନୁସରଣ କରି ୟୁପିଏସ୍‌ସି ପରୀକ୍ଷା ଦେବାକୁ ଚାହିଁଥିଲେ । କିନ୍ତୁ ବାରମ୍ବାର ବିଫଳ ହେବା ଯୋଗୁଁ ସେ ମୋବାଇଲକୁ ନିଜ ଠାରୁ ଦୂରେଇ ଦେଇଥିଲେ । ସେ ୩ ବର୍ଷ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରି ନଥିଲେ । ସେ କଠିନ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି । ନେହା କହିଛନ୍ତି ଯେ କୌଣସି ସ୍ଥାନକୁ ବୁଲିବାକୁ ନ ଯିବା କିମ୍ବା କିଛି ଜିନିଷ ନ କିଣିବା ବଳିଦାନ ନୁହେଁ । ଦିନ ତମାମ କାମ କରି ଘରକୁ ଫେରିବା ପରେ ନିଜ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବା ହିଁ ହେଉଛି ବଳିଦାନ । ବାପା କାମରୁ ଫେରିବାର ୩୦ ମିନିଟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ନେଉଥିଲେ । ଗଣିତ ଠାରୁ ଇତିହାସ ପର୍ଯ୍ୟନ୍ତ ମୋତେ ପଢ଼ାଉ ଥିଲେ । ଏହି ଯାତ୍ରା ଆମକୁ କଠିନ ପରିଶ୍ରମ, ନିଷ୍ଠା, ଉତ୍ସାହ, ହାର ନ ମାନିବାର ଦୃଢ଼ତାକୁ ଏବଂ ସମୟ ପରିଚାଳନାକୁ ଦର୍ଶାଉଛି ।



# 'ଡେଲିଭରି ବୟ-୨'ରେ ଅର୍ଚ୍ଚିତା

ଓଡ଼ିଆ ସିନେମା 'ଡେଲିଭରି ବୟ'ର ଅପୂର୍ବ ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି 'ଡେଲିଭରି ବୟ-୨'। ଓଲିଉଡ୍‌ର ସୁପର କ୍ୱିନ୍ ଅର୍ଚ୍ଚିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅର୍ଚ୍ଚିତାଙ୍କର ଏହି ଭୂମିକା ଜଣେ ଡେଲିଭରି ଗର୍ଲ ଭାବେ ରହିଛି। ଯିଏକି ନିଜ ପରିବାରକୁ ସମର୍ଥନ କରିବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବାରେ ସଂଘର୍ଷ କରୁଛନ୍ତି। ତାଙ୍କର ଅଭିନୟ ମହିଳାଙ୍କ ସାହସ ଓ ଦୃଢ଼ ମନୋବଳକୁ ପ୍ରତିଫଳିତ କରିବ। ତେବେ ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନ ଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଗତିଶୀଳ। ଯାହାକି ଦର୍ଶକଙ୍କୁ ଭାବ ବିହ୍ୱଳ କରିବ ବୋଲି ଆଶା କରାଯାଉଛି। ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ। ଅର୍ଚ୍ଚିତାଙ୍କ ବ୍ୟତୀତ ଏହି ସିନେମାରେ ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର, ସନ୍ତୁ ପ୍ରମୁଖ କଳାକାର ନଜର ଆସିବେ। ସେହିପରି ଏଥିରେ ଅତିଥି କଳାକାର ଭାବେ ଭୂମିକାଙ୍କୁ ଦେଖିବାକୁ ମିଳିବ। ■



# ଆଓ ନେକ୍ସଟ୍‌ରେ 'ଅତିଥି- ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'

ଓଡ଼ିଆ ସିନେମା 'ଅତିଥି–ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'କୁ ବଡ଼ ପରଦାରେ ଅପୂର୍ବ ସଫଳତା ମିଳିଥିଲା। ଜୁନ୍ ୨୭ ତାରିଖରୁ ଦର୍ଶକେ ଏହାକୁ ଆଓ ନେକ୍ସଟ ଓଟିଟି ପ୍ଲାଟଫର୍ମରେ ଦେଖିବାର ସୁଯୋଗ ପାଇଛନ୍ତି। ଏହା ସମ୍ପୂର୍ଣ୍ଣ ନୂଆ ଶୈଳୀର ମୌଳିକ ଓଡ଼ିଆ ସିନେମା। ସିନେମାକୁ ବଡ଼ ପରଦାରେ ଦର୍ଶକ ଯେତିକି ଭଲ ପାଇବା ଦେଇଥିଲେ ତା'ଠୁ ଅଧିକ ଆଓ ନେକ୍ସଟ୍‌ରେ ଦେବା ଆଶା କରାଯାଉଛି। ସିନେମାର ବିଭିନ୍ନ ଭୂମିକାରେ ଅନୁ ଚୌଧୁରୀ, ଦିବ୍ୟାଦିଶା ମହାନ୍ତି, ମନୋଜ ମିଶ୍ର, ସାୟଲ ମୁଖାର୍ଜୀ, ଶ୍ରୁତି ଶୁଭଶ୍ରୀ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାସ ମହାପାତ୍ର, ଜୀବନ ପଣ୍ଡା, ସୁକାନ୍ତ ରଥ, ପ୍ରସନଜିତ୍ ମହାପାତ୍ର, ବିଶ୍ଳେଷ ପଣ୍ଡା, ପ୍ରସିଦ୍ଧି ଓ ସର୍ବେଶ୍ୱର ସୂତାର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାକେଶ ଦାଶ, ସୁମିତ ପଣ୍ଡା ଓ ସ୍ମିତ ପଟ୍ଟନାୟକ ଗୀତ ରଚନା କରିଛନ୍ତି, କୁଳଦୀପ ପଟ୍ଟନାୟକ, ସଞ୍ଚିତା ଶୁଭଦର୍ଶିନୀ, ହ୍ୟୁମାନ୍ ସାଗର, ଅର୍ପିତା ଚୌଧୁରୀ, ବିରାଜ ରଥ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ ଏବଂ ବୁନ୍ତି ମହାନ୍ତି ଦେଇଥିବା ବେଳେ ଶ୍ରୁତି ପ୍ରକାଶ ଦାଶ ସଂଯୋଜନା କରିଛନ୍ତି। ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। କାହାଣୀ ମାନସ ପଡ଼ିଆରୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାତ୍ର। ■



# ଚାରିଧାମ ର ପ୍ରଥମ ପୋଷ୍ଟର ରିଲିଜ୍

ପବିତ୍ର ରଥଯାତ୍ରାରେ ରିଲିଜ୍ ହୋଇଛି ଓଡ଼ିଆ ଫିଲ୍ମ 'ଚାରିଧାମ-ଏ ଜର୍ଣ୍ଣି ୱିଦିନ'ର ପ୍ରଥମ ଅଫିସିଆଲ୍ ପୋଷ୍ଟର। ଏଥିରେ ଭାରତର ଚାରିଧାମର ଫଟୋ ସ୍ଥାନ ପାଇଥିବା ବେଳେ ଏହାର ଟ୍ୟାଗ୍‌ଲାଇନ ଦର୍ଶକଙ୍କ ମନକୁ ଛୁଇଁଛି। ଏହି ସିନେମାରେ ନଜର ଆସିବେ ଓଡ଼ିଆ ଫିଲ୍ମର ସୁପରଷ୍ଟାର ଅନୁଭବ ମହାନ୍ତି। ଏହା ଏକ ବିଗ୍ ବଜେଟ୍ ଫିଲ୍ମ। ଆସନ୍ତା ଦୁର୍ଗାପୂଜାରେ ଫିଲ୍ମଟି ସାରା ଓଡ଼ିଶାରେ ରିଲିଜ୍ ହେବାର ଯୋଜନା ଅଛି। ଏହି ଫିଲ୍ମରେ ଅନୁଭବଙ୍କ ସହିତ ନଜର ଆସିବେ ଅନୁରାଧା ପାଣିଗ୍ରାହୀ, ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର। କ୍ୟାମେରା କୁଇନ୍ ପ୍ରଡକ୍ସନର ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଲ୍ ରାଉତରାୟ ଓ ସଂଳାପ ଲେଖିଛନ୍ତି କୁମାରଶ୍ରୀ ସାହୁ। ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥି ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଫିଲ୍ମର କୋରିଓଗ୍ରାଫର ଅଛନ୍ତି ଗିରିଶ ମହାନ୍ତି। ଏହାର ଚିତ୍ରନାଟ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ। ଚିରାଚରିତ କାହାଣୀଠାରୁ ଭିନ୍ନ ଏହି ଫିଲ୍ମର ସୁଟିଂ ଓଡ଼ିଶା ସହ ଭାରତର ଅନ୍ୟ ରାଜ୍ୟରେ ମଧ୍ୟ କରାଯାଉଛି। ■

# ମହିଳା ଚରିତ୍ରରେ ରିତେଶ



ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ଆଗାମୀ ହିନ୍ଦୀ ସିନେମାରେ ନଜର ଆସିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରିତେଶ ଦେଶମୁଖ। ଏହି ନୂଆ ସିନେମାରେ ରିତେଶ ମହିଳା ଚରିତ୍ରରେ ଅଭିନୟ କରିବା କୁହାଯାଉଛି। ତେବେ ସୁଭାଷ ରିତେଶଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଅଭିନେତ୍ରୀ ବାଛି ସାରିଥିବା କହିଛନ୍ତି। ସୁଭାଷ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ରିତେଶ ମହିଳା ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏହି ଫଟୋଟି ୨୦୦୬ ମସିହାର ଫିଲ୍ମ 'ଅପନା ସପନା ମନି ମନି'ର।' ଅବଶ୍ୟ ଉକ୍ତ ଫିଲ୍ମର କାହାଣୀ ଏବଂ ଶୀର୍ଷକ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। ରିତେଶ ଏହି ପ୍ରୋଜେକ୍ଟରେ ସୁଭାଷଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ ଏହି କଥା ସାମ୍ନାକୁ ଆସିବା ପରେ ରିତେଶଙ୍କ ପ୍ରଶଂସକଙ୍କଠାରେ ଫିଲ୍ମକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ■

ସାକ୍ଷାତ

# "ଅଭିନୟ ମୋ ଜୀବନ"

**ସମୀର କୁମାର ଶତପଥୀ, ଅଭିନେତା**



ମଞ୍ଚ ନାଟକରେ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୁଏ। ଏହା ସିନେମା କି ଧାରାବାହିକରେ ସମ୍ଭବ ହୁଏନି। ହେଲେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ମଞ୍ଚରେ ୮୦ରୁ ଊର୍ଦ୍ଧ୍ୱ ନାଟକ କରି ପ୍ରଶଂସିତ ହୋଇଛନ୍ତି। ଆଉ ଏବେ ଧାରାବାହିକ ଏବଂ ଚଳଚ୍ଚିତ୍ରରେ ଜୀବନ୍ତ ଅଭିନୟ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାବାନ କଳାକାର ଜଣକ ହେଉଛନ୍ତି ପୁରୀର ସମୀର କୁମାର ଶତପଥୀ। ବାପା ଶରତ ଚନ୍ଦ୍ର ଶତପଥୀ ଓ ମା' ହରପ୍ରିୟା ଶତପଥୀଙ୍କ ପ୍ରେରଣାରେ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛନ୍ତି। 'ଶ୍ରୀ ଜଗନ୍ନାଥ' ତାଙ୍କର ପ୍ରଥମ ଧାରାବାହିକ ଥିଲା। ୧୩ରୁ ଊର୍ଦ୍ଧ୍ୱ ଧାରାବାହିକରେ କାମ କରିଥିବା ସମୀର ଏବେ 'ସାଥି ସାତ ଜନ୍ମର'ରେ ସ୍ୱସ୍ତିକ ଚରିତ୍ରରେ ଘରେ ଘରେ ପରିଚିତ। ତେବେ କ୍ୟାମେରା ସାମ୍ନାରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ସମୀରଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସଂପର୍କରେ।

**ମଞ୍ଚ ଅଭିନେତାରୁ ଧାରାବାହିକକୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ବିସିଏ ପଢ଼ିବା ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍‌ରେ ୮୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ ପାଇଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଧାରାବାହିକରେ କାମ କରିବାକୁ ମନ ବଳାଇଥିଲି। ମୋତେ ପ୍ରଥମେ ଏହି ସୁଯୋଗ ଦେଇଥିଲେ ହିମାଂଶୁ ପରିଜା ସାର୍। 'ତରଙ୍ଗ'ର 'ଶ୍ରୀଜଗନ୍ନାଥ' ମୋର ପ୍ରଥମ ଧାରାବାହିକ ଥିଲା। 'ସର୍ବଜିତା ଅନୁ', 'ମାୟା ଓ ମମତା', 'ତୁ ଖରା ମୁଁ ଛାଇ' ଆଦି ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଛି। ତେବେ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତା ଭିତରେ ମୁଁ ଏମ୍‌ସିଏ ପଢ଼ା ସାରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ସମୟରେ ଭୟ ଲାଗିଥିଲା କି?**

● ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିବା ପରେ ସଂଳାପ କହିବାକୁ ଆମକୁ ଡର ଲାଗେନି। ହେଲେ ପ୍ରଥମ କରି କ୍ୟାମେରା ସାମ୍ନା କରିବାରେ ଟିକେ ଭୟ କରିଥିଲି। ଧୀରେ ଧୀରେ କ୍ୟାମେରା ସାମ୍ନାରେ କାମ କରିବା ପରେ ଅଭ୍ୟସ୍ତ ହୋଇ ଯାଇଥିଲି। ଗୋଟିଏ କଥା କହିବି, କ୍ୟାମେରା ହେଉ କି ମଞ୍ଚ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**କେଉଁ ଚରିତ୍ର ଆପଣଙ୍କୁ ଭଲ ପରିଚୟ ଦେଇଛି?**

● 'ତୁ ଖରା ମୁଁ ଛାଇ' ଧାରାବାହିକର ନେଗେଟିଭ୍ ଚରିତ୍ର 'ଆକାଶ' ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଉ ଏବେ 'ସାଥି ସାତ ଜନ୍ମର' 'ସ୍ୱସ୍ତିକ' ଚରିତ୍ରକୁ ଦର୍ଶକ ଢେର ସାରା ଭଲ ପାଇବା ଦେଇଛନ୍ତି। ମାତ୍ର ୬ମାସ ଭିତରେ ଏହି ଧାରାବାହିକକୁ ଏତେ ଭଲ ପାଇବା ମିଳିବା ମୋ ପାଇଁ ସୌଭାଗ୍ୟର କଥା।

**ଧାରାବାହିକରେ ଅଭିନୟ କରିବାକୁ କ'ଣ କ'ଣ ଗୁଣ ରହିବା ଜରୁରି?**

● କ୍ୟାମେରା ସାମ୍ନାରେ କାମ କରିବାକୁ ହେଲେ, କିଛି ଟେକ୍‌ନିକ୍ ଶିଖିବା ଜରୁରି। ମଞ୍ଚରେ ଗୋଟିଏ ଦୃଶ୍ୟ କରିବାକୁ ଗୋଟିଏ ଥର ସମୟ ନିଆଯାଏ। ହେଲେ ଏଠି ସେ ସିଷ୍ଟମ୍ ନାହିଁ। ମୋତେ ସୁଟିଂରେ ସବୁଠୁ କଷ୍ଟ ଲାଗେ, ନିଜ ଅନୁଭବକୁ ଚାପି ରଖିବା। ଅର୍ଥାତ୍ ଗୋଟିଏ ଚରିତ୍ରରେ ଇମୋସନ୍ ଦେଖାଇବାକୁ ଦୁଇରୁ ତିନିଟି ସୋପାନ ଦେଇ ଗତି କରିବାକୁ ପଡ଼େ। ସବୁବେଳେ ସମାନ ଫିଲିଙ୍ଗିସ୍ ରଖିବାକୁ ପଡ଼େ। ତେଣୁ ସକାରାତ୍ମକ କି ନକାରାତ୍ମକ ଚରିତ୍ର ମିଳିଲେ, ଦର୍ଶକ ଏହି ଚରିତ୍ରରୁ କ'ଣ ଚାହୁଁଛନ୍ତି, ଏହି ଚରିତ୍ରର କେତେ ଗଭୀରତା ତାହାକୁ ଗୁରୁତ୍ୱ ଦେଇ ଅଭିନୟ କରିବାକୁ ପଡ଼େ।

**ଆଗାମୀ ଯୋଜନା?**

● ବଡ଼ ପରଦାରେ 'ବାଲା ଦ ରିଦମ ଅଫ୍ ଲାଇଫ୍'ରେ ଲିଡ୍ ଚରିତ୍ରରେ କାମ କରିସାରିଛି। ଆଗକୁ ବଡ଼ ପ୍ରୋଜେକ୍ଟର କାମ କରିବାକୁ ଯୋଜନା ଚାଲିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ଅଭିନୟ ମୋ ଜୀବନ। ଯଦି ମୋ ଦିନ ଆରମ୍ଭରୁ କେହି ମୋର ଅଭିନୟକୁ ନେଇ କିଛି ଟିପ୍ପଣୀ ଦିଅନ୍ତି, ସେଦିନଟି ମୋ ପାଇଁ ବହୁତ ଭଲ ଥାଏ। ପିଲାଟି ଦିନରୁ ଆଜିଯାଏଁ ମୁଁ କେବଳ ଅଭିନୟ କଥା ଭାବେ। ତେଣୁ ସମୟ ମିଳିଲେ, ଭଲ ଭଲ ଫିଲ୍ମ ଦେଖେ। ମୋ ଅଭିନୟକୁ କେମିତି ଆଉ ଟିକେ ସୁଧାରିବି, ଆଗକୁ ବଢ଼ିବି ସେ ନେଇ ପ୍ରୟାସ କରିଥାଏ। ■

ପରଦା ପଛର କାହାଣୀ



# ସୁଟିଂ ପାଇଁ ଅମିତାଭ ଖାଇଥିଲେ ୧୫ଟି ପାନ

ବଲିଉଡ୍ ସୁପରଷ୍ଟାର୍ ଅମିତାଭ ବଚ୍ଚନଙ୍କ ଅନେକ ସୁପରହିଟ୍ ଗୀତ ରହିଛି। ଯାହାକୁ ସିନେ ଦର୍ଶକ ଏବେ ମଧ୍ୟ ଭୁଲି ପାରିନାହାନ୍ତି। ସେଥିମଧ୍ୟରୁ 'ଡନ୍' ଫିଲ୍ମର 'ଖାଇକେ ପାନ ବନାରସ ବାଲା...' ଗୀତ ଅନ୍ୟତମ। ତେବେ ଏହି ମନୋରଞ୍ଜନଭିତ୍ତିକ ଗୀତ ପଛରେ ଅନେକ ରୋଚକୀୟ କାହାଣୀ ରହିଛି। ଏହି ଗୀତର ସୁଟିଂ ପାଇଁ ଅମିତାଭ ବଚ୍ଚନ ପ୍ରାୟ ୧୫-୧୬ ଟି ପାନ ଖାଇଥିଲେ। ଓଠକୁ ନାଲି ରଙ୍ଗ କରିବା ପାଇଁ ସେ ଏହି ପାନ ଚୋବାଇଥିଲେ। କିନ୍ତୁ ଅଧିକ ପାନ ଖାଇବାରୁ ପାନରେ ଥିବା ଚୂନ ଯୋଗୁଁ ତାଙ୍କ ପାଟି ଖାଇ ଯାଇଥିଲା। ଏଥିପାଇଁ ତାଙ୍କୁ ବହୁ ଦିନ ଧରି ଦରଜ ସହିବାକୁ ପଡ଼ିଥିଲା। ସବୁଠୁ ରୋଚକୀୟ କଥା ହେଉଛି 'ଖାଇକେ ପାନ ବନାରସ ବାଲା...' ଗୀତଟି 'ଡନ୍' ଫିଲ୍ମ ପାଇଁ ଲେଖାଯାଇ ନଥିଲା। ଏହି ଫିଲ୍ମ ବାସ୍ତବରେ ଦେବାନନ୍ଦଙ୍କ 'ବନାରସୀ ବାବୁ' ଫିଲ୍ମ ପାଇଁ ଲେଖା ଯାଇଥିଲା। ତେବେ ଏହି ଗୀତଟି ସେହି ଫିଲ୍ମରେ ବ୍ୟବହାର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଭିନେତା ମନୋଜ କୁମାରଙ୍କ ପରାମର୍ଶ କ୍ରମେ ଏହି ଗୀତକୁ ଅମିତାଭ ବଚ୍ଚନଙ୍କ 'ଡନ'ରେ ସାମିଲ କରାଯାଇଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର କାହାଣୀ ସଲିମ ଯାଦବଙ୍କ ଯୋଡ଼ି ଲେଖିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଚନ୍ଦ୍ରା ବାରୋଟ। ଏଥିରେ ଅମିତାଭ ବଚ୍ଚନ, ଜୀନତ ଅମାନ, ପ୍ରାଣ, ଇମ୍‌ତେଫାକ୍ ଏବଂ ହେଲେନ୍ ଆଦି କଳାକାର ଅଭିନୟ କରିଛନ୍ତି। ସେହିପରି ଏହି ଫିଲ୍ମର ଗୀତ 'ମେ ହୁଁ ଡନ୍', 'ୟେ ହେ ବମ୍ବେ ନଗରୀୟା', 'ଜିସ୍‌କା ମୁଝେ ଥା ଇନ୍ତଜାର୍' ଏବଂ 'ୟେ ମେରା ଦିଲ୍' ଆଦି ଅନେକ ଗୀତ ରହିଛି। ଏହି ସବୁ ଗୀତଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଥିଲା। ତେବେ 'ଖାଇକେ ପାନ ବନାରସ ବାଲା...' ଗୀତ ଫିଲ୍ମ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। ■

## ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# ଜୟସ୍ୱାଲ କ୍ରମାଗତ ଶତକରୁ ବଞ୍ଚିତ

ଏଜ୍‌ବାଷ୍ଟନ, ୨।୭ (ଏଜେନ୍ସି):

ଇଂଲଣ୍ଡ ସହ ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ୮୭ ରନ୍‌ରେ ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୦୧ ରନ୍ କରିଥିବା ଜୟସ୍ୱାଲ ଏହା ଫଳରେ କ୍ରମାଗତ ଶତକ ହାସଲ କରିବାରେ ଅସମର୍ଥ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଭଳି ଏଠାରେ ମଧ୍ୟ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଶେଷ ଖବର ସୁଦ୍ଧା ୫ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ଶୁବମନ ଗିଲ୍ ୫୯ ଓ ରବୀନ୍ଦ୍ର ଜାଡେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୨, ନଂ-୩ରେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା କରୁନ ନାୟାର ୩୧, ଉପଅଧିନାୟକ ଋଷଭ ପନ୍ତ୍ ୨୫, ଅଲରାଉଣ୍ଡର ନୀତୀଶ ରେଡ୍ଡି ୧ ରନ୍ କରିଛନ୍ତି। ଏହି ପିଚ୍ ପ୍ରଥମ ଘଣ୍ଟାରେ ବୋଲରଙ୍କୁ କିଛିଟା ସହାୟତା କରିଥିଲାବେଳେ କର୍ଣ୍ଣାଟକର ଦୁଇ ବ୍ୟାଟର ରାହୁଲ ଓ ନାୟାର ଏହାର ମୁକାବିଲା କରି ପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଛି। ବ୍ରାଇଡର୍ନ କାର୍ସ, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି।

ସୂଚନାଯୋଗ୍ୟ ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏହା ଫଳରେ ଘରୋଇ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍ ବରାବର କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କିନ୍ତୁ ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିବା ୮ଟି ଟେଷ୍ଟ ମଧ୍ୟରୁ ଭାରତ ଗୋଟିଏ ହେଲେ ଟେଷ୍ଟରେ ଜିତିନାହିଁ।




### ବୁମ୍‌ରାଙ୍କୁ ବିଶ୍ରାମ, ଆକାଶଙ୍କୁ ସୁଯୋଗ

ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଜ୍‌ବାଷ୍ଟନରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଛି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଥିବା ଦଳରୁ ବୁମ୍‌ରାଙ୍କ ସମେତ ୩ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଅନ୍ୟ ଦୁଇଜଣ ଖେଳାଳି ହେଲେ ନଂ-୩ରେ ବ୍ୟାଟିଂ କରିଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁର। ଏହି ୩ଜଣଙ୍କ ସ୍ଥାନରେ ଭାରତ ଦୁଇ ଜଣ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି (ପେସ୍) ଓ ୱାଶିଂଟନ ସୁନ୍ଦର (ସ୍ପିନ୍)ଙ୍କୁ ଖେଳାଇଛି। ବୁମ୍‌ରାଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପଙ୍କୁ ନିଆଯାଇଛି। ଆକାଶ ଦୀପ ଅଷ୍ଟ୍ରେଲିଆରେ ଭଲ ଖେଳିଥିଲେ। କିନ୍ତୁ ଇଂଲଣ୍ଡ ପିଚ୍‌ରେ ତାଙ୍କର ବିଶେଷ ଅଭିଜ୍ଞତା ନାହିଁ। ବୁମ୍‌ରାଙ୍କ ଅନୁପସ୍ଥିତିକୁ ଭରଣା କରିବା ଲାଗି ଉଭୟ ନୀତୀଶ ଓ ଆକାଶଙ୍କୁ ଦଳରେ ସାମିଲ କରାଯାଇଛି। ଏବେ ଇଂଲଣ୍ଡର ପିଚ୍ ବୋଲରଙ୍କୁ ବିଶେଷ ସହାୟତା ଦେଉ ନାହିଁ। ଏଥିଲାଗି ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁରଙ୍କ ସ୍ଥାନରେ ସ୍ପିନ୍ ବୋଲିଂ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ଭାରରତ ମଧ୍ୟ ନିମ୍ନକ୍ରମ ବ୍ୟାଟିଂ ବିପର୍ଯ୍ୟକୁ ଅଟକାଇବା ଲାଗି ସୁନ୍ଦର ସହାୟତା ଦେବେ ବୋଲି ଆଶା କରାଯାଉଛି।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୨୧୨/୫, ୬୨ ଓଭର (ଯଶସ୍ୱୀ ଜୟସ୍ୱାଲ-୮୭, ଶୁବମନ ଗିଲ ବ୍ୟାଟିଂ-୫୯, ଋଷଭ ପନ୍ତ୍ -୨୫, କରୁନ ନାୟାର-୩୧, କ୍ରିସ ଓକ୍ସ-୨/୫୦, ବ୍ରାଇଡନ କାର୍ସ-୧/୨୬, ବେନ୍ ଷ୍ଟୋକ୍ସ-୧/୩୩)।

# ତୃତୀୟ ରାଉଣ୍ଡରେ ସାବାଲେଙ୍କା, କିଜ୍

## ୱିମ୍ବଲଡନ ତୃତୀୟ ଦିବସ

ଲଣ୍ଡନ, ୨।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ୬ଷ୍ଠ ସିଡ୍ ମାଡିସନ କିଜ୍ ପ୍ରମୁଖ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ୩ୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷ ତାରକା ସାବାଲେଙ୍କା ୭-୬ (୭/୪), ୬-୪ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୭ ବର୍ଷୀୟ ସାବାଲେଙ୍କା ଏଠାରେ ପ୍ରଥମ ୱିମ୍ବଲଡନ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ଅନ୍ୟ ଏକ ୨ୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୪, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ କୋକୋ ଗଫ୍ ୬-୭ (୧/୭), ୧-୬ ସେଟ୍‌ରେ ୟୁକ୍ରେନର ଦୟାନା ୟାଷ୍ଟ୍ରେମସ୍କାଙ୍କ ନିକଟରୁ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗତ ମାସରେ ଗଫ୍ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ବ୍ରିଟିଶର ଓଲିଭର ଟ୍ରାଭେଟଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ଲଢ଼େଇ ଜାରି ରହିଛି।

## ■ କ୍ରମାଗତ ୨ୟ ଟି-୨୦ରେ ଇଂଲଣ୍ଡ ପରାସ୍ତ

# ଜେମିମା, ଅମନଜୋତ୍ ଭାରତକୁ ଜିତାଇଲେ

ବ୍ରିଷ୍ଟଲ, ୨।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ କ୍ରମାଗତ ଦ୍ୱିତୀୟ ଟି-୨୦ରେ ବିଜୟୀ ହୋଇଛି। ମଙ୍ଗଳବାର ୨ୟ ଟି-୨୦ ମ୍ୟାଚରେ ଭାରତ ୨୪ ରନରେ ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୯୭ ରନରେ ଜିତିଥିଲା। ସିରିଜର ତୃତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ଏହି ମ୍ୟାଚରେ ଭାରତ ଜେମିମା ରୋଡ୍ରିଗ୍ସେଜ (୬୩ ରନ) ଓ ଅମନଜୋତ୍ କୌର (ଅପରାଜିତ ୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ଟାମି ବିଉମଣ୍ଟ (୫୪ ରନ), ସୋଫି ଏକଲେଷ୍ଟୋନ (୩୫) ଓ ଆମି ଜୋନ୍ସ (୩୨)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ଇଂଲଣ୍ଡ ୭ ୱିକେଟ୍‌ରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ବାମହାତୀ ସ୍ପିନର ଶ୍ରୀଚରଣି ୨ ଏବଂ ଦୀପ୍ତି ଶର୍ମା ଓ ଅମନଜୋତ୍ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଅମନଜୋତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍ ଖେଳି ମନ୍ଧାନା ଭାରତର ୨ୟ ତଥା ବିଶ୍ୱର ୭ମ ମହିଳା କ୍ରିକେଟର୍ ଭାବେ ୧୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଟି-୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି।

## ଓସ୍‌ଜା ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

# ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୨।୭ (ସମିସ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା




ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସ୍‌ଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ଓସ୍ଜାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ୱାଇପିଏଲ୍ ସିଜନ-୨ରେ ମହିଳା ଟିମ୍

ଭୁବନେଶ୍ୱର, ୨।୭ (ସମିସ): ସ୍ଥାନୀୟ ଲୟୋଲା ସ୍କୁଲ ପରିସରରେ ଥିବା ପଠାନ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୟଙ୍ଗଷ୍ଟାର୍ ପ୍ରିମିଅର ଲିଗ୍ (ୱାଇପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୨୦ରୁ ଆରମ୍ଭ ହେବ। ଦ୍ୱିତୀୟ ସଂସ୍କରଣରେ ପୁରୁଷ ବିଭାଗରେ ୮ଟି ଦଳ ସମେତ ପ୍ରଥମଥର ଲାଗି ୪ଟି ମହିଳା ଦଳଙ୍କୁ ନେଇ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନଭେମ୍ବର ୨ରେ ଖେଳାଳି ନିଲାମୀ ଥିବାବେଳେ ନାମ ପଞ୍ଜିକରଣ ପ୍ରକ୍ରିୟା ଜୁଲାଇ ୬ରୁ ଆରମ୍ଭ ହେବ। ୩ଟି ବୟସ ବର୍ଗ (୧୪, ୧୬ ଓ ୧୯ ବର୍ଷରୁ କମ୍)ରେ ଖେଳାଳିମାନେ ନାମ ପଞ୍ଜିକରଣ କରିପାରିବେ।

# ୧୨ରେ 'ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨।୭ (ସମିସ): କୁସ୍ତିଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଜୁଲାଇ ୧୨ରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଉଶୁ ଖେଳାଳି ପାୟଲ ପଟ୍ଟନାୟକ ଓ ନୁପୁର ପଟ୍ଟନାୟକ, ରୋହିତ ସାମଲ (କୁସ୍ତି), ଇପସିତା ରାଉତ (ଫୁଟ୍‌ବଲ), କଣିକା ପ୍ରଧାନ (ସୁଟିଂ) ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବେ। ସେହିଭଳି ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ ପାଇଁ ସମୀକ୍ଷା ସ୍ମରଣିକାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ଓ ପିୟୁଷ ମହାନ୍ତି ସୂଚନା ଦେଇଛନ୍ତି।




# ସମ୍ବର୍ଦ୍ଧିତ କଲା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ

ଭୁବନେଶ୍ୱର, ୨।୭ (ସମିସ): ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ରସୁଲଗଡସ୍ଥିତ




ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡି, ଯୁବ କ୍ରୀଡ଼ାସାମ୍ବାଦିକ ଅନାଦି କରଙ୍କ ସହ କୁସୁମ ଟିଭିର ଏମ୍‌ଡି କୁସୁମମଞ୍ଜରୀ ଦାସଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି, ଲଲାଟେନ୍ଦୁ ମିଶ୍ର, ଅକ୍ଷୟ ମିଶ୍ର, ଦୀପକ ତ୍ରିପାଠୀ ଓ ଅତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହ କ୍ରୀଡ଼ାବିତ ଓ କ୍ରୀଡ଼ା ସମ୍ବାଦିକଙ୍କ ଭୂମିକା ଖେଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଉତ୍ସବ ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରରେ ଏକାଡେମୀର ସଦସ୍ୟମାନେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ କରିଥିଲାବେଳେ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତୀୟ ଖୋ ଖୋ ମହାସଂଘର ନିର୍ବାଚନ

# ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ଉପସଭାପତି

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ)ର ନିର୍ବାଚନ ପ୍ରକ୍ରିୟା ବୁଧବାର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ସୁଧାଂଶୁ ମିତ୍ତଲ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପକାର ସିଂ ବିରକ ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିଛନ୍ତି। ନିର୍ବାଚିତ ହୋଇଥିବା ୮ଜଣ ଉପସଭାପତିଙ୍କ ମଧ୍ୟରେ ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ପ୍ରଦ୍ୟୁମ୍ନ ବର୍ତ୍ତମାନ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପଦ ସମ୍ଭାଳୁଛନ୍ତି। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ୪ଜଣ ଓ ୧୩ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# ଜାତୀୟ ଶିଶୁ ଓ ମିନି ଅସିଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ଠାରେ ଆସନ୍ତା ୫ରୁ ୭ ତାରିଖଯାଏ ହେବାକୁ ଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ ଦଳରେ ପ୍ରିୟଲୋଚନା ନାଏକ, ମନୀଷ ନାଏକ, ନିଖିଳ ସାହୁ, ଓମ୍‌ଶଙ୍କର ପଟେଲ, ଅରିଜିତ୍ ପଟେଲ, ଶୋଭିତ ମୁଗ୍ରୀ, ପ୍ରଭାସ ଦୋରା ଓ ସ୍ଥିତିକା ସାହୁଙ୍କୁ ସାମିଲ କରାଯାଇଛି। ୧୨ ବର୍ଷରୁ କମ୍ ମିନି ଦଳରେ ବିଭୁତି ପଟେଲ, ରୁଦ୍ରାଂଶ



ସ୍ୱାଇଁ, ସ୍ୱୟମ ପଟେଲ, ସମ୍ବିତ ପଧାନ, ସୌମ୍ୟରଞ୍ଜନ ବଗର୍ତ୍ତୀ, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଷା ମହାନ୍ତି, ସିପୁନ ପଟେଲଙ୍କୁ ସ୍ଥାନ ମିଳିଛି ବୋଲି ଓଡ଼ିଶା ଫେନ୍ସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତରଞ୍ଜନ ପୁରୋହିତଙ୍କଠାରୁ ପ୍ରକାଶ। ସୁକାନ୍ତ ସେଠ, କରିଶ୍ମା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁରଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ୍, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଙ୍କେତ ଯୋଶି, ପୟୋସ୍ୱିନୀ ପୁରୋହିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS